୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୫/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, December 25/2024 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 32 | ମୂଲ୍ୟ₹୭/-

DN Group



## 1919-1998

DRAWING INSPIRATION FROM THE LIFE AND LEGACY OF

# DASARATHI NAIK

ON HIS 105TH BIRTH ANNIVERSARY

25TH DECEMBER 2024

YOU REMAIN OUR GUIDING LIGHT TOWARDS UPHOLDING
YOUR IDEALS IN SERVICE OF HUMANITY.




# ଅଦିନିଆ ବର୍ଷା ଚିନ୍ତାରେ ଚାଷୀ

▪ **ଧାନର ମାନ ଖରାପ ଥିଲେ ସରକାର କିଣିବେ: ଖାଉଟି କଲ୍ୟାଣ ମନ୍ତ୍ରୀ**
▪ **ଫସଲ ପାଇଁ କ୍ଷତିପୂରଣ ମିଳିବ: ରାଜସ୍ୱ ମନ୍ତ୍ରୀ**

**ଭୁବନେଶ୍ୱର,୨୪।୧୨(ଅନିଲ ଦାସ)**

ଗତ କିଛିଦିନ ଧରି ରାଜ୍ୟରେ ଲଘୁଚାପ ଓ ଗୁରୁଚାପ ଜନିତ ବର୍ଷା ଲାଗି ରହିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ ପାଣି ବିଲରେ ଲୋଟିଛି। ଧାନର ମାନ ଖରାପ ହେଲେ ବିକ୍ରିଯୋଗ୍ୟ ହେବ ନାହିଁ। ଧାନ ଗଜା ହୋଇଯିବାର ସମ୍ଭାବନା ରହିଛି। ପରିଶ୍ରମର ମୂଲ ମିଳିବ କି ନାହିଁ ଏଭଳି ଅନେକ ପ୍ରଶ୍ନ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରି ସ୍ଥଳେ ରାଜ୍ୟ ସରକାରଙ୍କ ଆଶ୍ୱାସନା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି।

ଧାନର ମାନ ଖରାପ ଥିଲେ ମଧ୍ୟ ରାଜ୍ୟ ସରକାର କିଣିବେ। ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି,ଟୋକନ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ଚାଷୀଙ୍କୁ ଆହୁରି ୧୫ ଦିନ ମହଲତ ଦିଆଯିବ। ଓଦା ଧାନ ଶୁଖାଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ପାଗ ଖରାପ ଯୋଗୁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବ ନାହିଁ। ବର୍ଷାରେ ଯେଉଁ ଚାଷୀଙ୍କର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଏବେ ସୁଦ୍ଧା ମଣ୍ଡିରେ ୭.୫ ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଛି। ପ୍ରାୟ ଦେଢ଼ ଲକ୍ଷ କୃଷକଙ୍କ ଆକାଉଣ୍ଟକୁ ୨୧ ଶହ କୋଟି ଟଙ୍କା ଦିଆଯାଇଛି। ଏପର୍ଯ୍ୟନ୍ତ ଗୋଟିଏ ଅଭିଯୋଗ ଆସିନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସେ କହିଛନ୍ତି, ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଓ ଚାଷୀଙ୍କ ଭିତରେ ସହାଭାଗିତା ଦରକାର। ଜିଲା ପ୍ରଶାସନ ମଧ୍ୟ ସହାୟତା କରିବ। ଚାଷୀ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ। ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ଅନ୍ୟପକ୍ଷରେ ଲଘୁଚାପ ଜନିତ ବର୍ଷା ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇଛି । ଆସନ୍ତା ୩ ଦିନ ଭିତରେ କ୍ଷୟକ୍ଷତି ଆକଳନ କରି ଜିଲାପାଳ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। କ୍ଷୟକ୍ଷତିର ଠିକ୍ ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇ ନ ଥିଲେ ବିକ୍ରି କରିବା ପାଇଁ ବ୍ୟବସ୍ଥା କରାଯିବ। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ଏବଂ ବିକ୍ରିଯୋଗ୍ୟ ହୋଇ ନ ଥିଲେ ତା'ର ସମ୍ପୂର୍ଣ୍ଣ କ୍ଷତିପୂରଣ ଚାଷୀଙ୍କୁ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି।

# ମୁଁ ୨ ଥର ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଛି: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ୨୦୨୪ ପାଳିତ

**ଭୁବନେଶ୍ୱର, ୨୪।୧୨ (ସୁନିତ୍ ମିଶ୍ର)**

ମୁଁ ଥରେ ନୁହେଁ ୨ ଥର ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଛି। ୧୯୯୦ ଓ ୨୦୦୨ ମସିହାରେ ଏହାର ଶିକାର ହୋଇଥିଲି। ଗୋଟିଏ ସରକାରୀ ଏବଂ ଅନ୍ୟ ଏକ ବେସରକାରୀ ସଂସ୍ଥାରେ ଠକେଇର ଶିକାର ହୋଇଥିଲି। ଟଙ୍କା ଯୋଗାଡ଼କରି ଦେଇଥିଲି, କିନ୍ତୁ ପରେ ସଂସ୍ଥା ହିଁ ଉଭାନ ହୋଇଯାଇଥିଲା। ୧୯୮୬ ଆଇନ ଅନୁସାରେ ଅପିଲ କରିଥିଲି ହେଲେ ବି ଟଙ୍କା ମିଳିଲାନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ମଙ୍ଗଳବାର ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ୨୦୨୪ ପାଳନ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାଗରିକ ସମାଜ ଏବଂ ସର୍ବୋପରି ଗଣମାଧ୍ୟମର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି। ସବୁ ବର୍ଗର ଉପଭୋକ୍ତା ଯେପରି ସକ୍ରିୟ ଭାବେ ଅଂଶଗ୍ରହଣକରି ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ସଫଳତାରେ ଭାଗୀଦାରି ହୋଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଦା ସହଯୋଗ ରହିବ। ଉପଭୋକ୍ତାମାନଙ୍କୁ ସୁରକ୍ଷାଦେବା ପାଇଁ ୧୯୮୬ ଡିସେମ୍ବର ୨୪ରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲା। ଏହିଆଇନରେ ବ୍ୟବସାୟୀ ସଂସ୍ଥାକୁ ଉତ୍ତରଦାୟୀ କରିବା ପାଇଁ ଯଥେଷ୍ଟ ପ୍ରାବଧାନ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଗୁରୁତର ସହ ନେଇ ପାର୍ଲାମେଣ୍ଟରେ ନୂଆ ଉପଭୋକ୍ତା ଆଇନ ୨୦୧୯ ପାରିତ କରିଥିଲେ। ୨୦୨୦ ଜୁଲାଇ ୨୦ରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେଉଛି। ଏହି ଆଇନରେ ଠକସଂସ୍ଥାକୁ ଉତ୍ତରଦାୟୀ କରିବା ସହ ସମସ୍ତ ପ୍ରକାର ଗଳାବାଟ ବନ୍ଦ କରିବାର ପ୍ରାବଧାନ କରାଯାଇଛି। ବର୍ତ୍ତମାନର ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମ ଯୁଗରେ ଲୋକମାନେ ସହଜରେ ଠକାମିର ଶିକାର ହେଉଛନ୍ତି। ସେବା ଓ ସାମଗ୍ରୀ ଯୋଗାଇଦେଉଥିବା ସଂସ୍ଥା ଲୋକଙ୍କୁ ଠକିଦେଇ ରାତାରାତି ଗାଏବ ହୋଇଯାଉଛନ୍ତି। ୨୦୧୦ରେ ଓଡ଼ିଶାରେ ଚିଟ୍‌ଫଣ୍ଡ ସଂସ୍ଥା ମାଧ୍ୟମରେ ବହୁ ଲୋକ ଠକାମିରେ ଶିକାର ହୋଇଥିଲେ। ଏସବୁକୁ ରୋକିବା ଓ ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ପାଇଁ ଏହି ନୂଆ ଆଇନରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଗଠନ କରାଯାଇଛି। ଉପଭୋକ୍ତା ଅଧିକାରର କୌଣସି ପ୍ରକାର



ଉଲ୍ଲଂଘନ ହେଲେ ଏହି ପ୍ରାଧିକରଣ ତା'ର ଯାଞ୍ଚ ଓ ତଦନ୍ତକରି ସୁରକ୍ଷା ଯୋଗାଇଦେବେ। ଉପଭୋକ୍ତାମାନେ ମଧ୍ୟ ଘରେ ବସି ଇ-ଫାଇଲିଂ ମାଧ୍ୟମରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ ଓ ନ୍ୟାୟ ପାଇପାରିବେ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଆମକୁ ପ୍ରଥମେ ସଚେତନ ହେବାକୁ ପଡ଼ିବ। ତା'ହେଲେ ଯାଇ ବ୍ୟକ୍ତି ଅଧିକାର ସୁରକ୍ଷିତ ରହିପାରିବ। ଏବେ ରାଜ୍ୟ ତଥା ଜିଲାସ୍ତରରେ ସଚେତନତା ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖାଉଟି ସୁରକ୍ଷା ବିପ୍ଲବକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ତେଣୁ ଏକ ଠକେଇମୁକ୍ତ ତଥା ଅସାଧୁ ବ୍ୟବସାୟୀମୁକ୍ତ ଓଡ଼ିଶା କିପରି ଗଠନହେବ ସେଥିପାଇଁ ଜନସାଧାରଣ ମତାମତ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସଚେତନ ଲୋକମାନେ ହେଉଛନ୍ତି ଉତ୍ତମ ଖାଉଟି। ଖାଉଟି ସଚେତନ ହେଲେ ଠକେଇ ବିରୋଧରେ ନ୍ୟାୟ ପାଇବେ ବୋଲି ସେ କହିଛନ୍ତି। ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଦିଲୀପ ମହାପାତ୍ର କହିଛନ୍ତି, ୨୦୧୯ରୁ ଉପଭୋକ୍ତାମାନଙ୍କ ସୁବିଧା ପାଇଁ ଘରେ ବସି ଅଭିଯୋଗ ଦାଖଲ କରିବାର ସୁବିଧା କରାଯାଇଛି। ଓଡ଼ିଶାରେ ଏବଂ ସମଗ୍ର ଦେଶରେ ଅନ୍‌ଲାଇନ କେସ୍ ଫାଇଲିଂ ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି। ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଅନ୍‌ଲାଇନ ଶୁଣାଣି ବ୍ୟବସ୍ଥା ଆରମ୍ଭ ହୋଇଥିଲା ବୋଲି ସେ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଉପଭୋକ୍ତାମାନଙ୍କୁ ଦୈନନ୍ଦିନ ଜୀବନରେ ହେଉଥିବା ଶୋଷଣରୁ ମୁକ୍ତକରିବା ପାଇଁ ଆମ ବିଭାଗ ଜାଗ୍ରତ ରହିଛି। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଛନ୍ତି।

# ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲା: ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ

**କଟକ,୨୪।୧୨ (କାର୍ତ୍ତିକ ସାହୁ)**

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ଓଡ଼ିଶା ହାଇକୋର୍ଟ ମଙ୍ଗଳବାର ଖାରଜ କରି ଦେଇଛନ୍ତି। ତେବେ ଏହାକୁ ମିଶାଇ ତାଙ୍କର ଏକାଧିକ ବାର ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ସୂଚନାନୁସାରେ, ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ ପ୍ରାୟ ୧୭ ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ଏହି ସଂସ୍ଥା ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଶାଖାମାନ ଖୋଲି ପ୍ରାୟ ୧୦ ହଜାର କୋଟି ଟଙ୍କା ଆଦାୟ କରିଥିଲା। ସ୍ୱଳ୍ପ ସମୟରେ ଲୋକଙ୍କ ଜମାରାଶିକୁ ଦୁଇଗୁଣା କରିବାର ଲୋଭନୀୟ ପ୍ରତିଶ୍ରୁତି ଦେଇ ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ତ୍ରିପୁରା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ଅନ୍ୟାନ୍ୟ ସ୍ଥାନରେ ସଂସ୍ଥାର ଶାଖା କାର୍ଯ୍ୟାଳୟ ଖୋଲି କୋଟି କୋଟି ଟଙ୍କା ଆଦାୟ କରିଥିଲା। ପରବର୍ତ୍ତୀ ସମୟରେ ସଂସ୍ଥା ଜମାକାରୀଙ୍କ ଅର୍ଥ ନ ଫେରାଇବାରୁ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ପରିସ୍ଥିତି ଜଟିଳ ରୂପ ନେବା ପରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସିବିଆଇ ମାମଲାର ତଦନ୍ତ ଭାର ନେଇଥିଲା। ସିବିଆଇ ରୋଜ୍‌ଭ୍ୟାଲିର ନିର୍ଦ୍ଦେଶକ ଗୌତମ କୁଣ୍ଡୁଙ୍କୁ ୨୦୧୫ ମାର୍ଚ୍ଚରେ ଗିରଫ କରିଥିଲା। ସିବିଆଇ ତଦନ୍ତବେଳେ ଉକ୍ତ ସଂସ୍ଥା ୧୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା।

DSPL-273





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନୂତନ ଭାବରେ ଗଠିତ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି (M-PACS) ର

ଶୁଭାରମ୍ଭ

ରାଜ୍ୟସ୍ତରୀୟ ଉତ୍ସବ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଦୟ ଉପସ୍ଥିତି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

ସମ୍ମେଳନ ଗୃହ
ଲୋକସେବା ଭବନ, ଭୁବନେଶ୍ୱର

୨୫ ଡିସେମ୍ବର, ୨୦୨୪
ଅପରାହ୍ନ ୪ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0011/2425

# ଜବରଦଖଲରେ ୩୦ ହଜାର ଏକର ଜଙ୍ଗଲ ଜମି

**କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୩୦ ହଜାର ଏକର ଜଙ୍ଗଲ ଜମିକୁ ବାଂଲାଦେଶୀ ଅନୁପ୍ରବେଶକାରୀ ଦୀର୍ଘବର୍ଷ ଧରି ମାଡ଼ିବସିଛନ୍ତି। ରାଜନଗର ବ୍ଲକ୍‌ର ତାଳଚୁଆଠାରୁ ମହାକାଳପଡ଼ା ବ୍ଲକ୍ ଜମ୍ବୁ ତଟ ପର୍ଯ୍ୟନ୍ତ ୮୯ କି.ମି. ପରିବ୍ୟାପ୍ତ ବେଳାଭୂମି ସଂଲଗ୍ନ ଜଙ୍ଗଲ ଜମିକୁ ଜବରଦଖଲ କରିବା ସହ ଚାଷବାସ ମଧ୍ୟ କରୁଛନ୍ତି। ଏତିକି ନୁହେଁ, ଅନୁପ୍ରବେଶକାରୀମାନେ ନିଜ ଘରେ ବିଭିନ୍ନ ଯନ୍ତ୍ରାଂଶ ଲଗାଇ ବାଂଲାଦେଶକୁ ଗୁପ୍ତ ତଥ୍ୟ ପ୍ରେରଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହାସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଓ ଜଙ୍ଗଲ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବାଂଲାଦେଶୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ନ କଲେ ଜଙ୍ଗଲ କ୍ଷୟହେବା ସହ ଭବିଷ୍ୟତରେ ମଧ୍ୟ ସ୍ଥାନୀୟ ଓ ଜାତୀୟ ସୁରକ୍ଷା ବିପନ୍ନ ହେବା ଆଶଙ୍କା ଉପୁଜିଛି।**

**ପଟ୍ଟାମୁଣ୍ଡାଇ, ୨୪।୧୨ (କଳ୍ପତରୁ ନାୟକ)**

୨୦୦୯ର ସରକାରୀ ତଥ୍ୟ ଅନୁଯାୟୀ ୨୦୧୫ରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ମହାକାଳପଡ଼ା, ରାଜନଗର ଅଞ୍ଚଳରେ ରହୁଥିବା କହିଥିଲେ। ହେଲେ ୨୦୦୯ ମସିହାରେ ବାଂଲାଦେଶୀଙ୍କ ସଂଖ୍ୟା ୮୦ ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ଏବେ ୨ ଲକ୍ଷରୁ ଅଧିକ ହୋଇଗଲାଣି। ଏମାନେ ପ୍ରାୟ ୩୦ ହଜାର ଏକର ଜଙ୍ଗଲ ଜମି ସଫାକରି ଜୋରଜବରଦସ୍ତ ଘର କରି ରହିଆସୁଛନ୍ତି

**ରାଜନଗର, ମହାକାଳପଡ଼ା ବ୍ଲକ୍‌ରେ ବାଂଲାଦେଶୀ**



ମହାକାଳପଡ଼ା ବ୍ଲକ ରଟପଙ୍କ ଗାଁରେ ବାଂଲାଦେଶୀମାନେ ଜଙ୍ଗଲ ଜମିକୁ ଜବରଦଖଲ କରି ରଖିଛନ୍ତି।

ବୋଲି ସ୍ଥାନୀୟ ଲୋକେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏଠାରେ ସେମାନେ ଜଙ୍ଗଲ ଜମିକୁ ଅକ୍ତିଆର କରିବା ଫଳରେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଅନ୍ୟପକ୍ଷରେ ୨୦୦୦ ମସିହାରେ ରାଜନଗର ବ୍ଲକ ତାଳଚୁଆ ☞ପୃଷ୍ଠା-୨

# ବଳାତ୍କାର, ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ଦିଅ: ହାଇକୋର୍ଟ

**ନୂଆଦିଲ୍ଲୀ, ୨୪।୧୨**

ବଳାତ୍କାର, ଏସିଡ୍ ଆକ୍ରମଣ ପୀଡ଼ିତା, ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ମାମଲାରେ ପୀଡ଼ିତା ସରକାରୀ ଓ ଘରୋଇ ହସ୍ପିଟାଲ ସମେତ ନର୍ସିଂହୋମ୍‌ଗୁଡ଼ିକରେ ମାଗଣା ଚିକିତ୍ସା ସୁବିଧା ପାଇବାକୁ ହକ୍‌ଦାର ବୋଲି ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଏକ ରାୟରେ କହିଛନ୍ତି। ଅଦାଲତଙ୍କ ଏହି ନିର୍ଦ୍ଦେଶନାମାକୁ କେନ୍ଦ୍ର ଓ ରାଜ୍ୟ ପାଣ୍ଠିରେ ପରିଚାଳିତ ସମସ୍ତ ଅନୁଷ୍ଠାନ, ଘରୋଇ ହସ୍ପିଟାଲ, କ୍ଲିନିକ୍ ଏବଂ ନର୍ସିଂହୋମଗୁଡ଼ିକୁ ଅନୁପାଳନ କରିବାକୁ ହେବ ବୋଲି ଜଷ୍ଟିସ ପ୍ରତିଭା ଏମ୍. ସିଂ ଏବଂ ଅମିତ୍ ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଉପରୋକ୍ତ ପୀଡ଼ିତାମାନଙ୍କୁ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକ ପ୍ରାଥମିକ ଚିକିତ୍ସା, ନିଦାନ, ଲାବରେଟୋରି ପରୀକ୍ଷା, ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର, ଶାରୀରିକ ଓ ମାନସିକ ପରାମର୍ଶ ସେବା, ମନସ୍ତାତ୍ତ୍ୱିକ ସହାୟତା ଏବଂ ପରିବାର କାଉନ୍‌ସେଲିଂ ଆଦି ସମସ୍ତ ଚିକିତ୍ସା ଯୋଗାଇଦେବେ।

ଅଦାଲତକୁ ନିୟମିତ ବହୁସଂଖ୍ୟାରେ ବଳାତ୍କାର ଓ ପୋକ୍‌ସୋ ମାମଲା ଆସୁଛି। ଏହି ମାମଲାର ପୀଡ଼ିତାମାନଙ୍କୁ ଜରୁରୀ ଚିକିତ୍ସା, ଦୀର୍ଘକାଳୀନ ଡାକ୍ତରୀ ସହାୟତା, ନିଦାନ, କାଉନ୍‌ସେଲିଂ ସେବା ଆଦି ଆବଶ୍ୟକ। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅଥବା ସିଆର୍‌ପିସିରେ ଏଥିପାଇଁ ବ୍ୟବସ୍ଥା ରହିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମାର୍ଗଦର୍ଶିକା ☞ପୃଷ୍ଠା-୨

# ହରିବାବୁ କମ୍ଭମ୍‌ପତି ଓଡ଼ିଶା ରାଜ୍ୟପାଳ

**ନୂଆଦିଲ୍ଲୀ, ୨୪।୧୨**


ଡ. ହରିବାବୁ କମ୍ଭମ୍‌ପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର କେତେକ ରାଜ୍ୟରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦେଇଛନ୍ତି। ମିଜୋରାମ ରାଜ୍ୟପାଳ ଥିବା ଡ. ହରିବାବୁ କମ୍ଭମ୍‌ପତିଙ୍କୁ ଓଡ଼ିଶା ରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଓଡ଼ିଶାର ରାଜ୍ୟପାଳ ଥିବା ରଘୁବର ଦାସ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବାବେଳେ ରାଷ୍ଟ୍ରପତି ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂଙ୍କୁ ମିଜୋରାମର ରାଜ୍ୟପାଳ ନିଯୁକ୍ତ କରାଯାଇଥିବାବେଳେ ବିହାରର ରାଜ୍ୟପାଳ ଥିବା ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ କେରଳ ରାଜ୍ୟପାଳ କରାଯାଇଛି। କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ସ୍ୱରାଷ୍ଟ୍ର ବିଭାଗର ପୂର୍ବତନ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ମଣିପୁରର ରାଜ୍ୟପାଳ ନିଯୁକ୍ତ କରାଯାଇଛି। ଓଡ଼ିଶା ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ ☞ପୃଷ୍ଠା-୨

# ମା' କୋଳରୁ ଖସିପଡ଼ିଲେ ଅଢ଼େଇ ବର୍ଷର ଝିଅ, ଚଢ଼ିଗଲା ଟ୍ରେଲର

**କୁଆଁରମୁଣ୍ଡା, ୨୪।୧୨ (ମହେନ୍ଦ୍ର କୁମାର ସାହୁ)**


ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଲାହାକୋଠି ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟା୩୦ରେ ଦୁର୍ଘଟଣା ଘଟିଛି। ମା' କୋଳରୁ ଖସିପଡ଼ି ଟ୍ରେଲର ଚକା ତଳକୁ ଛିଟିକିଯିବାରୁ ଅଢ଼େଇ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଉଛି ରାଉରକେଲା ନିକଟ ବେଦବ୍ୟାସରେ ଭଡ଼ାରେ ରହୁଥିବା ଝାଡ଼ଖଣ୍ଡ ରାଜ୍ୟର କେରିଆଘାଟିତରି ଅଞ୍ଚଳର ଅଭିଷେକ ମାଝୀଙ୍କ ଝିଅ ରୀୟା କୁମାରୀ। ଏହି ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ କରିବାରୁ ୨ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ବଡ଼ଦିନ ପର୍ବ ଥିବାରୁ ସକାଳେ ଅଭିଷେକ, ସ୍ତ୍ରୀ ମନୀଷା ଓ ଶିଶୁକନ୍ୟାକୁ ନିଜ ବାଇକ୍‌ରେ ବସାଇ କେରିଆଘାଟତରି ଯାଉଥିଲେ। ଲାହାକୋଠି ପେଟ୍ରୋଲ ପମ୍ପ ନିକଟରେ ଆଗରୁ ☞ପୃଷ୍ଠା-୨

# ଅର୍ଥ ଲୋଭରେ ପିଏଚ୍.ଡି. ଛାଡ଼ିଲେ ୟୁଟ୍ୟୁବର

**ୱାଶିଂଟନ, ୨୪।୧୨**

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ବିଭିନ୍ନ ତଥ୍ୟ ପ୍ରଦାନ କରୁଥିବା ୟୁଟ୍ୟୁବର ଜାରା ଡାର ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ଇଞ୍ଜିନିୟରିଂରେ ତାଙ୍କ ପିଏଚ୍‌ଡି କୋର୍ସକୁ ଅଧାରୁ ଛାଡ଼ି ଆଡଲ୍ଟ କଣ୍ଟେଣ୍ଟ କ୍ରିଏଟର ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜାରା ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ 'ପିଏଚ୍‌ଡି ଡ୍ରପ୍ ଆଉଟ୍ ଟୁ ଓନ୍‌ଲି ଫ୍ୟାନ୍ସ ମଡେଲ' ଶୀର୍ଷକ ଏକ ଭିଡିଓ ଅପ୍‌ଲୋଡ କରି ସୂଚନା ଦେଇଛନ୍ତି। ଜାରା ଏହି ଭିଡିଓରେ କହିଛନ୍ତି, ଓନ୍‌ଲି ଫ୍ୟାନ୍ସ ମଡେଲ ଭାବେ ସେ ଖୁସି ଅଛନ୍ତି ଏବଂ ବହୁ ଅର୍ଥ ରୋଜଗାର କରୁଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।


ଜାରା ଡାର

ଆମେରିକାରେ ରହୁଥିବା ଜାରା ଦୀର୍ଘ ବର୍ଷ ଧରି ବ୍ଲଗିଂ କରି ଆସୁଛନ୍ତି। ପୂର୍ବରୁ ସେ ମେଶିନ ଲର୍ନିଂ ଏବଂ ନ୍ୟୁରାଲ ନେଟ୍‌ୱର୍କ ପରି ବୈଷୟିକ ବିଷୟକୁ ନେଇ ଭିଡିଓ କରୁଥିଲେ। କିନ୍ତୁ ଏବେ ସେ ନିଜ ଏକାଡେମିକ୍ କ୍ୟାରିୟରକୁ ବିଦାୟ ଦେଇଛନ୍ତି। ଜାରା କହିଛନ୍ତି, ଏକାଡେମିକ୍ କ୍ୟାରିୟରକୁ ଛାଡ଼ିବା ନିଷ୍ପତ୍ତି ତାଙ୍କ ପାଇଁ ସହଜ ନ ଥିଲା। କିନ୍ତୁ ଏବେ ସେ ଏହି ନିଷ୍ପତ୍ତି ନେଇ ଦୁଃଖିତ ନୁହନ୍ତି। ସେ ପୂର୍ବରୁ ଜଣେ ପ୍ରଫେସର ଭାବେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୈଷୟିକ କୋର୍ସକୁ ନେଇ ମାର୍ଗଦର୍ଶନ କରିବାକୁ ଚାହୁଁଥିଲେ। କିନ୍ତୁ ଉକ୍ତ ଜୀବନଶୈଳୀ ତାଙ୍କ ପାଇଁ ନ ଥିଲା ବୋଲି ପିଏଚ୍‌ଡି କରୁଥିବା ସମୟରେ ଜାରା ଅନୁଭବ କରିଥିଲେ। ଅଧିକାଂଶ ଲୋକ ନିଜ କ୍ୟାରିୟର ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଓ ସୁଶାସନ ଦିବସ ପାଳନ ଅବସରରେ ତାଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଏମ୍ସ ମେଡିକାଲ ପରିସର, ସମୟ: ସକାଳ ୭ଟା। ଜଳପାନ, ସ୍ମୃତିଚାରଣ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଓ ଜର୍ନାଲିଷ୍ଟ ୱେଲଫେୟାର ଫାଉଣ୍ଡେଶନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ଦଶମ ବାର୍ଷିକ ସାଇ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ସାଇକ୍ଷେତ୍ର ପାଳ ସେବାଶ୍ରମ, ଇନ୍ଦ୍ରପାଳ, ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ ଡ. ଦାମୋଦର ହୋତାଙ୍କ ୮୯ତମ ଜୟନ୍ତୀ ଅବସରରେ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସୁଶାସନ ଦିବସ, ସ୍ଥାନ: ଚକହରି ଦୁର୍ଗାମଣ୍ଡପ, ଶିଖରପୁର, ଜଳେଶ୍ୱର, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଅସ୍ତୁପୁରା କୈଳାଶ ପିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ବଡ଼ଦିନ ପାଳନ, ସ୍ଥାନ: ମିଶନ ଚର୍ଚ୍ଚ, ଭଦ୍ରକ, ସମୟ: ସକାଳ ୭ଟା।
- ବାଲ୍ ବିକାଶ ଶୋଭାଯାତ୍ରା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଆଡ଼ିଆ ଭଜନ ମଣ୍ଡଳୀ, ବନ୍ତ, ସମୟ: ସକାଳ ୯ଟା ୩୦।
- ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବଡ଼ଦିନ ଉପଲକ୍ଷେ ପ୍ରାର୍ଥନା ସଭା ଓ ସୁଶାସନ ଦିବସ ପାଳନ, ସ୍ଥାନ: ପୋଷ୍ଟ ଅଫିସ ଛକ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଭାଜପା ନେତା ସୁଧାକର ଧଳଙ୍କ ସ୍ମୃତିସଭା, ସ୍ଥାନ: ଟିଲୋ ଆଥ୍‌ଲେଟିକ ଆସୋସିଏଶନ ସେଲ୍‌ଫି ପଏଣ୍ଟ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଅଟଳ ବିହାରୀ ବାଜପାୟୀଙ୍କ ୧୦୦ତମ ଜୟନ୍ତୀ (ସୁଶାସନ ଦିବସ)ରେ କବିତା ପାଠୋତ୍ସବ ଓ କାବ୍ୟାଞ୍ଜଳି ପୁସ୍ତକ ଉନ୍ମୋଚନ, ସ୍ଥାନ: ସ୍ୱାମ କଲ୍ୟାଣ ମଣ୍ଡପ, ପାଟଣାବ୍ଲକ, ସମୟ:ଅପରାହ୍ନ ୩ଟା୩୦।

## ମୟୂରଭଞ୍ଜ

- ସୁଶାସନ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ଉଦଳା ହାଇସ୍କୁଲ ଛକ, ଗଣେଶ ମାର୍କେଟ କମ୍ପ୍ଲେକ୍ସ, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଗଳ୍ପ ଲିଖନ ପ୍ରତିଯୋଗିତା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ଖ୍ରୀଷ୍ଟମାସ ପାଳନ, ସ୍ଥାନ: କୁଇନ ମିଶନ ଓ ସେଣ୍ଟ ଜୋସେଫ ଚର୍ଚ୍ଚ, ସମୟ: ସକାଳ ୬ଟା।
- ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ରାମଲିଙ୍ଗେଶ୍ୱର ଉଦ୍ୟାନ, ସମୟ: ସକାଳ ୭ଟା।
- ଚେସ ଏବଂ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତୁଳସୀ ନଗର ମେନ ରୋଡ, ସମୟ: ସକାଳ ୯ଟା।
- ଗଞ୍ଜାମ ଜିଲା ଲେଖିକା ଲେଖକ ସାମ୍ମୁଖ୍ୟର ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ପୂର୍ବାହ୍ନ ୧୧ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଯାପନୀ, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆ, ସମୟ: ଅପରାହ୍ନ ୩ଟା।
- ସୁଶାସନ ଦିବସ ପାଳନ, ସ୍ଥାନ: ଆଇଟିଆଇ ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ସୁଶାସନ ଦିବସ, ସ୍ଥାନ: ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନ ସଭାଗୃହ, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ବୋଲବମ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ବଡ଼ଦିନ ଉପଲକ୍ଷେ ଖ୍ରୀଷ୍ଟିୟ ଧର୍ମାବଲମ୍ବୀଙ୍କ ପକ୍ଷରୁ ସମୂହ ଉପାସନା, ସ୍ଥାନ: ଏକ୍ସ ମେରୀ ଚର୍ଚ୍ଚ, ବେଥାନୀ କନ୍‌ଭେଣ୍ଟ ସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସୁଶାସନ ଦିବସ ସମାରୋହ, ସ୍ଥାନ: ଆଦିକବି ଶାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଜୟନ୍ତୀ ଉତ୍ସବ, ସ୍ଥାନ: ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସଭାଗୃହ, କେନ୍ଦ୍ରାପଡ଼ା, ସମୟ। ପୂର୍ବାହ୍ନ ୧୧ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ ସୁଶାସନ ଦିବସର ଦ୍ୱିତୀୟ ଦିନ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା।
- ଅଟଳ ବିଚାର ମଞ୍ଚ, ଧର୍ମଶାଳା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ରସୁଲପୁର ବ୍ଲକ ବାରବାଟୀ ବଜାରସ୍ଥିତ ମା' ତାରିଣୀ ପୀଠ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।, ସିଙ୍ଗମ ଡାନ୍ସ ଗ୍ରୁପ, ପକ୍ଷରୁ ନୃତ୍ୟ ପରିବେଷଣ, ସମୟ: ସନ୍ଧ୍ୟା ୭ଟା।
- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ତୃତୀୟ ସନ୍ଧ୍ୟା,ସ୍ଥାନ : ଯାଜପୁର କୁସୁମା ପଡ଼ିଆ, ସମୟ : ଅପରାହ୍ନ ୪ଟା।
- ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ମେହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସାହିତ୍ୟ ମଣ୍ଡଳ ସଂସଦ ପକ୍ଷରୁ କୋରେଇ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ : କୋରେଇ ମେଳଣ ପଡ଼ିଆ,ସମୟ : ଅପରାହ୍ନ ୫ଟା।

## ନୟାଗଡ଼

- ନୟାଗଡ଼ ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ୧୦୦ ତମ ଜୟନ୍ତୀ ସମାରୋହ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

## ନବରଙ୍ଗପୁର

- ସୁଶାସନ ଦିବସ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶତବାର୍ଷିକୀ, ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ : କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବୁର୍ଲା ନିକଟସ୍ଥ ଗୋଲଗୁଣ୍ଡା, ସମୟ: ସକାଳ ୯ଟା ୩୦।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ପିଏର୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୃଷି ମେଳା ପରିଦର୍ଶନ, ସ୍ଥାନ: ପିଏର୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସ୍ୱର ସମ୍ବଲପୁର ପକ୍ଷରୁ ନାଟକ ଝରକା, ସ୍ଥାନ:ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା୧୫।
- ଭାରତୀ ସମାଜ ପକ୍ଷରୁ ବଡଦିନ ଭେଟ୍‌ଘାଟ, ସ୍ଥାନ: ସାକ୍ଷୀପଡା, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣପୁର ନାଟ ପକ୍ଷରୁ ଉଲଟା ଭାରତ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।
- ସୋନପୁର ବୀଣାପାଣୀ ସାହିତ୍ୟ କଳା ସଂସଦ ପକ୍ଷରୁ ବଳଦ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ରାତି ୮ଟା୪୫।

## ବଲାଙ୍ଗୀର

- ବଲାଙ୍ଗୀର ଜିଲାରେ ସୁଶାସନ ଦିବସ ପାଳନ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ପବିତ୍ର ବଡଦିନ ଉପଲକ୍ଷେ ସାମୁହିକ ପ୍ରାର୍ଥନା, ସ୍ଥାନ: ସେଣ୍ଟ୍ରାଲ ଚର୍ଚ୍ଚ ପରିସର, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା।

## ସୁବର୍ଣ୍ଣପୁର

- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ପ୍ରଥମ ସେମି ଫାଇନାଲ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବଡଦିନ ପାଳନ, ସ୍ଥାନ: ସୁରଧାପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଡ଼ ଭୀମାରାଓ ଆମ୍ବେଡକରଙ୍କୁ ତାଚ୍ଛଲ୍ୟ ପ୍ରତିବାଦରେ ବିନିକା ଆମ୍ବେଦକର ସ୍ମୃତି କମିଟି ତରଫରୁ ପଦଯାତ୍ରା, ସ୍ଥାନ: ଆମ୍ବେଦକର ଛକ ବିନିକା, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ଭାଜପା ତରଫରୁ ପଦଯାତ୍ରା, ସ୍ଥାନ: ବିନିକା ଯୋଗେଶ୍ୱର ମନ୍ଦିରଠାରୁ ସହର ପରିକ୍ରମା, ସମୟ: ଅପରାହ୍ନ ୨ଟା୩୦।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ନବମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଲିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- ଧନୁଯାତ୍ରା କଳାକାରଙ୍କ ରିହର୍ସାଲ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ ପାଳନ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଡ୍ ଡ୍ରପ୍ ମାରାଥନ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- ସୁରୁତା ଉଚ୍ଛବ, ସ୍ଥାନ: ବସଷ୍ଟାଣ୍ଡ ପରିସର, ଗାଇସିଲେଟ୍, ସମୟ: ସନ୍ଧ୍ୟା ୬ଟା।
- ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ମର୍ହାଚିକ୍ରା, ଖଲିଆପାଲି, ଜହ୍ନାପଡ଼ା, ଅତାବିରା, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ବଡ଼ଦିନ ପାଳନ, ସ୍ଥାନ: ସେଣ୍ଟ ଆରନ୍ଲଡ଼ ଚର୍ଚ୍ଚ, ପକ୍ସ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- କିଶୋର ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ଓପିଏମ୍ ଖେଳପଡିଆ, ବ୍ରଜରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳବିହାରୀ ବାଜପେୟୀଙ୍କ ସ୍ମୃତି ଅବସରରେ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ଫ୍ଲେବର, ସରବାହାଲ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହରେ ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ସୁଶାସନ ଦିବସ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ହମିରପୁର ଉନ୍ନୟନ ପରିଷଦର ବଡଦିନ ପାଳନ, ସ୍ଥାନ: ହମିରପୁର, ସମୟ: ଅପରାହ୍ନ ୪ଟା।
- ସ୍ପନ୍ଦନ ଆୟୋଜିତ ବହୁଭାଷୀ ନାଟକ ଉତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ବ୍ଲକସ୍ତରୀୟ ପାଚିକା, ସହାୟିକାମାନଙ୍କ ନିମନ୍ତେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର, ରନ୍ଧନ ପ୍ରତିଯୋଗିତା ଦ୍ୱିତୀୟ ଦିବସ, ସ୍ଥାନ: ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ ସାଧାରଣସଭା, ସ୍ଥାନ: ଜିଲା ସଂସ୍କୃତି ଭବନ,ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଛତୁ ଚାଷ ଉତ୍ପାଦନ ସମ୍ପର୍କିତ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ସୁଶାସନ ଦିବସ ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ, ସ୍ଥାନ: ଜିଲା ସଂସ୍କୃତି ଭବନ,ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସୁଶାସନ ଦିବସ ପାଳନ, ସ୍ଥାନ: କେନ୍ଦେଇଯୋରି ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ,ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ବଡ଼ଦିନ ଓ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ, ସ୍ଥାନ: ଦେବଗଡ଼ ଗେଲ ଚର୍ଚ୍ଚ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ଅବସରରେ କବିତା ପାଠ ଉତ୍ସବ ସ୍ଥାନ: ଜିଲା ସଂସ୍କୃତି ଭବନ, ଦେବଗଡ଼, ସମୟ: ମଧ୍ୟାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ରାତି ୯ଟା।
- ଜିଲାସ୍ତରୀୟ ଶ୍ମଶାନ ଦିବସ ପାଳନ, ସ୍ଥାନ ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- କେସିଏସ୍‌ଏ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଲ, ସମୟ: ସକାଳ ୯ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଯୋଗ ବେଦାନ୍ତ ସେବା ସମିତି ଜାମଲି ନୂଆପଡା ପକ୍ଷରୁ ସଂକର୍ତ୍ତନ ଯାତ୍ରା ଓ ତୁଳସୀ ପୂଜନ, ସ୍ଥାନ: ନୂଆପଡ଼ା ଏକତା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ବିରାଟ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରକ୍ତଭଣ୍ଡାର ବୌଦ୍ଧ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ, ସ୍ଥାନ ; ପାଣି ପଞ୍ଚାୟତ ଶୀର୍ଷ କମିଟି ଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୀର୍ଘଦିନରୁ ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ କଷ୍ଟ କରିବାକୁ ପଡ଼ିପାରେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଦିନଟିରେ କିଛି ସମୟ ଟେନ୍ସନ ଲାଗି ରହିଲେ ମଧ୍ୟ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇ ଯିବ।

**ବୃଷ**
ଯେତେ ସୁବିଧାରେ ଚଳିବାକୁ ଚେଷ୍ଟାକଲେ ମଧ୍ୟ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡ଼ିବ। ବାକିଥିବା କାମକୁ ଶେଷ କରିବେ କି ହାତକୁ ନେଇଥିବା କାମକୁ ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ଆଶା କରିଥିବା ଦିଗରୁ ଅର୍ଥ ଓ ସମ୍ମାନ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟାଇବେ।

**ମିଥୁନ**
ଆଜି ସକାଳୁ ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ଏଣେ ସଦାବେଳେ ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମନା କରିବା ପାଇଁ ଚିନ୍ତା ଲାଗି ରହିବ। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ପ୍ରତି କ୍ଷେତ୍ରରେ ନିଜ ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହେବେ।

**କର୍କଟ**
କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ କାର୍ଯ୍ୟ ସାଧନରେ ଅସୁବିଧା ରହିବ ନାହିଁ। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ବହୁ ଦିନର ସମସ୍ୟା ଆଜି ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆପଣଙ୍କ ସେବା ଓ ସାହାଯ୍ୟଲାଭ କରି ରୋଗୀ, ପଡ଼ୋଶୀ, ବନ୍ଧୁ କିମ୍ବା ସହଯାତ୍ରୀ ଆଜି ଖୁସି ହୋଇଯିବେ। ପାରିବାରିକ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ବନ୍ଧୁମିଳନ କାର୍ଯ୍ୟକ୍ରମରେ ନିଜର ପୂର୍ବପ୍ରତିଶ୍ରୁତି ଅତିଥି ଅନୁଯାୟୀ ଠିକ୍ ସମୟରେ ଆସିବେ। ଆର୍ଥିକ ଦିଗଟି ପୂର୍ବପରି ରହିବା ଯୋଗୁ ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିପାରିଲେ ହଇରାଣ ହୋଇପାରନ୍ତି।

**ତୁଳା**
ଆଜି ଆପଣଙ୍କ କୌଣସି ଅଭାବ ରହିବ ନାହିଁ କିମ୍ବା କୌଣସି କାମ ଅଟକିବାର ପ୍ରଶ୍ନ ଉଠୁନି। ଅପରାହ୍ନରେ ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମିତ ହେବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବ। ବନ୍ଧୁ ଗହଣରେ ମନର ଦୁଃଖକୁ ମନ ଭିତରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧହେବେ।

**ବିଛା**
କୌଣସି ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧା ଭୋଗିବେ। ସଭାସମିତି, ଗଠନମୂଳକ କାର୍ଯ୍ୟରେ ଯୋଗଦେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ଯୋଗାଯୋଗ, ଅଫିସରଙ୍କ ସହ ସାକ୍ଷାତ ତଥା ରାଜନୀତି ପାଇଁ ଦିନଟି ଭଲ।

**ଧନୁ**
କର୍ମକ୍ଷେତ୍ରରେ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପରିଜନଙ୍କ ସହିତ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଆତ୍ମୀୟସ୍ୱଜନଙ୍କ ସହାନୁଭୂତିରୁ କେତେକ ସମସ୍ୟା ଲାଘବ ହୋଇପାରେ।

**ମକର**
ପାରିବାରିକ କ୍ଷେତ୍ରରେ ବିବାଦ ବୃଦ୍ଧି ପାଇବା କାରଣରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆଜିର କାମଗୁଡ଼ିକ ବହୁତ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହେବ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ**
ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିପାରନ୍ତି। ସଭାସମିତିରେ ବନ୍ଧୁମେଳରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କରିବେ।

**ମୀନ**
ଆଜିର କର୍ମକ୍ଷେତ୍ରରେ ବନ୍ଧୁ ଫାଇଦା ହାସଲ ପାଇଁ ବିଭିନ୍ନ ଫନ୍ଦିଫିକର କରିବାକୁ ମନ ବଳାଇବେ। ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡ଼ିପାରେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କଲେ ବଡ଼ ବଡ଼ ସମସ୍ୟାରୁ ମୁକ୍ତ ହୋଇପାରିବେ।

ଆଜି ଡିସେମ୍ବର ୨୫ ତାରିଖ, କ୍ରିସ୍‌ମସ୍ ଓ ବଡ଼ଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ, ପୌଷ କୃଷ୍ଣ ଦଶମୀ, ବୁଧବାର, ରାଶି ନକ୍ଷତ୍ର-ଚିତ୍ରା/ତୁଳା, କର୍କଟ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୨୨ମି. ଗତେ ଘ.୦୮.୩୨ମି. ମଧ୍ୟେ, ଦିବା ଘ. ୧୦.୪୧ମି. ଗତେ ଘ.୧୧.୪୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୧.୪୬. ଗତେ ଘ.୦୧.୦୭ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଜବରଦଖଲରେ ୩୦ ହଜାର...

ପଞ୍ଚାୟତ ବଣିପାଳ ଗ୍ରାମରେ ନକଲି ରେଡିଓ ଷ୍ଟେଶନ କରି ବିଭିନ୍ନ ତଥ୍ୟ ବାଂଲାଦେଶ ପ୍ରେରଣ କରୁଥିବା ନେଇ ଜିଲାପାଳ ଜାଣିବା ପରେ ତାହାକୁ ସିଲ୍ କରିଥିଲେ। ୨୦୦୨ରେ କନକନଗର ଗ୍ରାମରେ ଅନୁପ୍ରବେଶକାରୀମାନେ ଭାରତର ଜାତୀୟ ପତାକାକୁ ଗୋଡ଼ରେ ଦଳି ବାଂଲାଦେଶୀ ପତାକା ଉତ୍ତୋଳନ କରିଥିଲେ, ଯାହାକି ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। କେନ୍ଦ୍ରାପଡ଼ାର ତତ୍କାଳୀନ ଏସ୍‌ପି ଦୟାଲ ଗଙ୍ଗୱାର ସେମାନଙ୍କୁ ଗିରଫ କରିଥିଲେ। ଏଥିସହ ମୂଲ୍ୟବାନ ମୂର୍ତ୍ତି ଚୋରି ରାକେଟର ମଧ୍ୟ ୧୫ ବାଂଲାଦେଶୀ ଅଭିଯୁକ୍ତ ଗିରଫ ହୋଇଥିଲେ। ସେତେବେଳେ କେତେଜଣ ସ୍ଥାନୀୟ ନେତା ଭୋଟ ବ୍ୟାଙ୍କ ଲୋଭରେ ବାଂଲାଦେଶୀଙ୍କୁ ଥଇଥାନ କରାଇଥିଲେ। ଏବେ ସେମାନଙ୍କ ସଂଖ୍ୟା ବଢ଼ିବା ସହ ରାଜନୈତିକ ଛତ୍ରଛାୟା ତଳେ ରହି ସରକାରୀ ସୁବିଧା ହାତେଇ ନେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ମାଗଣା ଚାଉଳକୁ ଭୁଟୁଭୁଟି ମାଧ୍ୟମରେ ବାଂଲାଦେଶକୁ ନେଉଛନ୍ତି। ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଉପକୂଳ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପ୍ରତି ଆଖିବୁଜି ଦେଇଥିବାରୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି।

ପ୍ରତିବର୍ଷ ଅନେକ ଶହ ଅନୁପ୍ରବେଶକାରୀ ଆସି ଛୋଟ ଛୋଟ ପଲା ମାରି ବସତି ସ୍ଥାପନ କରୁଛନ୍ତି। ପରେ ଭଲ ଘର କରି କୌଶଳକ୍ରମେ ଭୋଟର ଲିଷ୍ଟରେ ନାମ ଚଢ଼ାଇବା ସହ ସ୍ଥାୟୀ ବାସିନ୍ଦା ହେଉଛନ୍ତି। ଟ୍ରଲର ଚାଳକ ଭାବେ ବାଂଲାଦେଶ ସହ ସମ୍ପର୍କ ସ୍ଥାପନ ରଖୁଛନ୍ତି। ତଥ୍ୟ ପ୍ରେରଣ ପାଇଁ ନିଜନିଜ ଘରେ ଭିଏଚଏଫ୍, ୟୁଏଚଏଫ୍, ରେଡିଓ ତରଙ୍ଗ, ଇଲେକ୍ଟ୍ରୋନିକ୍ ନେଭିଗେଶନ୍, ମେରାଇନ୍ ଏଆର୍‌ୱେବ ଭଳି ବିଭିନ୍ନ ସରଞ୍ଜାମ ଲଗାଇଛନ୍ତି। ଜିଲାରେ ୩ଟି ସାମୁଦ୍ରିକ ଥାନା ରହିଥିବାବେଳେ ଏଠାରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ପୋଲିସ ପ୍ରଶାସନର ଢ଼ିଲା ନୀତି ଯୋଗୁ ଉପକୂଳରେ ଏମାନେ ଅନାୟାସରେ ଅପରାଧ ଘଟାଇ ଫେରାର ହେବାରେ ସକ୍ଷମ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗା ନ ଗଲେ ଖୁବ୍‌କମ ଦିନ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳର ଜଙ୍ଗଲ ଜମି ଏମାନଙ୍କ ଦଖଲକୁ ଚାଲିଯିବା ଆଶଙ୍କା ସୃଷ୍ଟି ହୋଇଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଜିଲାରେ କେତେ ଶାରଣାର୍ଥୀ ଅଛନ୍ତି, ସେନେଇ ୨୦୧୪ରେ ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ସେ ସମ୍ପର୍କରେ ଅନୁଧାନ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। କିନ୍ତୁ ପରେ ରାଜନୈତିକ ଚାପ ଯୋଗୁ ଏହା ସମ୍ଭବ ହୋଇପାରି ନ ଥିଲା। ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। କେହି ସେମାନଙ୍କ ବିରୋଧରେ ପାଟି ଖୋଲିଲେ ଜୀବନ ପ୍ରତି ବିପଦ ରହୁଛି। ଉପକୂଳ ଅଞ୍ଚଳରେ ଚୋରି, ରାହାଜାନି ଓ ଅପହରଣ ମଧ୍ୟ ବଢ଼ିଚାଲିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏନେଇ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ସେ କହିଛନ୍ତି, ୨୦୨୦ରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ କେତେକ ସ୍ଥାନରେ ଜଙ୍ଗଲ ଜମି ଜବରଦଖଲକୁ ଉଚ୍ଛେଦକରି ନେଇ ପ୍ଲାଣ୍ଟେଶନ କରିଛୁ। ଅନ୍ୟ ଜମି ଉପରେ ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ସ୍ଥଗିତାଦେଶ ଜାରି ହୋଇଛି। ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ବାଂଲାଦେଶୀଙ୍କ ଅନୁପ୍ରବେଶ ବାବଦରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରୀ ଭାବେ କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବାବେଳେ କେତେଜଣ ପଳାଇ ଗଲେଣି। ଅନୁପ୍ରବେଶକାରୀମାନେ କିପରି ଆମ ଅଞ୍ଚଳରେ ପ୍ରବେଶ ନ କରିବେ ସେଥିନେଇ ପ୍ରଶାସନ ସଜାଗ ଅଛି। କେତେ ଜଙ୍ଗଲ ଜମି ସେମାନେ ଦଖଲରେ ଅଛନ୍ତି ସେନେଇ ରାଜନଗର ଓ ମହାକାଳପଡ଼ା ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ବଳାତ୍କାର, ଏସିଡ୍ ଆକ୍ରମଣ...

ଜାରି ସତ୍ତ୍ୱେ ଯୌନ ହିଂସା ଏବଂ ଏସିଡ୍ ଆକ୍ରମଣ ପୀଡ଼ିତାମାନେ ମାଗଣା ଡାକ୍ତରୀ ଚିକିତ୍ସା ପାଇବାରେ କ୍ରମାଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଏହା ଜାଣିବା ପରେ ଅଦାଲତ ଏହାର ରୁଲିଂକୁ ଯୌନ ଅପରାଧ ମାମଲାର ଶୁଣାଣି କରୁଥିବା ସମସ୍ତ ଅଦାଲତଙ୍କୁ ଜଣାଇଦେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୩୯୭ (ସିଆର୍‌ପିସିର ଧାରା ୩୫୭ସି) ଅନୁଯାୟୀ ସମସ୍ତ ପୀଡ଼ିତାଙ୍କୁ ସେମାନଙ୍କ ନ୍ୟାୟିକ ଅଧିକାର ସମ୍ପର୍କରେ ଜଣାଇବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ମାମଲାଗୁଡ଼ିକ ସମ୍ପର୍କରେ ସମସ୍ତ ଆନୁଷଙ୍ଗିକ ମେଡିକାଲ ପ୍ରତିଷ୍ଠାନକୁ ଜଣାଇ ଦିଆଯିବା ଜରୁରୀ ବୋଲି ଅଦାଲତ କହିଛନ୍ତି।

## ହରିବାବୁ କମ୍ଭମ୍ପତି...

ହୋଇଥିବା ହରିବାବୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଭାଜପା ପ୍ରାର୍ଥୀ ଭାବେ ୧୬ତମ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ପୂର୍ବରୁ ଆନ୍ଧ୍ରପ୍ରଦେଶ ଭାଜପା ରାଜ୍ୟ ଶାଖା ସଭାପତି ଥିଲେ। ପ୍ରକାଶମ୍ ଜିଲାର ଥିମ୍ମାସମୁଦ୍ରମ୍‌ରେ ଜନ୍ମିତ ହରିବାବୁ ବିଶାଖାପାଟଣା ଯାଇ ଆନ୍ଧ୍ର ୟୁନିଭର୍ସିଟିରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେଶନ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ସେହି ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକୋତ୍ତର ଏବଂ ପିଏଚ୍‌ଡି ମଧ୍ୟ କରିଥିଲେ। ସେ ଆନ୍ଧ୍ର ୟୁନିଭର୍ସିଟିରେ ଆସୋସିଏଟ୍ ପ୍ରଫେସର ଥାଇ ୧୯୯୩ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହା ପରେ ସେ ସକ୍ରିୟ ରାଜନୀତିରେ ସାମିଲ ହୋଇଥିଲେ। ୨୦୨୧ ଜୁଲାଇ ୬ରେ ତାଙ୍କୁ ମିଜୋରାମର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା।

## ମା' କୋଳରୁ ଖସିପଡ଼ିଲେ...

ଛିଡ଼ାହୋଇଥିବା ଏକ ହାଇୱା ପାଖ ଦେଇ ଅଭିଷେକଙ୍କ ବାଇକ୍ ଯିବାବେଳେ ସମ୍ମୁଖରୁ ଏକ ଟ୍ରେଲର ଓଡି ୦୯ପି ୧୬୭୫ ଆସିଥିଲା। ହାଇୱା ଓ ଟ୍ରେଲର ମଝିରେ ଅଭିଷେକଙ୍କ ବାଇକ୍ ଅତିକ୍ରମ କରୁଥିବାବେଳେ ପଛରୁ ଅନ୍ୟ ଏକ ବାଇକ୍ ଓଆର୍ ୧୬ଡି ୧୧୦୪ ଆସି ଧକ୍କା ଦେଇଥିଲା। ଫଳରେ ଅଭିଷେକ ଓ ମନୀଷା ବାମପାର୍ଶ୍ୱକୁ ପଡ଼ିଯାଇଥିଲେ। ଶିଶୁକନ୍ୟା ମନୀଷାଙ୍କ ହାତରୁ ଖସି ଡାହାଣ ପାର୍ଶ୍ୱକୁ ପଡ଼ିଯିବାରୁ ଟ୍ରେଲର ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ କ୍ଷତିପୂରଣ ପ୍ରଦାନ ନିମନ୍ତେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ଟ୍ରେଲର ମାଲିକ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ ଓ ରେଡ୍‌କ୍ରସ୍ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ ପରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଉଛନ୍ତି। କାରଣ ବୀରମିତ୍ରପୁର ସହର ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ୨ ଲେନ୍ ବିଶିଷ୍ଟ ହୋଇଥିବାରୁ ଏଠାରେ ବାଇପାସ୍ ନିର୍ମାଣ ଜରୁରୀ ହୋଇପଡ଼ିଛି। ବୀରମିତ୍ରପୁର ପୋଲିସ ଟ୍ରେଲର ଓ ଧକ୍କା ଦେଇଥିବା ବାଇକ୍‌କୁ ଜବତ କରିଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ଶିଶୁକନ୍ୟାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅର୍ଥ ଲୋଭରେ ପିଏଚ୍‌ଡି...

ଏବଂ ରୋଜଗାରକୁ ଦୃଷ୍ଟିରେ ରଖି କୌଣସି କମ୍ପାନୀରେ ନିଜ ଇଚ୍ଛା ବିରୋଧରେ ମଧ୍ୟ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି ବୋଲି ଜାରା କହିଛନ୍ତି। ଏପରି ଜୀବନଶୈଳୀକୁ ସେ ପସନ୍ଦ କରନ୍ତି ନାହିଁ, ଯେଉଁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ଚାକିରି ଯିବାର ଭୟ ରହିଥାଏ। ଏପରି ଚାକିରିରେ ଦରମା ଅନୁଯାୟୀ, ବଜେଟ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଅଧିକାଂଶ ଲୋକ ଚାକିରି କରି ମଧ୍ୟ ଭଡ଼ା ଘରେ ରୁହନ୍ତି ବୋଲି ଜାରା କହିଛନ୍ତି। ସେ ଆହୁରି କହିଛନ୍ତି, ପିଏଚ୍‌ଡି କରୁଥିବା ସମୟରେ ସାଇଡ୍ ପ୍ରୋଜେକ୍ଟ ହିସାବରେ ସେ ଆଡଲ୍ଟ କଣ୍ଟେଣ୍ଟ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ତେବେ ମାତ୍ର କିଛି ଦିନ ମଧ୍ୟରେ ଆଡଲ୍ଟ କଣ୍ଟେଣ୍ଟ କ୍ରିଏଟର ଭାବରେ ସେ ୧ ମିଲିୟନ ଡଲାର (ପ୍ରାୟ ୮ କୋଟି ଟଙ୍କା) ରୋଜଗାର କରିଛନ୍ତି। ଏହି ଟଙ୍କା ସହ ସେ ତାଙ୍କ ଘରର ଲୋନ୍ ପରିଶୋଧ କରିଥିଲେ ଏବଂ ନୂଆ କାର୍ କିଣିଥିଲେ ବୋଲି ଜାରା କହିଛନ୍ତି। ଓନ୍‌ଲି ଫ୍ୟାନ୍ସ ମଡେଲ ଭାବେ ସେ ରାତାରାତି ଲୋକପ୍ରିୟ ହୋଇଥିଲେ। ତାଙ୍କର ଆଡଲ୍ଟ କଣ୍ଟେଣ୍ଟକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ପ୍ରଥମେ ୟୁଟ୍ୟୁବରେ ତାଙ୍କ ସବ୍‌ସ୍କ୍ରାଇବର ଧୀରେ ଧୀରେ ବଢୁଥିଲେ। କିନ୍ତୁ ଯେତେବେଳେ ସେ ଆଡଲ୍ଟ କଣ୍ଟେଣ୍ଟ ଛାଡ଼ିବା ଆରମ୍ଭ କଲେ, ତାଙ୍କର ସବ୍‌ସ୍କ୍ରାଇବର ଦ୍ରୁତ ଗତିରେ ବଢ଼ିଥିଲେ ଏବଂ ଏହି ସଂଖ୍ୟା ୧ ଲକ୍ଷ ଟପିଯାଇଥିଲା। ତେଣୁ ସେ ମେଶିନ ଲର୍ନିଂ, ନ୍ୟୁରାଲ ନେଟ୍‌ୱର୍କ ପରି କୋର୍ସ ଉପରେ ଭିଡିଓ କରିବା ବନ୍ଦ କରିଥିଲେ ଏବଂ ନିଜ ପିଏଚ୍‌ଡି ପଢ଼ା ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ।

ତେବେ ତାର୍ ସାଜ୍ଜାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଜାରାଙ୍କୁ ପାକିସ୍ତାନୀ କହିଥିବାବେଳେ ସେ ଏହାକୁ ଅସ୍ୱୀକାର କରିଛନ୍ତି। ଜାରା କହିଛନ୍ତି, ସେ ଆମେରିକାରେ ଜନ୍ମ ହୋଇଛନ୍ତି ଏବଂ ବଢ଼ିଛନ୍ତି। ତାଙ୍କର ମିଶ୍ରିତ ଆମେରିକୀୟ, ପାର୍ସୀ, ଦକ୍ଷିଣ ୟୁରୋପୀୟ, ମଧ୍ୟ ପ୍ରାଚ୍ୟ ଏବଂ ଭାରତୀୟ ପୃଷ୍ଠଭୂମି ରହିଛି।

## ମାଓବାଦୀ ନେତା ପ୍ରଭାକର ଗିରଫ



ମାଲକାନଗିରି,୨୪ା୧୨(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ କାଙ୍କେର ଜିଲା ପୋଲିସ ଦ୍ୱାରା ୨୫ଲକ୍ଷ ଟଙ୍କା ପୁରସ୍କାର ଘୋଷିତ କୁଖ୍ୟାତ ମାଓବାଦୀ ନେତା ପ୍ରଭାକରଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଏହା ମାଓବାଦୀ ଗଡ଼ ପାଇଁ ଏକ ଶକ୍ତ ଧକ୍କା । ଦୀର୍ଘ ୪୦ ବର୍ଷ ଧରି ସଙ୍ଗଠନରେ କାମ କରୁଥିବା ପ୍ରଭାକର ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ୫୭ ବର୍ଷୀୟ ପ୍ରଭାକର ଓରଫ ବାଲମୁରୀ ନାରାୟଣ ରାଓ ତେଲଙ୍ଗାନା ସମେତ ଓଡ଼ିଶା, ଛତିଶଗଡ଼ ଓ ବିହାର ଆଦି ରାଜ୍ୟରେ ମାଓବାଦୀଙ୍କ ଏକ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଥିଲା। ତାଙ୍କଠାରୁ ମାଓବାଦୀ ଗଡ଼ ବିଷୟରେ ଅଧିକ ସୂଚନା ମିଳିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି।




# ‘ଭାରତ ବିକାଶରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ’

## କଟକରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କଲେ ମୁଖ୍ୟମନ୍ତ୍ରୀ

କଟକ,୨୪ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବେଲ୍‌ଭ୍ୟୁ ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ମଙ୍ଗଳବାର ଅନାବରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରତିମୂର୍ତ୍ତିକୁ ଅନାବରଣ କରି କହିଛନ୍ତି, ବାଜପେୟୀ ଜଣେ ମହାନ୍ ଜନନାୟକ ଥିଲେ। ଭାରତର ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ବାଜପେୟୀଙ୍କ ଜୟନ୍ତୀ ପାଳନ ପୂର୍ବରୁ କଟକରେ ଏହି ପ୍ରତିମୂର୍ତ୍ତି ସ୍ଥାପନ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସମାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସମ୍ମାନିତ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ ଦେଇଥିବା ପ୍ରସ୍ତାବ ଏବେ ବାସ୍ତବରେ ପରିଣତ ହୋଇଛି। ୧୯୯୯ରେ ମହାବାତ୍ୟା ପରେ ଓଡ଼ିଶାର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିଲା। ସେହି ସମୟରେ ଓଡ଼ିଶାର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ବାଜପେୟୀ କହିଥିବା ଏହି ବାକ୍ୟ ବରଦାନ ସଦୃଶ ପାଲଟିଥିଲା। ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରତିମୂର୍ତ୍ତି ଅନାବରଣ କଟକ ସହରର ଶୋଭାକୁ ଦ୍ୱିଗୁଣିତ କରିବ ବୋଲି ପ୍ରଧାନ କହିଛନ୍ତି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ୯୦ କୁଇଣ୍ଟାଲ ଓଜନ ବିଶିଷ୍ଟ ଏହି ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଉଚ୍ଚତା ୧୦ ଫୁଟ୍ ୬ ଇଞ୍ଚ ରହିଛି। କଟକର ଶିଳ୍ପୀ ସଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ସମେତ ୩ ଭାସ୍କର୍ଯ୍ୟ ଶିଳ୍ପୀ ଓ ୨୨ ଜଣ କାରିଗର କାଠଗଡ଼ା ସାହିସ୍ଥିତ କାରଖାନାଠାରେ ଏହି ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟମାନେ।

# ଦୁର୍ଘଟଣାରେ ୨ ମୃତ

ନୀଳଗିରି, ୨୪ା୧୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଶେରଗଡ଼-ନୀଳଗିରି ୧୯ନଂ. ରାଜ୍ୟ ରାଜପଥ ଅଧୀନ ସିମୁଳିଆ ଛକ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ୧୧ବର୍ଷର ପୁଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅପରାହ୍ନ ପ୍ରାୟ ୨ଟାରେ ରେମୁଣା ଥାନା ଅନ୍ତର୍ଗତ ଗଞ୍ଜ ଗ୍ରାମର ଅକ୍ଷୟ କୁମାର ଜେନା ୧୧ବର୍ଷର ପୁଅକୁ ବାଇକ୍‌ରେ ବସାଇ ନୀଳଗିରିରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ନୀଳଗିରି ଏନ୍‌ଏସି ଅଧୀନ କାହାଳିଆ ଗ୍ରାମର ଚନ୍ଦ୍ରଶେଖର ପାତ୍ର ନୀଳଗିରି ଥାନା ପଡ଼ିଆକୁ କ୍ରିକେଟ ମ୍ୟାଚ୍ ଦେଖିବା ପାଇଁ ଯାଉଥିଲେ। ସିମୁଳିଆ ଛକ ନିକଟରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଅକ୍ଷୟଙ୍କ ମୃତ୍ୟୁ ଘଟିଥିବା ବେଳେ ନୀଳଗିରି ଡାକ୍ତରଖାନାରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଛି। ତେବେ ବାପାଙ୍କ ବାଇକ୍‌ରେ ବସିଥିବା ୧୧ବର୍ଷର ପୁଅଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନୀଳଗିରି ଥାନାର ଆଇଆଇସି ଗୋପାଳ କର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍‌କୁ ଥାନାକୁ ଆଣିଥିଲେ। ନୀଳଗିରି ପୋଲିସ ପକ୍ଷରୁ ଏକ ମାମଲା (ନଂ. ୪୧୪/୨୪) ରୁଜୁ କରାଯାଇଛି।




# ଗଳାବାଟକୁ ଜଗିଛି କ୍ୟାମେରା

■ ଧାନ ଚୋରାଚାଲାଣ ରୋକିବାକୁ ଜିଲାପାଳଙ୍କ ପଦକ୍ଷେପ

■ ୪ ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ୧୪ କର୍ମଚାରୀ ନିଯୁକ୍ତ

ଜଳେଶ୍ୱର, ୨୪ା୧୨ (ରବିନାରାୟଣ ପାତ୍ର)

ଚଳିତବର୍ଷ ଓଡିଶା ସରକାର ଧାନର ସହାୟକ ମୂଲ୍ୟ ୨୩ଶହ ଟଙ୍କା ରଖିଥିବା ବେଳେ ଇନ୍‌ପୁଟ ସବ୍‌ସିଡି ୮ଶହ ଟଙ୍କା ରଖିଥିବାରୁ ଚାଷୀମାନେ ଏଫଏକ୍ୟୁ ମାନର ଧାନ ବିକ୍ରି ଲାଗି ପ୍ରସ୍ତୁତ ହୋଇଛନ୍ତି। ପଶ୍ଚିମବଙ୍ଗ ଧାନର ମୂଲ୍ୟ କମ୍ ଥିବାରୁ ଓଡିଶାକୁ ବିପୁଳ ଚୋରା ଧାନ ଚାଲାଣ ସମ୍ଭାବନା ରହିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଶ୍ଚିମବଙ୍ଗର ୯୧ଗାଁ ସହିତ ଓଡିଶାର ୮୨ଟି ଗାଁ ସଂଯୋଗ ରହିଛି। ବିଭିନ୍ନ ସ୍ଥାନରେ ଦୁଇ ରାଜ୍ୟ ମଧ୍ୟରେ ଯାତାୟାତ ଲାଗି ସଡକପଥ ରହିଛି। ପଶ୍ଚିମବଙ୍ଗ ଓ ଓଡିଶା ମଧ୍ୟରେ ୯ଟି ମୁଖ୍ୟ ରାସ୍ତା ଦେଇ ଧାନର ଚୋରାଚାଲାଣ ରୋକିବା ଲାଗି ଜିଲାପାଳ ବ୍ୟବସ୍ଥା କରିଛନ୍ତି। ଜିଲାପାଳଙ୍କ ଆଦେଶ ନଂ. ୨୯୦୯ ତା ୧୮-୧୨-୨୪ ଅନୁଯାୟୀ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିରେ ଜଳେଶ୍ୱର ଥାନାର ଲକ୍ଷ୍ମଣନାଥ ରୋଡ, ଅଗ୍ରୱାଲା ଛକ, ଆମ୍ବଳିଅଠା, ସୁଗୋ, ରାଇବଣିଆ ଥାନାର ଚୂଡାମଣିପୁର, ମାକିଡିଆ, କମର୍ଦ୍ଦା ଥାନାର ଖଏର୍ଦ୍ଦା, ତାଳସାରୀ, ଭୋଗରାଇ ସାମୁଦ୍ରିକ ଥାନାର ଉଦୟପୁର-ତାଳସାରୀ ଓ କଖଡା ଛକ ନିକଟରେ ସିସି କ୍ୟାମେରା ଲଗାଯିବା ସହିତ ୨୦ଘଣ୍ଟିଆ ପୋଲିସ୍ ପ୍ରହରା ଲାଗି ନିର୍ଦ୍ଦେଶ ହୋଇଛି।

ଜଳେଶ୍ୱରର ଯୋଗାଣ ଅଧିକାରୀ ଅବନ୍ତିକା ସାହୁ ଓ ଭୋଗରାଇର ଯୋଗାଣ ଅଧିକାରୀ ସମରେଶ୍ୱର ବେହେରା ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ରହିଛନ୍ତି। ଏହି ସମସ୍ତ ଅଞ୍ଚଳକୁ ଏସ୍‌ପି ରାଜ ପ୍ରସାଦଙ୍କ ସହିତ ପ୍ରବେଶନାରୀ ଅନିତା ମିତ୍ତଲ, ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଆଇଆଇସି ରଞ୍ଜନ ସେଠୀ, ରାଇବଣିଆ ଆଇଆଇସି ବାରିଣୀ ଦାସ ବୁଲି ଦେଖିଛନ୍ତି। ଲକ୍ଷ୍ମଣନାଥ, ଅଗ୍ରୱାଲା ଛକ, ଆମ୍ବଳିଅଠା, ସୁଗୋ ରାସ୍ତାରେ ଜଳେଶ୍ୱରର ମଙ୍ଗଳ ଅଧିକାରୀ ଅନୁପମ ସାଜତ୍‌ଙ୍କ ସହିତ ଚୂଡାମଣିପୁର, ମାକିଡିଆ ରାସ୍ତାରେ ଜଗନ୍ନାଥ ପଟେଲ, ସୃଷ୍ଟିଧର ବେହେରା ଓ ରାଜସ୍ୱ ସୁପରଭାଇଜରଙ୍କ ସହିତ ରତ୍ନାକର ପାତ୍ର ଓ ନିତାଇ ଗିରି ରହିଛନ୍ତି। ସେହିପରି ଭୋଗରାଇ ବ୍ଲକର କମର୍ଦ୍ଦା ଥାନା ଅଧୀନ ଖଏର୍ଦ୍ଦା ରାସ୍ତାରେ ରାଜସ୍ୱ ସୁପରଭାଇଜର ଶରତ ବେହେରାଙ୍କ ସହିତ ଦୀପକ ଘୋଷାଲ, ଗୋପୀନାଥ ଗୁଚ୍ଛାଇତ ଓ ଉଦୟପୁର, ତାଳସାରୀ, ଚନ୍ଦନେଶ୍ୱର, କଖଡାଛକ ରାସ୍ତାଲାଗି ଗଠିତ କମିଟିରେ କୀର୍ତ୍ତିକୁମାର ପାତ୍ରଙ୍କ ସହିତ ସଞ୍ଜୟ ମହାନ୍ତି, ଅଭିମନ୍ୟୁ ଚାନ୍ଦ ରହିଛନ୍ତି।

# ଆଉ ଜଣେ ବୃଦ୍ଧଙ୍କୁ ଦଳିଦେଲା ହାତୀ

■ ୩ ଦିନରେ ନେଲାଣି ୩ ଜୀବନ

■ ଝୁଝୁମୁରା ସଦର ବନ କାର୍ଯ୍ୟାଳୟ ଘେରିଲେ ଲୋକେ

■ ଟ୍ରାଙ୍କୁଲାଇଜ କରି ହାତୀକୁ ଧରାଯିବ: ବନାଞ୍ଚଳ ଅଧିକାରୀ

ସମ୍ବଲପୁର,୨୪ା୧୨ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍‌ରେ ହାତୀ ଉପଦ୍ରବ ଥମିବା ନାଁ ନେଉନାହିଁ। ଦନ୍ତାହାତୀ ଆକ୍ରମଣରେ ସୋମବାର ବିଳମ୍ବିତ ରାତିରେ ଆଉ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ଝୁଝୁମୁରା ଥାନା ଅମ୍ଲିପାଣି ଗ୍ରାମର ସତ ମୁଣ୍ଡା(୬୩)। ସୋମବାର ରାତି ପ୍ରାୟ ୧୨ଟାରେ ସେ ନିଜ ଘର ବାହାରେ ବସି ନିଆଁ ପୁଉଁଥିବା ବେଳେ ଅଞ୍ଚଳରେ ଘୂରି ବୁଲୁଥିବା ନରହନ୍ତା ଦନ୍ତା ସତଙ୍କୁ ସାମ୍ନାରେ ପାଇ ଦଳି ଦେଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଝୁଝୁମୁରା ପୋଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସତଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଗତ ୩ ଦିନ ଭିତରେ ଉକ୍ତ ଅଞ୍ଚଳରେ ଘୂରି ବୁଲୁଥିବା ଏହି ନରହନ୍ତା ଦନ୍ତା ୩ ଜଣଙ୍କ ଜୀବନ ନେବା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

ହାତୀ ଉପଦ୍ରବ ପ୍ରତିବାଦରେ ମଙ୍ଗଳବାର ଝୁଝୁମୁରା, କେଶାପାଲି, ଗଡ଼ଲୁଇସିଂ, ଲିପିଣ୍ଡା, କୟାକୁଦ, କଂସର ଆଦି ପଞ୍ଚାୟତର ଶତାଧିକ ଲୋକ ଝୁଝୁମୁରା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଝୁଝୁମୁରା ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧିପାଉଛି। ଫସଲହାନି ସହ ଲୋକଙ୍କ ଅମୂଲ୍ୟ ଜୀବନ ଯାଉଛି। ଗତ ୩ ଦିନରେ ୩ ଜଣ ଏବଂ ଗତ ୨ମାସରେ ୫ ଜଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଲାଣି। ମାତ୍ର ବନ ବିଭାଗ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏଣୁ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର, ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ସୋଲାର ଲାଇଟ୍ ବ୍ୟବସ୍ଥା, ନରହନ୍ତା ହାତୀକୁ ଧରିବା ଓ ପୀଡ଼ିତ ପରିବାରକୁ କ୍ଷତିପୂରଣ ଦେବାକୁ ଲୋକେ ଦାବି କରିଥିଲେ। ପରେ ଏ ସମ୍ପର୍କିତ ଏକ ଦାବିପତ୍ର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ମୃତକଙ୍କ ପରିବାରକୁ ସରକାରୀ ନିୟମାନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ହାତୀ ଉପଦ୍ରବର ନିରାକରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବ। ଏଥିସହ ଉକ୍ତ ନରହନ୍ତା ହାତୀକୁ ଟ୍ରାଙ୍କୁଲାଇଜ କରି ଧରାଯିବ ବୋଲି ବନାଞ୍ଚଳ ଅଧିକାରୀ ନାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଗତ ଶନିବାର ଉକ୍ତ ଦନ୍ତାହାତୀ ଆକ୍ରମଣରେ ଝୁଝୁମୁରା ବ୍ଲକ୍ କଂସର ଗାଁରେ ଶୌଚହେବା ପାଇଁ ଯାଇଥିବା ବୃଦ୍ଧା ମୁଡକି ମୁଣ୍ଡାଙ୍କୁ ହାତୀ ଦଳି ମାରି ଦେଇଥିଲା। ରବିବାର ବିଳମ୍ବିତ ରାତିରେ ଧମାକଟା ଗ୍ରାମରେ ଉକ୍ତ ହାତୀ ଘର କାନ୍ଥ ଭାଙ୍ଗିଦେବାରୁ କାନ୍ଥ ତଳେ ଚାପିହୋଇ ସାଳନୀ ମିଞ୍ଜ(୮୦)ଙ୍କର ମୃତ୍ୟୁ ଘଟିଥିଲା।



ହାତୀ ଉପଦ୍ରବ ପ୍ରତିବାଦରେ ଲୋକେ ବନାଞ୍ଚଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଚାଲିଛି ବାଘ-ଛେଳି ଖେଳ | ଧରିବାକୁ ଜାଲ ବିଛାଇଛି ବନ ବିଭାଗ

ବାରିପଦା,୨୪ା୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପଶ୍ଚିମବଙ୍ଗର ପୁରୁଲିଆ ଜିଲା ରାଇକିଆ ପାହାଡ଼ ସଂଲଗ୍ନ କ୍ୱିଲାପାଳ ଜଙ୍ଗଲରେ ବୁଲୁଥିବା ମହାବଳ ବାଘୁଣୀ ଜିନ୍ନତକୁ ଧରିବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ଯନ୍ତାରେ ଛେଳି ଓ ବାରହା ରଖି ଖାଦ୍ୟ ଦିଆଯାଉଥିଲେ ମଧ୍ୟ ବାଘୁଣୀ ଖାଇବାକୁ ଆସୁନାହିଁ। ଜଙ୍ଗଲରେ ଛେଳି, ବାରହା, ମଇଁଷି ଭଳି ପ୍ରାଣୀଙ୍କୁ ବାନ୍ଧି ଉପରୁ ଜାଲ ବିଛାଯାଇଛି। ବନ ବିଭାଗର ଏହି ବାଘ- ଛେଳି ଖେଳ ପ୍ରସଙ୍ଗ ଏବେ ଆଲୋଚନାର ବିଷୟ ପାଲଟିଛି। ମଙ୍ଗଳବାର ଭୋର ସମୟରେ ଜିନ୍ନତ ବୁଦଓ୍ୱାନ ଗାଁରେ ପଶି ୪ଟି ଛେଳିକୁ ମାରିଥିବା ବେଳେ ୨ଟିକୁ ଖାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବନ ବିଭାଗ ଦେଉଥିବା ଖାଦ୍ୟ ଖାଇବା ପୂର୍ବରୁ ଧରାପଡ଼ିବା ଭୟରେ ଜିନ୍ନତ ଚତୁରତାର ସହ ଖସିଯାଉଛି। ବିଭାଗୀୟ କର୍ମଚାରୀମାନେ ବାଘୁଣୀକୁ ଧରିବା ପାଇଁ ଅତ୍ୟାଧୁନିକ ଟ୍ରାକିଂ ସିଷ୍ଟମ ଜରିଆରେ ଟାଙ୍କୁଲାଇଜ୍ କରିବାକୁ ଯୋଜନା କରୁଛନ୍ତି । ଜିନ୍ନତ ରହୁଥିବା ଜଙ୍ଗଲରୁ ଲାଲଗଡ଼ ଅଞ୍ଚଳ ମାତ୍ର ୪୦ କି.ମି. ଦୂର ହୋଇଥିବାରୁ ସେ ଏହି ଅଞ୍ଚଳରେ ପ୍ରବେଶ କରିବାର ସମ୍ଭାବନା ଦେଖାଦେଇଛି। ତେବେ ଖୁବ୍‌ଶୀଘ୍ର ଜିନ୍ନତକୁ ଶିମିଳିପାଳ ଫେରାଇ ଅଣାଯିବ ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି । ଶିମିଳିପାଳ ଅଭୟାରଣ୍ୟ ସୀମାରୁ ୩୦୦ କି.ମି. ଦୂରରେ ବାଘୁଣୀ ଜିନ୍ନତ ଚଳପ୍ରଚଳ କରୁଛି। ପଶ୍ଚିମବଙ୍ଗର ରାଇକିଆ ପାହାଡ଼ ଓ ନିକଟସ୍ଥ କ୍ୱିଲାପାଳର ଘଞ୍ଚ ଜଙ୍ଗଲରେ ସେ ରହିଛି। ବାଘୁଣୀକୁ ଧରିବା ପାଇଁ ବନ ବିଭାଗ ନେଉଥିବା ପ୍ରୟାସ ବିଫଳ ହେବାରେ ଲାଗିଛି। ଏପରିକି ବନ ବିଭାଗର ଯନ୍ତା, ଗାଡ଼ି ଓ କର୍ମଚାରୀଙ୍କ ଚଳପ୍ରଚଳ ସମ୍ପର୍କରେ ଜାଣିପାରି ସେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି। ବନ ବିଭାଗ ପକ୍ଷରୁ ସାଟେଲାଇଟ ମନିଟରିଂ, ଥର୍ମାଲ ଇମେଜ୍ ସ୍କାନିଂ ସିଷ୍ଟମ ଓ ନାଇଟ୍ ଭିଜନ ଡ୍ରୋନ୍ ମନିଟରିଂ ମାଧ୍ୟମରେ ଜିନ୍ନତର ସ୍ଥିତି ନିରୀକ୍ଷଣ କରାଯାଉଛି। ସୁନ୍ଦରବନ ଅଞ୍ଚଳର ଏକ ଟିମ୍ ଜାଲ ମାଧ୍ୟମରେ ବାଘୁଣୀକୁ ଧରିବା ନିମନ୍ତେ ଅପରେଶନରେ ନିୟୋଜିତ ହୋଇଛନ୍ତି। ଯେଉଁ ଅଞ୍ଚଳରେ ଜିନ୍ନତ ପ୍ରବେଶ କରୁଛି ସେହି ଅଞ୍ଚଳର ଲୋକଙ୍କୁ ବନ ବିଭାଗର କର୍ମଚାରୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ କରାଉଛନ୍ତି। ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଥିବା ବେଳେ ଗାଁ ଲୋକେ ଏକୁଟିଆ ବାହାରକୁ ଯିବାଆସିବା କରିବାରେ ସୁରକ୍ଷିତ ମଣୁନାହାନ୍ତି। ଜଙ୍ଗଲ ଓ ପାହାଡ଼ ସଂଲଗ୍ନ ଅଞ୍ଚଳ ମଧ୍ୟରେ ଥିବା କେଶରା, କୈରା, ସାଗେଡି, ଲେଡାଶୋଲ, ଚିରୁଗାଡ୍ଡୁ, ବାରୁଡିର ଲୋକମାନଙ୍କୁ ସତର୍କ କରାଯାଇଛି। ଏପରିକି ଲୋକଙ୍କୁ ସୁରକ୍ଷା ଯୋଗାଇଦେବାରେ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟ ସହଯୋଗ କରୁଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ପଶ୍ଚିମବଙ୍ଗ ପୁରୁଲିଆ ବନଖଣ୍ଡ ଓ ସୁନ୍ଦରବନର ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀକୁ ଧରିବା ପାଇଁ ଦିନରାତି ପ୍ରୟାସ ଜାରି ରଖିଛନ୍ତି। ତେବେ ଜିନ୍ନତ ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସହଯୋଗ ମିଳୁଥିବାରୁ ଖୁବ୍‌ଶୀଘ୍ର ଟ୍ରାଙ୍କୁଲାଇଜ୍ କରାଯାଇ ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି। ବାଘୁଣୀ ବୁଲୁଥିବା ଅଞ୍ଚଳରେ ଗୁଜବ ସୃଷ୍ଟି ନ କରିବାକୁ ପୁରୁଲିଆ ବନଖଣ୍ଡ ଅଧିକାରୀ ଅଞ୍ଜନ ଗୁହା ନିବେଦନ କରିଛନ୍ତି। ଦିନେ କିମ୍ବା ୨ଦିନ ମଧ୍ୟରେ ବାଘୁଣୀକୁ ଧରି ନ ପାରିଲେ ସେ ଲାଲଗଡ଼ ଜଙ୍ଗଲକୁ ପଳାଇଯାଇପାରେ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।



ଜଙ୍ଗଲରେ ବନ୍ଧା ଯାଇଥିବା ଛେଳି ଓ ବାଘୁଣୀ ଜିନ୍ନତ।



ଗଣତନ୍ତ୍ରର ସୁଫଳ ହେଲା- ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା- ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। -ଶ୍ରୀଅରବିନ୍ଦ

-ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ)



# ନିଜର ଦୂରଦୃଷ୍ଟି ଓ ସଂକଳ୍ପ ବଳରେ ଭାରତକୁ ଗଢ଼ିଥିବା ରାଷ୍ଟ୍ରନେତା ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଆଜି ୨୫ ଡିସେମ୍ବର, ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆମ ଦେଶ ଆମର ପ୍ରିୟ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳନ କରୁଛି। ସେ ଜଣେ ରାଷ୍ଟ୍ରନେତା ଭାବରେ ଅଗଣିତ ଲୋକଙ୍କୁ ପ୍ରେରଣା ଦେଉଛନ୍ତି।

ଏକବିଂଶ ଶତାବ୍ଦୀରେ ଭାରତ ପରିବର୍ତ୍ତନର ସ୍ଥପତି ହୋଇଥିବାରୁ ଆମ ଦେଶ ସର୍ବଦା ଅଟଳଜୀଙ୍କ ନିକଟରେ କୃତଜ୍ଞ ହୋଇ ରହିବ। ୧୯୯୮ରେ ଯେତେବେଳେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ, ସେତେବେଳେ ଆମ ଦେଶ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଥିଲା। ପ୍ରାୟ ୯ ବର୍ଷ ମଧ୍ୟରେ ଆମେ ୪ଟି ଲୋକସଭା ନିର୍ବାଚନ ଦେଖିଥିଲୁ। ଭାରତର ଲୋକମାନେ ଧୈର୍ଯ୍ୟହରା ହୋଇ ପଡ଼ିବା ସହ ସରକାରମାନେ ପ୍ରଶାସନ ପରିଚାଳନା କରିବାରେ ସକ୍ଷମ ହେବା ନେଇ ସନ୍ଦେହ ମଧ୍ୟ କରୁଥିଲେ। ଅଟଳଜୀ ହିଁ ସ୍ଥିର ଏବଂ ପ୍ରଭାବଶାଳୀ ଶାସନ ପ୍ରଦାନ କରି ଏହି ଧାରାକୁ ବଦଳାଇଥିଲେ। ସାଧାରଣ ପୃଷ୍ଠଭୂମିରୁ ଆସିଥିବା କାରଣରୁ ସେ ସାଧାରଣ ନାଗରିକଙ୍କ ସଂଘର୍ଷ ଏବଂ ପ୍ରଭାବଶାଳୀ ପ୍ରଶାସନର ପରିବର୍ତ୍ତନଶୀଳ ଶକ୍ତିକୁ ଅନୁଭବ କରିଥିଲେ।

ଆମ ଆଖପାଖରେ ଅନେକ କ୍ଷେତ୍ରରେ ଅଟଳଜୀଙ୍କ ନେତୃତ୍ୱର ଦୀର୍ଘକାଳୀନ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କ ଯୁଗରେ ସୂଚନା ପ୍ରଯୁକ୍ତିବିଦ୍ୟା, ଦୂରସଞ୍ଚାର ଏବଂ ଯୋଗାଯୋଗ ଦୁନିଆରେ ଏକ ବିରାଟ ପ୍ରଗତି ଦେଖିବାକୁ ମିଳିଥିଲା। ଅତି ସକ୍ରିୟ ଯୁବଶକ୍ତି ରହିଥିବା ଆମ ଭଳି ଏକ ରାଷ୍ଟ୍ର ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ଅଟଳଜୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାଧାରଣ ନାଗରିକଙ୍କ ପାଖରେ ପ୍ରଯୁକ୍ତିକୁ ପହଞ୍ଚାଇବା ପାଇଁ ପ୍ରଥମ ଥର ଗମ୍ଭୀର ପ୍ରୟାସ କରିଥିଲେ। ଏଥିସହିତ ଭାରତକୁ ଯୋଡ଼ିବାରେ ସରକାରଙ୍କର ଦୂରଦୃଷ୍ଟି ମଧ୍ୟ ରହିଥିଲା। ଆଜି ବି ଅଧିକାଂଶ ଲୋକ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପକୁ ମନେ ପକାଇଥା'ନ୍ତି, ଯାହା ସମଗ୍ର ଭାରତକୁ ରାଜପଥ ଜରିଆରେ ସଂଯୋଗ କରିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ୍ ସଡ଼କ ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ଆଞ୍ଚଳିକ ଗମନାଗମନରେ ସୁଧାର ଆଣିବା ପାଇଁ ବାଜପେୟୀ ସରକାରଙ୍କ ପ୍ରୟାସ ମଧ୍ୟ ସମାନ ଭାବରେ ଉଲ୍ଲେଖନୀୟ ଥିଲା। ସେହିଭଳି ତାଙ୍କ ସରକାର ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରକଳ୍ପ ଭାବରେ ଉଭା ହୋଇଥିବା ଦିଲ୍ଲୀ ମେଟ୍ରୋ ପାଇଁ ବ୍ୟାପକ କାର୍ଯ୍ୟ କରି ମେଟ୍ରୋ ସଂଯୋଗକୁ ପ୍ରୋତ୍ସାହନ ଦେଇଥିଲେ। ତେଣୁ ବାଜପେୟୀ ସରକାର କେବଳ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରି ନ ଥିଲେ ବରଂ ଦୂରବର୍ତ୍ତୀ ଅଞ୍ଚଳକୁ ନିକଟତର କରି ଦେଶର ଏକତା ଓ ଅଖଣ୍ଡତାକୁ ପ୍ରୋତ୍ସାହିତ କରିଥିଲେ।

ଅଟଳଜୀ ଏପରି ଏକ ଭାରତ ଗଠନ କରିବାର ସ୍ୱପ୍ନ ଦେଖିଥିଲେ ; ଯେଉଁଠାରେ ଆଧୁନିକ ଶିକ୍ଷା ସମଗ୍ର ଦେଶରେ, ବିଶେଷ କରି ଗରିବ ଓ ଅବହେଳିତ ବର୍ଗଙ୍କ ପାଇଁ ଉପଲବ୍ଧ ହୋଇପାରିବ। ସାମାଜିକ କ୍ଷେତ୍ରରେ 'ସର୍ବଶିକ୍ଷା ଅଭିଯାନ' ଭଳି ପଦକ୍ଷେପ ତାଙ୍କର ଏହି ଦୃଷ୍ଟିକୋଣକୁ ପ୍ରଦର୍ଶିତ କରିଥାଏ। ଏଥିସହିତ ତାଙ୍କ ସରକାର ଅନେକ ଆର୍ଥିକ ସଂସ୍କାର ଆରମ୍ଭ କରିଥିଲେ, ଯାହାଫଳରେ ଦୀର୍ଘ ଦଶନ୍ଧି ପର୍ଯ୍ୟନ୍ତ ପ୍ରିୟାପ୍ରୀତି ତୋଷଣ ଏବଂ ସ୍ଥାଣୁତାକୁ ପ୍ରୋତ୍ସାହନ ଦେଉଥିବା ଆର୍ଥିକ ଦର୍ଶନକୁ ଅନୁସରଣ କରିବା ଛାଡ଼ି ଭାରତୀୟ ଅର୍ଥବ୍ୟବସ୍ଥାର ବାସ୍ତବିକ ଅଭିବୃଦ୍ଧି ପାଇଁ ମଞ୍ଚ ପ୍ରସ୍ତୁତ ହୋଇଥିଲା।

ଶ୍ରୀ ବାଜପେୟୀଙ୍କ ନେତୃତ୍ୱର ଏକ ଚମତ୍କାର ଉଦାହରଣ ୧୯୯୮ ଗ୍ରୀଷ୍ମଋତୁରେ ଦେଖିବାକୁ ମିଳିଥିଲା। ମେ ୧୧ ତାରିଖରେ ତାଙ୍କ ସରକାର ଦାୟିତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭାରତ ପୋଖରାନ ପରୀକ୍ଷଣ କରିଥିଲା, ଯାହା ଅପରେଶନ ଶକ୍ତି ନାମରେ ପରିଚିତ। ଏହି ପରୀକ୍ଷଣ ଭାରତର ବୈଜ୍ଞାନିକମାନଙ୍କ ଦକ୍ଷତାର ପରିଚୟ ଦେଇଥାଏ। ଭାରତ ଏହି ପରୀକ୍ଷଣ କରିଥିବାରୁ ସାରା ବିଶ୍ୱ ଚକିତ ହୋଇଯାଇଥିଲା ଏବଂ ସ୍ପଷ୍ଟ ଶବ୍ଦରେ ନିଜର କ୍ରୋଧ ପ୍ରକାଶ କରିଥିଲା। ଅନ୍ୟ କେହି ସାଧାରଣ ନେତା ହୋଇଥିଲେ ମୁଣ୍ଡ ନୁଆଁଇଥାନ୍ତେ, କିନ୍ତୁ ଅଟଳଜୀ ଥିଲେ ଭିନ୍ନ ବ୍ୟକ୍ତିତ୍ୱ। ପରିଣାମ କ'ଣ ହେଲା ? ଏହାର ଦୁଇଦିନ ପରେ ଅର୍ଥାତ୍ ମେ ୧୩ ତାରିଖରେ ଆଉ ଏକ ପରୀକ୍ଷଣ ପାଇଁ ସରକାର ଘୋଷଣା କରିବା ସହ ଭାରତ ଦୃଢ଼ତାର ସହିତ ନିଜର ସ୍ଥିତି ଜାହିର କରିଥିଲା। ୧୧ ତାରିଖର ପରୀକ୍ଷଣରେ ବୈଜ୍ଞାନିକଙ୍କର କୌଶଳ ଦେଖିବାକୁ ମିଳିଥିବା ବେଳେ ୧୩ ତାରିଖରେ ହୋଇଥିବା ପରୀକ୍ଷଣରେ ପ୍ରକୃତ ନେତୃତ୍ୱ ଦେଖିବାକୁ ମିଳିଥିଲା। ଭାରତ କୌଣସି ଧମକ କିମ୍ବା ଚାପରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ବିଶ୍ୱକୁ ବାର୍ତ୍ତା ଦେଇଥିଲା। ଅନ୍ତର୍ଜାତୀୟ କଟକଣାର ସମ୍ମୁଖୀନ ହୋଇଥିଲେ ମଧ୍ୟ ବାଜପେୟୀଙ୍କ ତତ୍କାଳୀନ ଏନ୍‌ଡିଏ ସରକାର ଦୃଢ଼ତାର ସହ ନିଜର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭାରତର ଅଧିକାରକୁ ଦର୍ଶାଇଥିଲେ ଏବଂ ଏହାସହିତ



ବିଶ୍ୱ ଶାନ୍ତିର ସବୁଠାରୁ ଶକ୍ତିଶାଳୀ ପ୍ରବକ୍ତା ହୋଇଥିଲେ।

ଅଟଳଜୀ ଭାରତୀୟ ଗଣତନ୍ତ୍ରକୁ ବୁଝିଥିଲେ ଏବଂ ଏହାକୁ ଅଧିକ ଦୃଢ଼ କରିବାର ଆବଶ୍ୟକତାକୁ ମଧ୍ୟ ହୃଦୟଙ୍ଗମ କରିଥିଲେ। ଅଟଳଜୀ ଏନ୍‌ଡିଏ ମେଣ୍ଟର ଅଧ୍ୟକ୍ଷତା କରିଥିଲେ, ଯାହା ଭାରତୀୟ ରାଜନୀତିରେ ମେଣ୍ଟ ପରିଚାଳନାକୁ ପୁନଃପରିଭାଷିତ କରିଥିଲା। ସେ ଲୋକଙ୍କୁ ଏକାଠି କରି ଏନ୍‌ଡିଏକୁ ବିକାଶ, ଜାତୀୟ ପ୍ରଗତି ଏବଂ ଆଞ୍ଚଳିକ ଆକାଂକ୍ଷା ପୂର୍ତ୍ତି ପାଇଁ ଏକ ଶକ୍ତିରେ ପରିଣତ କରିଥିଲେ। ତାଙ୍କ ରାଜନୈତିକ ଯାତ୍ରା ସମୟରେ ତାଙ୍କର ସଂସଦୀୟ ଦକ୍ଷତା ଦେଖିବାକୁ ମିଳିଥିଲା। ହାତଗଣତି ସାଂସଦ ଥିବା ଦଳରୁ ସେ ପ୍ରତିନିଧିତ୍ୱ କରୁଥିଲେ, କିନ୍ତୁ ତାଙ୍କ କଥା ସେତେବେଳେ ସର୍ବଶକ୍ତିଶାଳୀ କଂଗ୍ରେସ ଦଳର ଶକ୍ତିକୁ ଦୋହଲାଇଦେବା ପାଇଁ ଯଥେଷ୍ଟ ଥିଲା। ପ୍ରଧାନମନ୍ତ୍ରୀ ଭାବରେ ସେ ବିରୋଧୀଙ୍କ ସମାଲୋଚନାକୁ ସ୍ୱତନ୍ତ୍ର ଶୈଳୀ ଓ ସାମର୍ଥ୍ୟର ସହ ମୁକାବିଲା କରିଥିଲେ। ତାଙ୍କର କ୍ୟାରିୟର ମୁଖ୍ୟତଃ ବିରୋଧୀ ଦଳରେ ବିତିଥିଲା, କିନ୍ତୁ କଂଗ୍ରେସ ତାଙ୍କୁ ଦେଶଦ୍ରୋହୀ କହି ଅତି ନିମ୍ନସ୍ତରକୁ ଖସି ଆସିଥିଲେ ମଧ୍ୟ ତାଙ୍କ ମନରେ କେବେ ବି କାହା ବିରୋଧରେ ତିକ୍ତତା ନ ଥିଲା।

ସୁବିଧାବାଦୀ ଉପାୟରେ କ୍ଷମତାରେ ରହିବାକୁ ମଧ୍ୟ ସେ କେବେ ବି ଆଗ୍ରହୀ ନ ଥିଲେ। ଘୋଡ଼ା ବେପାର ଓ ଘୃଣ୍ୟ ରାଜନୀତିର ମାର୍ଗ ଅନୁସରଣ କରିବା ପରିବର୍ତ୍ତେ ୧୯୯୬ରେ ସେ ଇସ୍ତଫା ଦେବାକୁ ପସନ୍ଦ କରିଥିଲେ। ୧୯୯୯ରେ ତାଙ୍କ ସରକାର ଗୋଟିଏ ଭୋଟରେ ପରାସ୍ତ ହୋଇଥିଲା। ସେତେବେଳେ ହେଉଥିବା ଅନୈତିକ ରାଜନୀତିର ମୁକାବିଲା କରିବା ପାଇଁ ଅନେକ ଲୋକ ତାଙ୍କୁ କହିଥିଲେ କିନ୍ତୁ ସେ ନିୟମ ମାନି ଆଗକୁ ବଢ଼ିବା ପାଇଁ ପସନ୍ଦ କରିଥିଲେ। ଶେଷରେ ସେ ଜନତାଙ୍କଠାରୁ ଆଉ ଏକ ମଜଭୁତ ଜନାଦେଶ ନେଇ ଫେରିଥିଲେ।

ଯେତେବେଳେ ଆମ ସମ୍ବିଧାନର ସୁରକ୍ଷା ପାଇଁ ପ୍ରତିବଦ୍ଧତା କଥା ଆସେ, ଅଟଳଜୀ ସର୍ବୋଚ୍ଚ ସୋପାନରେ ଠିଆ ହୋଇଥିବା ଦେଖିବାକୁ ମିଳନ୍ତି। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ସହିଦ ହେବା ଘଟଣାରେ ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ଏହାର ଅନେକ ବର୍ଷ ପରେ ସେ ଜରୁରିକାଳୀନ ପରିସ୍ଥିତି ବିରୋଧୀ ଆନ୍ଦୋଳନର ଏକ ସ୍ତମ୍ଭ ସାଜିଥିଲେ। ଜରୁରୀ ପରିସ୍ଥିତି ପରେ ୧୯୭୭ ନିର୍ବାଚନ ପୂର୍ବରୁ ସେ ନିଜ ଦଳ (ଜନସଂଘ)କୁ ଜନତା ପାର୍ଟିରେ ମିଶ୍ରଣ କରିବାକୁ ରାଜି ହୋଇଥିଲେ। ମୁଁ ନିଶ୍ଚିତ ଯେ ତାଙ୍କ ପାଇଁ ଏବଂ ଅନ୍ୟମାନଙ୍କ ଲାଗି ଏହା ଏକ ଯନ୍ତ୍ରଣାଦାୟକ ନିଷ୍ପତ୍ତି ହୋଇଥିବ, କିନ୍ତୁ ସେତେବେଳେ ସମ୍ବିଧାନର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

ଭାରତୀୟ ସଂସ୍କୃତି ସହ ଅଟଳଜୀଙ୍କର କେତେ ଗଭୀର ସମ୍ପର୍କ ଥିଲା ତାହା ମଧ୍ୟ ଉଲ୍ଲେଖନୀୟ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ହେବା ପରେ ସେ ଜାତିସଂଘରେ ହିନ୍ଦୀରେ ଭାଷଣ ଦେବାରେ ପ୍ରଥମ ଭାରତୀୟ ନେତା ହୋଇଥିଲେ। ଏହି ଗୋଟିଏ ପଦକ୍ଷେପ ଭାରତର ଐତିହ୍ୟ ଓ ପରିଚୟକୁ ନେଇ ତାଙ୍କ ସୀମାହୀନ ସ୍ୱାଭିମାନକୁ ପ୍ରଦର୍ଶିତ କରିବା ସହ ବିଶ୍ୱ ସ୍ତରରେ ତାଙ୍କର ଏକ ଅବିସ୍ମରଣୀୟ ଛାପ ଛାଡ଼ିଥିଲା।

ଅଟଳଜୀଙ୍କ ବ୍ୟକ୍ତିତ୍ୱ ଚୁମ୍ବକୀୟ ଥିଲା ଏବଂ ସାହିତ୍ୟ ଓ ଅଭିବ୍ୟକ୍ତି ପ୍ରତି ତାଙ୍କର ଭଲପାଇବା କାରଣରୁ ତାଙ୍କ ଜୀବନ ସମୃଦ୍ଧ ହୋଇଥିଲା। ଜଣେ ଉତ୍କୃଷ୍ଟ ଲେଖକ ଓ କବି ଭାବେ ସେ ବିଚାର ଉଦ୍ରେକକାରୀ ତଥା ପ୍ରେରଣାଦାୟୀ ଲେଖା ଲେଖୁଥିଲେ। ତାଙ୍କର ଲେଖା ସାନ୍ତ୍ୱନା ପ୍ରଦାନକାରୀ ମଧ୍ୟ ଥିଲା। ତାଙ୍କର କବିତାରେ, ପ୍ରାୟତଃ ତାଙ୍କର ଅନ୍ତରୀଣ ସଂଘର୍ଷ, ଦେଶ ପାଇଁ ରହିଥିବା ଆଶା ପ୍ରତିଫଳିତ ହୋଇଥାଏ। ଏହା ବର୍ତ୍ତମାନ ସୁଦ୍ଧା ଅନେକ ପିଢ଼ିର ଲୋକଙ୍କୁ ପ୍ରଭାବିତ କରି ଚାଲିଛି।

ଅଟଳଜୀଙ୍କ ଭଳି ଜଣେ ବ୍ୟକ୍ତିଙ୍କଠାରୁ ଶିଖିବା ଏବଂ ତାଙ୍କ ସହ କଥା ହେବାରେ ସକ୍ଷମ ହେବା ମୋ ଭଳି ଅନେକ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ଭାଜପା ପାଇଁ ତାଙ୍କର ଅବଦାନ ଥିଲା ମୂଳ ଆଧାର। ତତ୍କାଳୀନ ସମୟରେ ପ୍ରଭାବଶାଳୀ କଂଗ୍ରେସର ବିକଳ୍ପ ଆଭିମୁଖ୍ୟ ଗ୍ରହଣ କରିବାରେ ନେତୃତ୍ୱ ନେବା ତାଙ୍କର ମହାନତାକୁ ପ୍ରଦର୍ଶିତ କରିଥାଏ। ଶ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ଜୀ ଏବଂ ଡକ୍ଟର ମୁରଲୀ ମନୋହର ଯୋଶୀଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିଶି ସେ ଦଳକୁ ଏହାର ପ୍ରାରମ୍ଭିକ ଅବସ୍ଥାରୁ ଆଗକୁ ବଢ଼ାଇଥିଲେ। ଏଥିପାଇଁ ସେମାନଙ୍କୁ ଅନେକ ଆହ୍ୱାନ, ପରାଜୟ ଏବଂ ବିଜୟର ସାମ୍ନା କରିବାକୁ ପଡ଼ିଥିଲା। ଆଦର୍ଶ ଓ କ୍ଷମତା ମଧ୍ୟରୁ ସେ ସବୁବେଳେ ପ୍ରଥମଟିକୁ ବାଛିଥିଲେ। ସେ ଦେଶବାସୀଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ ଯେ କଂଗ୍ରେସର ଏକ ବିକଳ୍ପ ବିଶ୍ୱ ଦୃଷ୍ଟିକୋଣ ସମ୍ଭବ ଏବଂ ଏପରି ଦୃଷ୍ଟିକୋଣ ସୁଶାସନ ଦେଇପାରିବ।

ଆସନ୍ତୁ ତାଙ୍କ ୧୦୦ତମ ଜୟନ୍ତୀ ଅବସରରେ ତାଙ୍କ ଆଦର୍ଶକୁ ସାକାର କରିବା ଏବଂ ଭାରତ ପାଇଁ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ନିଜକୁ ସମର୍ପିତ କରିବା। ଆସନ୍ତୁ ଆମେ ଏପରି ଏକ ଭାରତ ଗଠନ ପାଇଁ ପ୍ରୟାସ କରିବା ; ଯାହା ତାଙ୍କର ସୁଶାସନ, ଏକତା ଏବଂ ପ୍ରଗତିର ନୀତିକୁ ପ୍ରତିଫଳିତ କରିବ। ଆମ ଦେଶର ସାମର୍ଥ୍ୟ ଉପରେ ଅଟଳଜୀଙ୍କ ଅତୁଟ ବିଶ୍ୱାସ ଆମକୁ ଉଚ୍ଚ ଲକ୍ଷ୍ୟ ହାସଲ କରିବା ଏବଂ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୭୫

- ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦର ପୂର୍ବତନ ଡିରେକ୍ଟର ଜେନେରାଲ ଡ. ଏସ୍. ହୁସେନ ଜହୀରଙ୍କ ୭୫ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ଚଳଚ୍ଚିତ୍ର ସଙ୍ଗୀତକାର ବସନ୍ତ ଦେଶାଇଙ୍କ ୬୧ ବର୍ଷ ବୟସରେ ପରଲୋକ।
- ପୂର୍ବ ପାକିସ୍ତାନର ଶରଣାର୍ଥୀମାନଙ୍କ ପୁନର୍ବସତି ଯୋଜନା ଓ ପୋଙ୍ଗେରୁ ଜଳସେଚନ ଯୋଜନାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ।
- ଡେନ୍‌ମାର୍କରେ ଥିବା ଭାରତର ରଷ୍ଟ୍ରଦୂତ କେ ରୁକ୍ମିଣୀ ମେନନ ଇଟାଲିରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହୋଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | |
| | | 9 | | 6 | | 8 | 7 | |
| | | 1 | | | 3 | | | |
| | | | | 5 | | | | |
| | | 5 | | 3 | | 6 | | 9 |
| | | | 9 | | | | 4 | |
| | | | 2 | | | 3 | 9 | |
| | 6 | 8 | 4 | | | | | 2 |
| 2 | | 4 | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 2 | 7 | 1 | 3 | 8 | 9 |
| 1 | 2 | 8 | 6 | 3 | 9 | 7 | 4 | 5 |
| 3 | 9 | 7 | 5 | 4 | 8 | 6 | 1 | 2 |
| 9 | 5 | 4 | 8 | 2 | 3 | 1 | 6 | 7 |
| 7 | 3 | 1 | 9 | 6 | 4 | 5 | 2 | 8 |
| 8 | 6 | 2 | 7 | 1 | 5 | 4 | 9 | 3 |
| 5 | 8 | 3 | 4 | 9 | 6 | 2 | 7 | 1 |
| 4 | 7 | 9 | 1 | 5 | 2 | 8 | 3 | 6 |
| 2 | 1 | 6 | 3 | 8 | 7 | 9 | 5 | 4 |

ଗତକାଲିର ଉତ୍ତର

# ବ୍ୟାଙ୍କିଙ୍ଗ୍‌ରେ ସାଇବର ସୁରକ୍ଷା



ଡ. ତପନ କୁମାର ପାଳ

ବର୍ତ୍ତମାନ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସାଇବର ସୁରକ୍ଷାର ଆବଶ୍ୟକତା ବହୁତ ବେଶି। କାରଣ ଲୋକମାନେ ସମୟ ଅଭାବରୁ ଅନ୍‌ଲାଇନ ମାଧ୍ୟମରେ ବ୍ୟାଙ୍କ କାରବାର କରୁଛନ୍ତି। ଆଉ ସାଇବର ଠକେଇ ବଢ଼ିଯାଇଛି। ଏଥିପାଇଁ ସାଇବର ସିକ୍ୟୁରିଟି ବିଷୟରେ ଜାଣିବା ଜଣେ ଖାତାଧାରକ ଲାଗି ଜରୁରୀ ହୋଇପଡ଼ିଛି।

ସର୍ବପ୍ରଥମେ ଆସନ୍ତୁ ଜାଣିବା ବ୍ୟାଙ୍କିଙ୍ଗ୍ ସାଇବର ସୁରକ୍ଷା କ'ଣ: ସଫ୍ଟୱେର ପରିଚାଳିତ ବିଭିନ୍ନ ତନଖି ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ତା'ର ଗ୍ରାହକଙ୍କ ଖାତା ଓ କାରବାରକୁ ସୁରକ୍ଷିତ କରିଥାଏ। ପ୍ରତି ଆର୍ଥିକ ପ୍ରତିଷ୍ଠାନ ସେମାନଙ୍କ ଗ୍ରାହକଙ୍କୁ ସାଇବର ଠକେଇରୁ ରକ୍ଷା କରିବା ଲାଗି ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଖାତାଧାରକଙ୍କ ଜରୁରୀ ତଥ୍ୟ, କାରବାର ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ। ବ୍ୟାଙ୍କ ଗ୍ରାହକଙ୍କ ବ୍ୟକ୍ତିଗତ ପରିଚୟ ବିବରଣୀ ଓ ଆର୍ଥିକ ସୂଚନା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥାଏ। ସାଇବର ସିକ୍ୟୁରିଟି ନ ରହିଲେ ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ସମ୍ଭାବନା ରହିଛି। ଏହା ସହିତ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ।

ସାଇବର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ସେମାନଙ୍କ ଟଙ୍କା ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷା ଦେଇପାରିବ ବୋଲି ଗ୍ରାହକମାନେ ଆସ୍ଥା ରଖନ୍ତି। ସାମଗ୍ରିକ ଓ ସମସ୍ତ ନିୟାମକ ଅନୁପାଳନ କରାଯିବା ଦରକାର। ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ତଥ୍ୟ ସୁରକ୍ଷା ସମ୍ବନ୍ଧରେ କଠୋର ନିୟମ ମାନିବା ଆବଶ୍ୟକ। ଏଥିରେ ବିଫଳ ହେଲେ ପ୍ରତିଷ୍ଠାନଗୁଡ଼ିକ କଠୋର ଦଣ୍ଡର ସମ୍ମୁଖୀନ ହେବା ସହିତ ସେମାନେ ପ୍ରତିଷ୍ଠା ହରାଇପାରନ୍ତି।

ସାଇବର ଆକ୍ରମଣ ଦ୍ୱାରା ବ୍ୟାଙ୍କ ଓ ଖାତାଧାରକଙ୍କ ପାଇଁ ସିଧାସଳଖ ଆର୍ଥିକ କ୍ଷତି ହୋଇପାରେ। ପ୍ରଭାବଶାଳୀ ସାଇବର ସୁରକ୍ଷା ଏହି ବିପଦକୁ କମ୍ କରିଥାଏ।

ସାଇବର ଠକେଇରୁ କିପରି ବର୍ତ୍ତିବେ ସେ ସମ୍ପର୍କରେ ସଚେତନ ହେବା ଦରକାର। ଶକ୍ତିଶାଳୀ ପାସ୍‌ୱାର୍ଡ- ଅକ୍ଷର, ସଂଖ୍ୟା ଓ ଚିହ୍ନ ବ୍ୟବହାର କରି ଜଟିଳ ପାସ୍‌ୱାର୍ଡ ତିଆରି କରନ୍ତୁ। ଜନ୍ମଦିନ କିମ୍ବା ସାଧାରଣ ଶବ୍ଦ ପରି ସହଜରେ ଅନୁମାନଯୋଗ୍ୟ ତଥ୍ୟ ବ୍ୟବହାର କରି ପାସ୍‌ୱାର୍ଡ ଗଠନରୁ ଦୂରେଇ ରୁହନ୍ତୁ। ମଲ୍ଟି-ଫ୍ୟାକ୍ଟର



ଅଥେଣ୍ଟିକେଶନ(ଏମ୍‌ଏଫ୍‌ଏ) ଆପଣଙ୍କ ପାସ୍‌ୱାର୍ଡ ବ୍ୟତୀତ ଭେରିଫିକେଶନ ଅନ୍ୟ ଦିଗ ମଧ୍ୟ ଯାଞ୍ଚ କରିଥାଏ। ଏହାଦ୍ୱାରା ହ୍ୟାକିଂର ଆଶଙ୍କା କମିଯାଏ। ବ୍ୟକ୍ତିଗତ ସୂଚନା ମାଗୁଥିବା ଅବାଞ୍ଛିତ ଇମେଲ୍, ଫୋନ କଲ୍ କିମ୍ବା ବାର୍ତ୍ତା ପ୍ରତି ସତର୍କ ରୁହନ୍ତୁ। କୌଣସି ବିବରଣୀ ପ୍ରଦାନ କରିବା ପୂର୍ବରୁ ସର୍ବଦା ତାହାର ଉତ୍ସ ଯାଞ୍ଚ କରନ୍ତୁ। ନିୟମିତ ସଫ୍ଟୱେର ଅପଡେଟ ଜରୁରୀ। ଠକେଇରୁ ସୁରକ୍ଷା ପାଇବା ପାଇଁ ଆପଣଙ୍କ କମ୍ପ୍ୟୁଟର ଓ ଫୋନ୍‌ର ଅପରେଟିଂ ସିଷ୍ଟମ, ବ୍ରାଉଜର ତଥା ବ୍ୟାଙ୍କିଙ୍ଗ୍ ଆପ୍‌କୁ ନିୟମିତ ଅପଡେଟ୍ କରନ୍ତୁ। ନିୟମିତ ଆକାଉଣ୍ଟ ମଧ୍ୟ ଯାଞ୍ଚ କରନ୍ତୁ। କୌଣସି ଅନଧିକୃତ କାରବାର ସମ୍ପର୍କରେ ଜାଣିବା ଲାଗି ନିୟମିତ ଭାବେ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଓ ଆକାଉଣ୍ଟ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖନ୍ତୁ। ଆପଣଙ୍କ ଡିଭାଇସ୍‌କୁ ମାଲ୍‌ୱେରରୁ ରକ୍ଷା କରିବା ପାଇଁ ଆଣ୍ଟିଭାଇରସ୍ ସଫ୍ଟୱେର ଓ ଫାୟାରୱାଲ ବ୍ୟବହାର କରନ୍ତୁ। ବ୍ୟାଙ୍କିଙ୍ଗ୍ କାରବାର ପାଇଁ ସର୍ବସାଧାରଣ ୱାଇ-ଫାଇ ବ୍ୟବହାର କରନ୍ତୁ ନାହିଁ।

ଏସବୁ ଛଡ଼ା ସାଧାରଣ ସାଇବର ବିପଦକୁ କିପରି ଚିହ୍ନିହେବ ସେ ବିଷୟରେ ସର୍ବଦା ଅବଗତ ରହିବା ଜରୁରୀ। ଗ୍ରାହକମାନଙ୍କୁ ଅନଲାଇନ କାରବାରରେ ସଚେତନ ରହିବାକୁ ଅନେକ ବ୍ୟାଙ୍କ ତାଲିମ ଦେଇଥାନ୍ତି। ତଥାପି ହ୍ୟାକରମାନେ ଲୋକମାନଙ୍କୁ ଠକିବାର ନୂଆ ନୂଆ କୌଶଳ ଆପଣାଇଥାନ୍ତି। ସେ ସବୁକୁ ପ୍ରତିହତ କରିବା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ତଥ୍ୟ କାହାକୁ ଜଣାଇବା ଅନୁଚିତ। ନିଜେ ସଚେତନ ରହିଲେ ହିଁ ଏପରି ବିପଦକୁ ଏଡ଼ାଇ ପାରିବେ। ବର୍ତ୍ତମାନ ସମୟରେ ଦିନକୁ ଦିନ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବୀ ଓ ଟେକ୍ନୋଲୋଜିକୁ ଦେଖି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି। ଆପଣଙ୍କର ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ କୌଣସି ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ। ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ କାରବାର ପ୍ରସଙ୍ଗରେ କୌଣସି ସମସ୍ୟା ଦେଖାଯିବା ମାତ୍ରେ ତୁରନ୍ତ ନିକଟସ୍ଥ ବ୍ୟାଙ୍କ କିମ୍ବା ଆପଣଙ୍କ ପାସ୍‌ବୁକ ରହିଥିବା ଶାଖା ସହ ଯୋଗାଯୋଗ ରଖନ୍ତୁ। ଆପଣଙ୍କର ସତର୍କତା ଓ ସଚେତନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କ ସହ ଆମ ଜାତୀୟ ଅର୍ଥନୀତିର ଏକ ସୁରକ୍ଷିତ ଦିଗ ପ୍ରତି ଆପଣ ଯେ ଯତ୍ନବାନ୍ ଏହା ମଧ୍ୟ ପ୍ରମାଣିତ ହୋଇପାରିବ।

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ, ଦେଉଳସାହି, ତୁଳସୀପୁର, କଟକ**
**ମୋ: ୯୯୩୭୬୫୮୩୬୨**

## ଏଇ ଭାରତରେ

ଭାରତରେ ଏବେ ଅନେକ ସହରରେ ବାୟୁ ପ୍ରଦୂଷଣ ଅସହ୍ୟ ହୋଇପଡ଼ିଛି। ବିଶେଷକରି ଦିଲ୍ଲୀରେ ବାହାରକୁ ବାହାରିବା ବିପଜ୍ଜନକ ହୋଇଯାଇଛି। ସ୍କୁଲ ବନ୍ଦ କରିବାକୁ ପଡୁଛି। ଏବେ ବିଶ୍ୱର ସବୁଠୁ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ଭାରତର ପାଖାପାଖି ୪୦ଟି ସହର ଅଛି। ତେବେ ସହରର ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟି କରି ରାଧାକ୍ରିଷ୍ଣନ୍ ନାଏର ଉଦାହରଣ ସୃଷ୍ଟି କରିଛନ୍ତି। ସେ ଏବେ ସୁଦ୍ଧା ବିଭିନ୍ନ ରାଜ୍ୟର ସହରାଞ୍ଚଳରେ ମିୟାୱାକି ପଦ୍ଧତିରେ ୮୦ରୁ ଅଧିକ ଜଙ୍ଗଲ କରିସାରିଲେଣି। ଜାପାନର ବଟାନିଷ୍ଟ ଅକିରା ମିୟାୱାକି ଏହି ପଦ୍ଧତିକୁ ପ୍ରଥମେ ସାମ୍ନାକୁ ଆଣିଥିଲେ, ଯେଉଁଥିରେ ସହରାଞ୍ଚଳରେ କମ୍ ଜାଗାରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇପାରୁଛି। କେରଳର କସାରଗୁଡରେ ନାଏରଙ୍କ ଜନ୍ମ । ପରେ ପରିବାର ସହ ସେ କର୍ନାଟକ ମାଙ୍ଗାଲୁର ନିକଟସ୍ଥ ଏକ ଗାଁକୁ ଚାଲିଯାଇଥିଲେ। ସେଠାରେ ଶିକ୍ଷା ଶେଷ କରି ମୁମ୍ବାଇରେ ଏକ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କାମ କରିଥିଲେ। ପରେ ପଦୋନ୍ନତି ପାଇ ଗୁଜରାଟର ଉମରଗାଁକୁ ଯାଇଥିଲେ। ସେଠାକାର ପରିବେଶ ପ୍ରଦୂଷଣ ଦେଖି ତାହାର ପ୍ରତିକାର ପାଇଁ ଉପାୟ ଖୋଜିଥିଲେ। ସେଠାରେ ଏକ ଦଶନ୍ଧି କାମ କରିବା ପରେ ଶ୍ରୀ ପୌର୍ଣ୍ଣିକା ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ପ୍ରତିଷ୍ଠା କରି ରେଡିମେଡ ଶାର୍ଟ ତିଆରି କରିଥିଲେ। ସେହି ସମୟରେ ଅର୍ଥାତ୍ ୨୦୧୨ରେ ନାଏର ଉମରଗାଁ ରେ ୧ ଏକର ଜମି କିଣି ମିୟାୱାକି ପଦ୍ଧତିରେ ୧୫,୦୦୦ ଗଛ ଲଗାଇ ଜଙ୍ଗଲଟିଏ କରିଥିଲେ। ପରେ କଚ୍ଛ ଭୂମିକମ୍ପରେ ମୃତକଙ୍କ ସ୍ମୃତିରେ ସେ ୪ ଲକ୍ଷ ଗଛ ଲଗାଇଛନ୍ତି। ଏହା ବ୍ୟତୀତ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ୪୦,୦୦୦ ଗଛ ଲଗାଇଛନ୍ତି। ପରେ ଏକ ଅଳିଆ ଗଦା ହେଉଥିବା ସ୍ଥାନରେ ସମାନ ପ୍ରକାର ଜଙ୍ଗଲ ସୃଷ୍ଟି କରିବା ଲାଗି ମହାରାଷ୍ଟ୍ର ସରକାରଙ୍କୁ ଅନୁରୋଧ କରିଥିଲେ ଓ ସରକାରଙ୍କ ସହଯୋଗରେ ସେଠାରେ ସେ ୩୦,୦୦୦ ଗଛ ଲଗାଇ ଏକ ଘଞ୍ଚ ଜଙ୍ଗଲ କରିପାରିଥିଲେ। ସେବେଠାରୁ ୧୨ ରାଜ୍ୟରେ ଏଭଳି ଜଙ୍ଗଲ କରିବାରେ ଲାଗିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ଦରବୃଦ୍ଧି

ମହାଶୟ,

ଦକ୍ଷିଣ ଭାରତର ପ୍ରସିଦ୍ଧ ମନ୍ଦିର ପ୍ରଭୁ ତିରୁପତିଙ୍କ ଲଡ୍ଡୁ ଭୋଗରେ ବ୍ୟବହୃତ ହେଉଥିବା ଘିଅ ଭେଜାଲ ହେବା କଥା ଲୋକଲୋଚନକୁ ଆସିବା ପରେ ଆମ ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ନେଇଛନ୍ତି। ବିଭିନ୍ନ ମନ୍ଦିରରେ ହେଉଥିବା ରନ୍ଧା ପ୍ରସାଦ ଓ ଶୁଖିଲା ପ୍ରସାଦକୁ କେବଳ ସରକାରୀ ସ୍ତରରେ ଓଡ଼ିଶାର ଦୁଗ୍ଧ ଚାଷୀ ମାନଙ୍କଠାରୁ ସଂଗ୍ରହ କରାଯାଉଥିବା ଦୁଗ୍ଧରୁ ପ୍ରସ୍ତୁତ ଘିଅ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ପୁରୀ ଶ୍ରୀମନ୍ଦିରର ମହାପ୍ରସାଦ ଦର ବୃଦ୍ଧି ହେଉଛି ବୋଲି ସେବକମାନେ କହିଛନ୍ତି । ବର୍ତ୍ତମାନ ବଜାର ଦର୍ ଯେଉଁ ଭଳି ବଢ଼ି ବଢ଼ି ଚାଲିଛି ସେଥିରେ କ'ଣ ଖାଲି ଘିଅ ଯୋଗୁ ହିଁ ମହାପ୍ରସାଦ ଦର ବୃଦ୍ଧି ହୋଇଛି କି ? ନା ତାହା କେବେ ବି ନୁହେଁ । ଡାଲି, ଚାଉଳ, ପରିବା, ଜିରା, ବିଭିନ୍ନ ପ୍ରକାରର ମସଲା, ଗୁଡ, ବୁଟ ଓ ପ୍ରସାଦ ପାଇଁ ବ୍ୟବହୃତ ହେଉଥିବା ଅନେକ ଜିନିଷ ଏତେ ମହଙ୍ଗା ହୋଇଯାଇଛି ଯେ, ଯଦି ତାହାକୁ ସରକାରୀ ସ୍ତରରେ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ ତେବେ ପ୍ରସାଦ ଦର ବୃଦ୍ଧିକୁ ରୋକିବା ଅନେକ କଷ୍ଟ ହୋଇଯିବ । ଓଡ଼ିଶାରେ ଅନେକ ପରିବା ଯାହା ପ୍ରସାଦରେ ବ୍ୟବହାର କରାଯାଏ ତା'ର ଉତ୍ପାଦନ ପ୍ରାୟ ଅନ୍ୟ ରାଜ୍ୟରୁ ଆମଦାନୀ କରିବାକୁ ପଡୁଛି । ଏହାର ସିଧା ପ୍ରଭାବ ଏକ ପ୍ରକାର ମହାପ୍ରସାଦ ଦର ବୃଦ୍ଧି ଉପରେ ମଧ୍ୟ ପଡୁଛି। ମହାପ୍ରସାଦ ଦର ନିୟନ୍ତ୍ରଣ କରାଯାଇ ତା'ର ଦର ତାଲିକା ପ୍ରସାଦ ବିକୁଥିବା ପ୍ରତି ସେବକ ମାନଙ୍କ ଷ୍ଟଲ୍ ପାଖରେ ରଖିବା ପାଇଁ ଆମେ କଂଗ୍ରେସ ସରକାର ଅମଳରୁ ଶୁଣି ଆସୁଛୁ । କିନ୍ତୁ ଏ ପର୍ଯ୍ୟନ୍ତ ତାହା କୌଣସି ଧାରାରେ ପଡ଼ି ପାରିଲା ନାହିଁ। ମନ୍ଦିର ପରିଚାଳନାରେ ନିଯୁକ୍ତ କର୍ମଚାରୀ ଓ ମନ୍ଦିର ସେବକମାନଙ୍କୁ ଶୃଙ୍ଖଳିତ କରିବା ଅତ୍ୟନ୍ତ ଜରୁରୀ। ତେବେ ଯାଇ ଓଡ଼ିଶାର ଜନସାଧାରଣଙ୍କ ବିଶ୍ୱାସର ପାତ୍ର ସେବକମାନେ ହୋଇପାରିବେ। ଅନ୍ୟପଟେ ମନ୍ଦିର ପରିଚାଳନା ବିଭାଗର ଉତ୍ତରଦାୟିତ୍ୱ ମଧ୍ୟ ପ୍ରକାଶ ପାଇପାରିବ।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର**

## ଚିରନ୍ତନୀ

କେତେ ସୁକୁମାର ପରଶ ଜାଗିଲା ମରମେ
ହରଷାଇ
କେତେ ଫଗୁଣର ଅବିର ଲାଗିଲା ଚରମେ
ମନେ ନାହିଁ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମା' ପୁଅଙ୍କୁ ଆକ୍ରମଣ କରି ଲୁଟ୍

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ): ସଦର ଥାନା ସୁକୁଣ୍ଡା ଗ୍ରାମରେ ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟ ହୋଇଛି। ଲୁଟର ଶିକାର ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୪୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ହରିଡାଖଣ୍ଡି ଶାନ୍ତିନଗରର ଲତା ନାହାକ ଓ ତାଙ୍କ ପୁଅ ଅଭିଷେକ ଗତ ସୋମବାର ସକାଳେ ନିଜର ବାଇକ ନଂ. ଓ ୦୭ ଏଡି ୬୬୪୩ ରେ ସୁକୁଣ୍ଡା ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଯାଉଥିଲେ। ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଭୟଭୀତ କରି ଥିଲେ। ଲତାଙ୍କ ଭେନିଟ ବ୍ୟାଗରେ ଥିବା ୪୭୦୦ ଟଙ୍କା ଓ ଅଭିଷେକଙ୍କ ପ୍ୟାଣ୍ଟ ପକେଟରେ ଥିବା ୨୫୦୦ ଟଙ୍କା ଲୁଟ ନେଇଯାଇଥିଲେ।

## ଶିଶୁ ଉତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର,୨୪।୧୨(ସ୍ୱାଧୀନ ଶେଖର ପାଢ଼ୀ)

ଗୋପାଳପୁର ସ୍ଥିତ ପିଏମ ଉଚ୍ଚ ବିଦ୍ୟାଳୟରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଗଞ୍ଜାମ ଜିଲା ଶାଖା ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ଶିଶୁ ଉତ୍ସବ ସରିଛି। ଉଦଯାପନୀ ଦିବସରେ ସନ୍ତୋଷ କୁମାର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଓଷ୍ଟାର କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ବକ୍ତାଭାବେ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ପଞ୍ଚୁ ବେହେରା, କାର୍ଯ୍ୟକାରୀ ସଦସ୍ୟ ରାମଚନ୍ଦ୍ର ପଲେଇ, ଉପସଭାପତି ଅଶୋକ କୁମାର ହୋତା ଓ କାର୍ଯ୍ୟକାରୀ ସଭ୍ୟ ନୀଳାମ୍ବର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୭ ଓ ୨୮ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଭିଜ୍ଞତାଭିତ୍ତିରେ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ

## ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ବୈଠକ

ବ୍ରହ୍ମପୁର , ୨୪।୧୨( ସୁବାସ ଚନ୍ଦ୍ର ପାଢ଼ୀ)


ବୈଠକରେ ଉପଦେଷ୍ଟା ଭାଲ ଚନ୍ଦ୍ର ଷଡଙ୍ଗୀ ଉଦବୋଧନ ଦେଉଛନ୍ତି।

ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ, ଗୋଷ୍ଠୀ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନରୁ ସ୍ୱାସ୍ଥ୍ୟସେବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦେଇ ଆସୁଛନ୍ତି। ବର୍ତ୍ତମାନ ସର୍ଭିସ ପ୍ରୋଭାଇଡ଼ର ସଂସ୍ଥା ବଦଳିବାରୁ ଶତାଧିକ କର୍ମଚାରୀଙ୍କ ନିଯୁକ୍ତିରେ ସମସ୍ୟା ଦେଖାଦେଇଛି। ନୂତନ ଦାୟିତ୍ୱ ପାଇଥିବା ସଂସ୍ଥାର କିଛି ଦଲାଲ ମୋଟା ଅଙ୍କର ଆର୍ଥିକ କରବାର କରୁଛନ୍ତି। ସ୍ଥାନୀୟ ଗେଟବଜାର ଏନଜିଓ ହଲରେ ମଙ୍ଗଳବାର ଆୟୋଜିତ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଘଟଣାକୁ ନିନ୍ଦା କରିବା ସହିତ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘ ସଭାପତି ହିମାଂଶୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମସ୍ତ ପୁରାତନ କର୍ମଚାରୀଙ୍କୁ ଅଭିଜ୍ଞତା ଭିତ୍ତିରେ ପୁନଃ ନିଯୁକ୍ତି ସହ ବେଆଇନ ଆର୍ଥିକ କାରବାର ବନ୍ଦ ନକଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ କର୍ମଚାରୀ, ହାଉସ କିପିଙ୍ଗ ଓ ସୁରକ୍ଷା କର୍ମଚାରୀଙ୍କ ନିଯୁକ୍ତି ପୂର୍ବରୁ ଏସଆଇଏସ, ଅଭିରାମ କେୟାରଟେକିଂ ସଂସ୍ଥା ଅଧୀନରେ ଥିଲା। ଏବେ ଭୁବନେଶ୍ୱରର ଏଲ ଆଣ୍ଡ କେ ସର୍ଭିସେସ ନୂଆରେ ଟେଣ୍ଡର ନେଇ ସେବା ଯୋଗାଇବାକୁ ଅନୁବନ୍ଧିତ ହୋଇଛି। ବିଭିନ୍ନ ବାହାନା ଦେଖାଇ ପୁରାତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଅନେକ ଦଲାଲ ସକ୍ରିୟ ରହି ହଜାର ହଜାର ଟଙ୍କା କାରବାର କରି କର୍ମଚାରୀଙ୍କୁ ମାନସିକ ଭାବେ ହଇରାଣ କରୁଛନ୍ତି। ଏହାକୁ ନେଇ ସଂଘ ତରଫରୁ ସଂସ୍ଥା ସହ ଯୋଗାଯୋଗ କରିବାରୁ କୌଣସି ଆର୍ଥିକ କାରବାରକୁ ପ୍ରଶ୍ରୟ ଦିଆଯିବ ନାହିଁ ଓ ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ବୋଲି ପ୍ରତିଶ୍ରୁତି ମିଳିଛି। କାର୍ଯ୍ୟକାରୀ କମିଟି ବୈଠକରେ ସରକାରଙ୍କ ପାଖରେ ସଂଘ ବିଭିନ୍ନ ଦାବି ଉପସ୍ଥାପନ କରିଛି। ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଂଘ ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା, ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ଆଉଟସୋର୍ସିଂ କର୍ମଚାରୀ ସଂଘ ରାଜ୍ୟ ନେତା ପ୍ରଶାନ୍ତ ପରିଚ୍ଛା ଓ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦମ୍ପତିଙ୍କୁ ୩ ବର୍ଷ ଜେଲ୍

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର,୨୪।୧୨( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ମଙ୍ଗଳବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଏକ ଦମ୍ପତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବଳରାମପୁର ପରିବହନ ବିଭାଗ ଚେକ ଗେଟର ପୂର୍ବତନ ପିଅନ ଆର. ଜଗାରାଓ ରେଡ୍ଡୀ (୬୩) ଓ ତାଙ୍କ ସ୍ତ୍ରୀ ଆର. ଉର୍ବଶୀ (୫୫)। ଜଜ୍ ପ୍ରତ୍ୟେକଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟେ ୨୫ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ଅତିରିକ୍ତ ୬ ମାସ ଲେଖାଏ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଇଚ୍ଛାପୁର ସତ୍ୟବତୀନଗରରେ ରହୁଥିବା ତଥା ଜରଡା ଥାନା ଶବରଦେଇପେଟାର ମୂଳ ବାସିନ୍ଦା ଆର. ଜଗା ରାଓ ୧୯୮୫ ଫେବୃଆରୀ ୨୨ରୁ ୨୦୧୧ ଜୁନ ୨୧ ମଧ୍ୟରେ ପରିବହନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଥିବା ଚେକଗେଟରେ ଦିନ ମଜୁରିଆ ପିଅନ ଭାବେ ଚାକିରି କରୁଥିଲେ। ସେ ବଳରାମପୁର ଚେକଗେଟ ସହ ସୋରଳ ଚେକଗେଟ ଓ ଟିକିଟି ଧାନଘର ଚେକଗେଟରେ କାର୍ଯ୍ୟ କରିଥିଲେ। ୨୦୧୧ରେ ବଳରାମପୁର ଚେକଗେଟରେ ଥିବା ବେଳେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସେହିକ୍ରମରେ ଭିଜିଲାନ୍ସ ଟିମ ପକ୍ଷରୁ ତାଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେ ସମୟରେ ଜଗା ରାଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ୧ କୋଟି ୨ ଲକ୍ଷ ୩୬ ହଜାର ୫୩୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକଳନ କରାଯାଇଥିଲା। ଯାହା ତାଙ୍କ ଆୟର ୧୩୨୭. ୫୭ % ପ୍ରତିଶତ ଥିଲା। ତାଙ୍କ ଆୟ ଓ ବ୍ୟୟର ହିସାବ ପରେ ଆୟ ବହିର୍ଭୂତ ସମ୍ପତ୍ତି ୮୦ ଲକ୍ଷ ୫୮ହଜାର ୩୨୦ ଟଙ୍କା ଥିଲା, ଯାହାକି ତାଙ୍କ ଆୟର ଶତକଡା ୪୬୩ ପ୍ରତିଶତ। ଭିଜିଲାନ୍ସ ପକ୍ଷରୁ ଜଗା ରାଓଙ୍କୁ ୨୦୧୧ ଜୁନ ୨୨ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ୨ ମାସ ପରେ ତାଙ୍କୁ ଜାମିନ ମିଳିଥିଲା। ଭିଜିଲାନ୍ସର ତତକାଳୀନ ଡିଏସପି ଏସ.କେ. ମିଶ୍ର ଜାଗା ରାଓ ଓ ତାଙ୍କ ସ୍ତ୍ରୀ ଉର୍ବଶୀଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚର ବେଳେ ମୋଟ ୨୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି ) ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଜିଲାର ଦୁଗ୍ଧଚାଷୀଙ୍କୁ ମିଳିବ ବକେୟା ଟଙ୍କା, ଖୋଲିବ ନୂତନ ଡାଏରୀ

ବ୍ରହ୍ମପୁର,୨୪।୧୨(ସ୍ମୃତି ରଞ୍ଜନ ମହାଲିକ)

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରାଜ୍ୟର ଉନ୍ନତି କରିବାକୁ ହେଲେ ଗ୍ରାମାଞ୍ଚଳ ବିକାଶ ଆବଶ୍ୟକ। ଗଞ୍ଜାମ ଜିଲାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ। ଚାଷ ପରେ ମତ୍ସ୍ୟ ଓ ପ୍ରାଣୀ ସଂପଦକୁ ଆପଣାଇଲେ ଅର୍ଥନୈତିକ ବିକାଶ ହୋଇପାରିବ। ଗ୍ରାମାଞ୍ଚଳର ଲୋକେ ସ୍ୱାବଲମ୍ବୀ ଓ ଅର୍ଥନୈତିକ ଦିଗରେ ଅଗ୍ରଗତି କରିପାରିବେ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମଙ୍ଗଳବାର ୟୁସିପି ଇଞ୍ଜିନିୟରିଂ କଲେଜ ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି। ବର୍ତ୍ତମାନର ସରକାର ଗ୍ରାମାଞ୍ଚଳ ମହିଳା ଓ ଗରିବ ଲୋକଙ୍କୁ ବିକଶିତ କରିବା ଲକ୍ଷ୍ୟରେ ୧୫୨୩ କୋଟି ଟଙ୍କାର କାମଧେନୁ ଯୋଜନା କରିଛନ୍ତି। କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କାର ସବସିଡି ବ୍ୟବସ୍ଥା କରାଯାଇଛି। ବୁଲାଗୋରୁଙ୍କ ବିଚରଣ ରୋକିବା ପାଇଁ ଗୋଶାଳା ନିର୍ମାଣ କରାଯିବ। ଜିଲାରେ ଓମଫେଡ ଦୁଗ୍ଧ ଚାଷୀଙ୍କ ବକେୟା ଟଙ୍କା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଓମଫେଡକୁ ସଶକ୍ତ ସହ ଦୁଗ୍ଧ ଚାଷୀ କିଭଳି ସଙ୍ଗେ ସଙ୍ଗେ ଟଙ୍କା ପାଇବେ ସେ ଦିଗରେ ଯୋଜନା କରାଯାଇଛି। ଜିଲାରେ ଓମଫେଡର ନୂତନ ଡାଏରୀ ଖୋଲାଯିବା ପାଇଁ ସରକାର ଯୋଜନା କରିଛନ୍ତି। ଜିଲାର ପ୍ରତି ବ୍ଲକରେ ଯୁବକଙ୍କୁ ଏମଏସଏମଇ ଯୋଜନା ମାଧ୍ୟମରେ ଜମି ଦିଆଯିବ। ଯୁବକମାନେ କଳ କାରଖାନା ନିର୍ମାଣ କରିବା ପାଇଁ ବ୍ୟାଙ୍କରୁ ଆଣିଥିବା ଟଙ୍କାର ସୁଧ ସରକାର ପୈଠ କରିବା ଯୋଜନା ହୋଇଥିବା ମନ୍ତ୍ରୀ କହିଛନ୍ତି। ସମ୍ମାନନୀୟ ଅତିଥି ରୂପେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗିର ଯୋଗ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ପାଳନର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ ଧନ୍ୟବାଦ ଦେଇଥିଲେ। ମେଳାରେ ୩୦ ଷ୍ଟଲ ପଡିଛି। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍‌ଡିସିଙ୍କୁ କଳାକାର ସଂଘର ଦାବିପତ୍ର

ବ୍ରହ୍ମପୁର,୨୪।୧୨(ସ୍ମୃତି ରଞ୍ଜନ ମହାଲିକ): ନିଖିଳ ଓଡିଶା ବରିଷ୍ଠ କଳାକାର ସଂଘ ପକ୍ଷରୁ ୧୩ ଦାବି ନେଇ ମଙ୍ଗଳବାର କଳାକାର ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ନିକଟରୁ ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ନିକଟରେ ପହଂଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା। କଳାକାରଙ୍କୁ ବର୍ଦ୍ଧିତ ଓ ନିୟମିତ ଭତ୍ତା ପ୍ରଦାନ, ମୃତ୍ୟୁପରେ କଳାକାରଙ୍କ ପରିବାର ସଦସ୍ୟଙ୍କୁ ଭତ୍ତା, ରାମ ନାଟକ ଭଳି ଲୁପ୍ତ ନାଟକର ପୁନରୁଦ୍ଧାର, କଳାକାରଙ୍କ ଜୀବନ ବୀମା ଏବଂ ସ୍ୱାସ୍ଥ୍ୟ ବୀମା ସମେତ ଯାତାୟାତ ରିହାତି ଆଦି ଦାବି କରାଯାଇଥିଲା। ମହାସଂଘ ସଭାପତି ଡା. ତିରୁପତି ସାହୁ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଜିଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଅଲ ଇଣ୍ଡିଆ ଥିଏଟର ରାଷ୍ଟ୍ରୀୟ ଉପାଧକ୍ଷ ରାଜ ଗୋପାଳ ପାଢିଙ୍କ ସମେତ ଗୀତା ସ୍ୱାଇଁ, ବନ୍ଦନା ନନ୍ଦ, ଅନୁରାଧା ସାହୁ ଓ ଛବିରାଣୀ ମହାନ୍ତି ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୩୨ ନଂ. ୱାର୍ଡରେ ଶିଶୁ ପାଇଁ ଦିନଟିଏ

ବ୍ରହ୍ମପୁର,୨୪।୧୨(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ୩୨ନଂ ୱାର୍ଡ ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶିଶୁ ପାଇଁ ଦିନଟିଏ ଓ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମପୁର-୧ ସହରାଂଚଳ ସିଡିପିଓ ଗୀତାରାଣୀ ରାଉଳ, ଅଂଚଳ ପରିଦର୍ଶିକା ପ୍ରେମାବତୀ ଦାସ, ଯାଚଂ କମିଟି ସଭାପତି ବି. ମୋହନ ରାଓ ଓ ସ୍ଥାନୀୟ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଅତିଥି ଥିଲେ। ବାଲ୍ୟ ବିବାହ ଦୂର କରିବା, ଝିଅମାନେ କିଭଳି ଅବହେଳିତ ନ ହେବେ ସେ ସଂପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ।

# ମହିଳାଙ୍କ ଉପରେ ମାଡ଼ିଗଲା କାର

ବ୍ରହ୍ମପୁର,୨୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ପଦରବାଲି ମେନରୋଡ଼ରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଥିଲେ। ପୋଖରୀରୁ ଗାଧୋଇ ଘରକୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ଆହତଙ୍କୁ ଉଦ୍ଧାର କରି ବଡ ମେଡିକାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ହେଲେ ଉକ୍ତ ଗ୍ରାମର ବିନୋଦ ଚୌଧୁରୀଙ୍କ ସ୍ତ୍ରୀ ମାଳତୀ ଚୌଧୁରୀ (୬୨)। ଏନେଇ ତାଙ୍କ ସ୍ୱାମୀ ସଦରଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


## ପୂର୍ବ ତଟ ରେଳପଥ

**ରେଢ଼ାଖୋଲ ଏବଂ ବାମୁର ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ନିମ୍ନଲିଖିତ ପ୍ରହରୀ ଥିବା 'C' ଶ୍ରେଣୀ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା ହେତୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ଏହି ଲେଭେଲ୍ କ୍ରସିଙ୍ଗ୍ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ। ସଡ଼କ ବ୍ୟବହାରକାରୀମାନେ ତା.31.12.2024 ରିଖ ଠାରୁ ନିମ୍ନ ବର୍ଣ୍ଣିତ ସୂଚନାକୁ ଧ୍ୟାନ ଦିଅନ୍ତୁ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | LCର ରେଳ କି.ମି. | ପ୍ରହରୀ ଥିବା/ ପ୍ରହରୀ ବିନା |
|---|---|---|---|---|
| ସମ୍ବଲପୁର-ଅନୁଗୁଳ | ରେଢ଼ାଖୋଲ-ବାମୁର | ST-50 | 83/1-2 | ପ୍ରହରୀ ଥିବା |

ସନ୍ଦର୍ଭ: କଲେକ୍ଟର, ଅନୁଗୁଳଙ୍କ ପତ୍ର ସଂ.1107/G&M, ତା. 18.11.2019 ରିଖ

PR-828/P/24-25 — ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ — ଚାଇଁପାଳ ଶାଖା

यूनियन बैंक ऑफ इंडिया Union Bank of India — भारत सरकार का उपक्रम — A Government of India Undertaking

ଆନନ୍ଦ ବଜାର, ଚାଇଁପାଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୧

ବିକ୍ରୟ (୩୦ଦିନିଆ ନୋଟିସ୍)ର ସୂଚନା ନିମନ୍ତେ ରଣଗ୍ରହୀତାଙ୍କୁ ନୋଟିସ୍ — ତାରିଖ : ୦୪.୧୧.୨୦୨୪

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ,

ରଣଗ୍ରହୀତା : ଶ୍ରୀ ମନୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା / ଗ୍ୟାରେଣ୍ଟିଦାତା : ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା, ଉଭୟଙ୍କ ଠିକଣା- ସା: ବିଦ୍ୟାଧରପୁର, ପୋ: କଣ୍ଠାଳ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୦

ମହାଶୟ/ମହାଶୟା,

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଶ୍ରୀ ମନୋଜ କୁମାର ପଣ୍ଡା ଏବଂ ଶ୍ରୀ ସରୋଜ କୁମାର ପଣ୍ଡାଙ୍କ ସମ୍ପତ୍ତିକୁ ବିକ୍ରୟ କରାଯିବ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚାଇଁପାଳ ଶାଖାର ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବ୍ୟାଙ୍କର ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ତା.୩୧.୦୮.୨୦୧୫ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ତା.୦୯.୧୨.୨୦୧୫ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି।

ସମ୍ପତ୍ତିକୁ ଦଖଲ ନେବା ପରେ ମଧ ଆପଣ ବ୍ୟାଙ୍କୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ନିମ୍ନଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ।

ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତିର ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସମ୍ପତ୍ତିର ବିବରଣୀ**

ଶ୍ରୀ ମନୋଜ କୁମାର ପଣ୍ଡା ଏବଂ ଶ୍ରୀ ସରୋଜ କୁମାର ପଣ୍ଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୪/୮୦, ପ୍ଲଟ୍ ନଂ.: ୧୬୬/୩୩୦, ପ୍ଲଟ୍ ନଂ.: ୧୬୬/୩୩୧ ଏବଂ ପ୍ଲଟ୍ ନଂ.: ୧୬୬/୩୨୮, କ୍ଷେତ୍ର: ଏକର ୦.୨୦ ଡିସିମିଲି, ମୌଜା: ବିଦ୍ୟାଧରପୁର, ପୋ: କଣ୍ଠାଳ, ଜିଲ୍ଲା: ଅନୁଗୁଳ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ମମତା ପଟ୍ଟନାଏକ, ପୂର୍ବ: ବେଣୁଧର ମହାପାତ୍ର, ପଶ୍ଚିମ: ରାସ୍ତା

ସ୍ଥାନ: ଚାଇଁପାଳ, ତାରିଖ: ୨୪.୧୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ — ସୁନା ନିଲାମ ବିଜ୍ଞପ୍ତି

क्षेत्रୀୟ — କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛିକି, ସେମାନେ ସେମାନଙ୍କର ରଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୨୭.୧୨.୨୦୨୪ରିଖ ପୂର୍ବରୁ ସେମାନଙ୍କର ବାକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୦.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ରଣ ନଂ | ରଣ ତାରିଖ |
|---|---|---|
| | **ବଡହାଟ କେନ୍ଦ୍ରାପଡା ଶାଖା** | |
| ୧. | ସେଖ୍ ଆଲ୍ଲାଉଦ୍ଦିନ, ଠିକଣା: ଓଲଡ଼ି, ଫକିରାବାଦ, କେନ୍ଦ୍ରାପଡା, ଓଡିଶା-୭୫୪୨୫୦ / ୧୪୦୭୧୬୬୫୪୦୦୦୧୪୧୪ | ୧୫.୦୪.୨୦୨୪ |
| | **ପୋର୍ଟ ମାର୍କେଟ ପାରାଦୀପ ଶାଖା** | |
| ୧. | ପଙ୍କଜ କୁମାର ସେଠୀ, ମାର୍ଫତ: ମେସର୍ସ ରାଜେଶ୍ୱରୀ ଏଣ୍ଟରପ୍ରାଇଜେସ୍, ସା: ପ୍ଲଟ୍ ନଂ.: ୨, ରୁମ୍ ନଂ.: ୨୫, ବୃନ୍ଦାବନ କଲୋନୀ, ମଧୁବନ, ପାରାଦୀପ, ପିନ୍-୭୫୪୧୪୭ / ୦୬୪୬୧୬୫୩୦୦୦୦୦୦୬ | ୧୦.୦୨.୨୦୨୧ |
| ୨. | ଉମେଶ ମହାପାତ୍ର, ପିତା: ଶ୍ୟାମ ସୁନ୍ଦର ମହାପାତ୍ର, ସା/ପୋ: ଭୂତମୁଣ୍ଡାଇ, ଭାୟା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୧ / ୪୮୦୬୦୬୬୩୦୦୦୦୦୦୩୯ | ୦୬.୦୧.୨୦୨୪ |
| | **ମହାବୀର ବଜାର ଢ଼େଙ୍କାନାଳ ଶାଖା** | |
| ୧. | କବିତା ବେହେରା, ସ୍ୱାମୀ: ରତ୍ନାକର ବେହେରା, ସପ୍ତଶଯ୍ୟା, ପତ୍ରାଭାଗ, ଢ଼େଙ୍କାନାଳ / ୧୯୭୯୨୬୬୩୦୦୦୦୦୧୪୧ | ୨୫.୦୨.୨୦୨୨ |
| ୨. | ପ୍ରଦୀପ୍ତ ନନ୍ଦ, ପିତା: ଗୋପିନାଥ ନନ୍ଦ, ଖୁରୁସିଆ, ଢ଼େଙ୍କାନାଳ / ୧୯୭୯୨୬୫୪୦୦୦୦୫୬୮ | ୧୮.୦୭.୨୦୨୩ |
| ୩. | ପ୍ରଦୀପ୍ତ ନନ୍ଦ, ପିତା: ଗୋପିନାଥ ନନ୍ଦ, ଖୁରୁସିଆ, ଢ଼େଙ୍କାନାଳ / ୧୯୭୯୨୬୫୪୦୦୦୦୮୯୦ | ୦୩.୦୧.୨୦୨୪ |

ସ୍ଥାନ: କଟକ, ତାରିଖ: ୨୪.୧୨.୨୦୨୪ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ — ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୧.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଢେଙ୍କାନାଳ ମୁଖ୍ୟ ଶାଖା , ଫୋନ୍.: ୭୯୭୮୪୯୭୧୦୨/ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ରଣଗ୍ରହୀତାମାନେ: ୧) ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମସୁନ୍ଦର ସାହୁ, ସା: ଲକ୍ଷ୍ମୀ ବଜାର, ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧, ସା/ପୋ.: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ନଂ.: ୨୦, ଢେଙ୍କାନାଳ, ଢେଙ୍କାନାଳ ଆଇ.ଆର୍.ଏସ୍, ଓଡ଼ିଶା-୭୫୯୦୧୩ ୨) ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମସୁନ୍ଦର ସାହୁ, ପ୍ଲଟ ନଂ.: ୨୮୦୫/୦୬, ସା: ଲକ୍ଷ୍ମୀବଜାର, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧, ୩) ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମସୁନ୍ଦର ସାହୁ, ପ୍ଲଟ ନଂ.: ୮୯୧, ତରୁଣ ବଜାର, କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮, ୪) ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମସୁନ୍ଦର ସାହୁ, | ସମ୍ପତ୍ତି-୧ ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ୟାମସୁନ୍ଦର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୯୬/୩୦୫୮, ମ୍ୟୁଟେସନ୍ ଖାତା ନଂ.: ୫୩୫/୧୬୯୦, କ୍ଷେତ୍ର: ଏକର ୦.୨୦୦ ଡ଼ିସିମିଲି, (୮୭୧୨ବର୍ଗଫୁଟ), ମୌଜା: ବନମାଳି ପ୍ରସାଦ, ଥାନା: ଢେଙ୍କାନାଳ ସଦର, ତହସିଲ: ଢେଙ୍କାନାଳ ସଦର (ନଂ.:୨), ଥାନା: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମ ଚନ୍ଦ୍ର ଶତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ବିଜୟ ସାହୁ | ଟ.୧,୦୫,୯୦,୦୦୦/- / ଟ.୧୦,୫୯,୦୦୦/- / ଟ.୧,୦୫,୯୦୦/- | ଆକାଉଣ୍ଟ ନଂ.: 540501980050000 IFSC CODE: UBIN0554057 |

ସା: ପ୍ଲଟ ନଂ.:୯୭୪, କାଇ ବଜାର, ଭୁବନ, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮, ୫) ଶ୍ରୀ ଶ୍ୟାମସୁନ୍ଦର ସାହୁ, ପିତା: ଶ୍ରୀ ଜୟେଶ୍ୱର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ନଂ.: ୨୦, ଢେଙ୍କାନାଳ ଆଇଆର୍‌ଏସ୍, ଓଡ଼ିଶା-୭୫୯୦୧୩ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମସୁନ୍ଦର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ନଂ.: ୨୦, ଢେଙ୍କାନାଳ ଆଇଆର୍‌ଏସ୍, ଓଡ଼ିଶା-୭୫୯୦୧୩ / ବକେୟା ରାଶି: ଟ.୭୬,୦୨,୬୧୧/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ରଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୪.୧୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ — ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

ନିମ୍ନ ସ୍ୱାକ୍ଷରକାରୀ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ରଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

| ଶାଖା / ଆକାଉଣ୍ଟ/ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|---|
| ସହୀଦ ନଗର ଶାଖା / ରଣଗ୍ରହୀତାମାନେ: ୧) ମେସର୍ସ ସୌମ୍ୟଶ୍ରୀ ମେଟାଲ୍ସ ଆଣ୍ଡ୍ ମେସିନେରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସୌମ୍ୟା ଶୁଭଦର୍ଶିନୀ କଳସ, ଠିକଣା: ଇଡ୍‌କୋ ପ୍ଲଟ୍ ନଂ.: ଆର୍-୮/ଏ, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଚୌଦ୍ୱାର, ଜିଲ୍ଲା: କଟକ, ପିନ୍-୭୫୪୦୨୫, ଓଡ଼ିଶା, ୨) ଶ୍ରୀମତୀ ସୌମ୍ୟା ଶୁଭଦର୍ଶିନୀ କଳସ, ଠିକଣା: ସା: ପ୍ଲଟ୍ ନଂ.: ଏମ୍ଆଇଜି-୧୮୮, କଳିଙ୍ଗ ବିହାର, ପୋ: ପାତ୍ରପଡା, ଥାନା: ତମାଙ୍ଗୋ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୯ | ବନ୍ଧକଦାତା: ଶ୍ରୀମତୀ ସୌମ୍ୟା ଶୁଭଦର୍ଶିନୀ କଳସ, ଠିକଣା: ଇଡ୍‌କୋ ପ୍ଲଟ୍ ନଂ.: ଆର୍-୮/ଏ, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଚୌଦ୍ୱାର, ଜିଲ୍ଲା: କଟକ, ପିନ୍-୭୫୪୦୨୫, ଓଡ଼ିଶା | ୦୮.୦୭.୨୦୨୪ ସୁଦ୍ଧା ଟ.୧,୪୧,୫୩,୦୯୯.୨୯ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୯.୦୭.୨୦୨୪ (ଡ଼ିମାଣ୍ଡ ନୋଟିସ୍ "ଦି ଓଡ଼ିଶା ପୋଷ୍ଟ" (ଦୈନିକ ଇଂରାଜୀ ଖବରକାଗଜ) ଏବଂ "ଦି ସମାଜ" (ଦୈନିକ ଓଡିଆ ଖବରକାଗଜ)ରେ ତା.୧୧.୧୦.୨୦୨୪ ରିଖରେ ପ୍ରକାଶିତ ହୋଇଥିଲା) /୧୯.୧୨.୨୦୨୪ | ଶ୍ରୀମତୀ ସୌମ୍ୟା ଶୁଭଦର୍ଶିନୀ କଳସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଛତିସା-୨, ତହସିଲ: ଟାଙ୍ଗି-ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ହାଲ୍ ଖାତା ନଂ.: ୩/୯୦, ରେଭିନ୍ୟୁ ପ୍ଲଟ୍ ନଂ.: ୮/୯୭ (ଅଂଶ), ଇଡ୍‌କୋ ପ୍ଲଟ୍ ନଂ.: ଆର୍-୮/ଏ, କ୍ଷେତ୍ର: ଏକର୦.୩୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ଆର୍-୮, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ଆର୍-୯, ଦକ୍ଷିଣ: ଏନ୍‌ଏଚ୍-୫୫ ରାସ୍ତା, ଉତ୍ତର: ଇଡ୍‌କୋ ପ୍ଲଟ୍ ନଂ.: ଆର୍-୮/ବି |
| ଉତ୍ତରା ଛକ ଶାଖା / ରଣଗ୍ରହୀତାମାନେ: ୧) ଶ୍ରୀମତୀ ସୋନାଲି ପଟ୍ଟନାୟକ, ସ୍ୱାମୀ: ଚିତ୍ତରଞ୍ଜନ ପଟ୍ଟନାୟକ, ୨) ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ, ପିତା: ତାରେଣୀ ଚରଣ ପଟ୍ଟନାୟକ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୪୬/୯, ବୁଦ୍ଧ ବିହାର, ଗୋପିନାଥପୁର, ଖୋର୍ଦ୍ଧା-୭୫୧୦୦୨ | ବନ୍ଧକଦାତା: ଶ୍ରୀମତୀ ସୋନାଲି ପଟ୍ଟନାୟକ, ସ୍ୱାମୀ: ଚିତ୍ତରଞ୍ଜନ ପଟ୍ଟନାୟକ, ସା: ପ୍ଲଟ୍ ନଂ.: ୪୬/୯, ବୁଦ୍ଧ ବିହାର, ଗୋପିନାଥପୁର, ଖୋର୍ଦ୍ଧା-୭୫୧୦୦୨ | ୦୩.୧୦.୨୦୨୪ ସୁଦ୍ଧା ଟ.୫୭,୭୧,୬୩୩/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୧୦.୨୦୨୪ / ୨୦.୧୨.୨୦୨୪ | ଶ୍ରୀମତୀ ସୋନାଲି ପଟ୍ଟନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ-୨୨, ଥାନା: ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୮୯, ପ୍ଲଟ୍ ନଂ.: ୩୭୩, କ୍ଷେତ୍ର: ଏକର ୦.୦୦୮୯ ଡିସିମିଲି, ବିକ୍ରୟ ଦଲିଲ୍ ନଂ.: ୧୧୦୮୧୯୧୪୫୯୦ ତା.୨୭.୧୨.୨୦୧୯ରିଖ, ଏହାର ଚାରିପାର୍ଶ୍ୱରେ ପୂର୍ବ: ନନ୍ଦନକାନନ ରାସ୍ତା, ପଶ୍ଚିମ: ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ଜମି, ଦକ୍ଷିଣ: ରାଧାନାଥ ଦାଶ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ବିଶାଖା ପଣ୍ଡା ଏବଂ ଅନ୍ୟମାନଙ୍କ ଜମି |
| କଟକ ପୁରୀ ରୋଡ ଶାଖା / ରଣଗ୍ରହୀତାମାନେ: ୧) ଶ୍ରୀ ବିରଞ୍ଚି ନାରାୟଣ ପଟ୍ଟନାଏକ, ପିତା: କୃଷ୍ଣ ମୋହନ ପଟ୍ଟନାଏକ, ୨) ଶ୍ରୀମତୀ ଜ୍ୟୋତିରାଣୀ ପଟ୍ଟନାଏକ, ସ୍ୱାମୀ: ଶ୍ରୀ ବିରଞ୍ଚି ନାରାୟଣ ପଟ୍ଟନାଏକ, ଉଭୟଙ୍କ ଠିକଣା- ସା: ଜଗନ୍ନାଥ ଲେନ୍, ଅବକାଶ ଲେନ୍, କୁମ୍ଭାରପଡା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ | ବନ୍ଧକଦାତା: ଶ୍ରୀମତୀ ଜ୍ୟୋତିରାଣୀ ପଟ୍ଟନାଏକ, ସ୍ୱାମୀ: ଶ୍ରୀ ବିରଞ୍ଚି ନାରାୟଣ ପଟ୍ଟନାଏକ, ଉଭୟଙ୍କ ଠିକଣା- ସା: ଜଗନ୍ନାଥ ଲେନ୍, ଅବକାଶ ଲେନ୍, କୁମ୍ଭାରପଡା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ | ୦୪.୦୮.୨୦୨୪ ସୁଦ୍ଧା ଟ.୧୭,୪୦,୪୯୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୫.୦୮.୨୦୨୪ / ୨୩.୧୨.୨୦୨୪ | ଶ୍ରୀମତୀ ଜ୍ୟୋତିରାଣୀ ପଟ୍ଟନାଏକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାରଥୀପୁର, ଥାନା: ପୁରୀ ସଦର, ତହସିଲ: ପୁରୀ ନଂ.: ୬୮୩, ଜିଲ୍ଲା: ପୁରୀ, ଖାତା ନଂ.: ୩୪୦/୪୪୯, ପ୍ଲଟ୍ ନଂ.: ୨୨୪/୧୦୭୬, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ବିକ୍ରୟ ଦଲିଲ୍ ନଂ.: ୫୨୨୩ ତା.୧୫.୧୦.୨୦୦୫ରିଖ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୫୪, ପଶ୍ଚିମ: ପ୍ଲଟ୍ ନଂ.: ୫୫, ଦକ୍ଷିଣ: ୨୦ ଫୁଟିଆ ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୨୩ ଏବଂ ୨୪ର ଅଂଶ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୧୨.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ତାଲା ଭାଙ୍ଗି ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ**

ଗୋପାଳପୁର,(ନବୀନ ରାଜ ଆଚାରୀ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଅଲେଖ ନଗର ଅଞ୍ଚଳର ଏକ ଭଡ଼ା ଘରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଏହି ଥାନା ଅନ୍ତର୍ଗତ ଆମ୍ବପୁଆ ସ୍ଥିତ ବ୍ଲାଇଣ୍ଡ ସ୍କୁଲର ଶିକ୍ଷକ ନିହାର ରଞ୍ଜନ ନାୟକ ଅଲେଖ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ଘରକୁ ଫେରି ଦେଖିବା ବେଳକୁ ଗେଟ୍ ତାଲା ଭଙ୍ଗା ଯାଇଥିଲା। ଭିତରକୁ ଯାଇ ଦେଖିବା ବେଳକୁ ଅଳଙ୍କାର ଚୋରି ଯାଇଥିବା ବେଳେ ଲାଗିଥିବା ସିସି କ୍ୟାମେରା ଭଙ୍ଗାଯାଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେସ ନଂ ୩୫୨/୨୪ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପୂର୍ବତନ ଡବ୍ଲ୍ୟୁଇଓଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୨୪।୧୨(ରାକେଶ କୁମାର ରାଉତ)

ଏକ ଲାଞ୍ଚ ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗିବାଡି ବ୍ଲକର ପୂର୍ବତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ରଞ୍ଜନ ଜେନା। ମିଳିଥିବା ସୂଚନା ଅନୁସାରେ, କିରିକୁଟି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସିଂ ପ୍ରତି ମାସରେ ପିଲାଙ୍କ ହଷ୍ଟେଲ ଖର୍ଚ୍ଚ, ଷ୍ଟାଇପେଣ୍ଡ ବାବଦରେ ଚେକ୍ ଦସ୍ତଖତ କରିବାକୁ ଡବ୍ଲ୍ୟୁଇଓ ଜେନାଙ୍କ ପାଖକୁ ଯାଆନ୍ତି। ହେଲେ ସେ ଚେକ୍‌ରେ ଦସ୍ତଖତ କରିବା ପାଇଁ ୨ ହଜାର ଟଙ୍କା ମାଗିଥାନ୍ତି। ଯାହା ସବୁବେଳେ ଦେବା ସମ୍ଭବ ହୁଏ ନାହିଁ। ଇତିମଧ୍ୟରେ ବିଦ୍ୟୁତ୍ ବିଲ ୩୪ ହଜାର ଟଙ୍କା ହୋଇଥିଲା । ଏହାର ବକେୟା ଦେବାକୁ ପ୍ରଧାନଶିକ୍ଷକ ଚେକ୍ ଧରି ଡବ୍ଲ୍ୟୁଇଓଙ୍କ ପାଖକୁ ଯାଇଥିଲେ। ହେଲେ ସେ ଆଳ ଦେଖାଇ ଦସ୍ତଖତ କରି ନ ଥିଲେ। ୨୦୧୬ ଡିସେମ୍ବର ୧୯ ତାରିଖରେ ପ୍ରଧାନଶିକ୍ଷକଙ୍କ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିଲା। ଅନ୍ୟ ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ପଡିବାରୁ ପ୍ରଧାନଶିକ୍ଷକ ପୁଣି ଚେକ ନେଇ ଡବ୍ଲ୍ୟୁଇଓଙ୍କ ପାଖକୁ ଯାଇଥିଲେ। ହେଲେ ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏତେ ଟଙ୍କା ଦେବା ସମ୍ଭବ ନୁହେଁ କହିବାରୁ ୩ ମାସର ମେସ ବାବଦ ୬ ହଜାର ଟଙ୍କା ମାଗିଥିଲେ। ଏ ନେଇ ପ୍ରଧାନଶିକ୍ଷକ ସୁବାସ ଦୁଇଦିନ ପରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ପ୍ରଧାନଶିକ୍ଷକ ଡବ୍ଲ୍ୟୁଇଓଙ୍କୁ ୬ ହଜାର ଟଙ୍କା ଦେଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ଡବ୍ଲ୍ୟୁଇଓଙ୍କ ପାଖରୁ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ବିଚାରପତି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ ।

### ଲଜ୍‌ରେ ଦେହ ବ୍ୟବସାୟ

#### ୩ ମହିଳା ଉଦ୍ଧାର, ୫ ଗିରଫ

ବେଲଗୁଣ୍ଠା,୨୪।୧୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ସହରର ମୁଖ୍ୟରାସ୍ତା ଉପରେ ଥିବା ଏକ ଲଜ୍‌ରେ ଦେହ ବ୍ୟବସାୟ ଖବରପାଇ ପୋଲିସ ଚଢାଉ କରି ୩ ରୂପଜୀବୀଙ୍କୁ ଉଦ୍ଧାର କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ଉଦ୍ଧାର ମହିଳାମାନଙ୍କୁ ସ୍ୱାଧାର ଗୃହକୁ ପଠାଯାଇଛି। ଉକ୍ତ ଲଜ୍‌କୁ ମାସିକ ୧୫୦୦୦ ଟଙ୍କାରେ ଲିଜ୍‌ରେ ନେଇ ପରିଚାଳନା କରୁଥିବା ବେଲଗୁଣ୍ଠାର ରୋଶନ୍ ସାହୁ ଓ ରୂପଜୀବୀଙ୍କ ସହ ଅସଜ୍ଞତ ଅବସ୍ଥାରେ ଥିବା ୪ ଜଣ ଗ୍ରାହକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ ଓ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ବେଲଗୁଣ୍ଠା ପୋଲିସ ୫୩୩/୨୪ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ବନବିହାରୀ ପ୍ରଧାନ ସୂଚନେ ଦେଇଛନ୍ତି।

## ଚାଷୀଙ୍କ କ୍ଷତିପୂରଣ ପାଇଁ ବିଧାୟକ, ପଞ୍ଚାୟତ ପ୍ରତିନିଧିଙ୍କ ସ୍ମାରକପତ୍ର



ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଛତ୍ରପୁର,୨୪।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଅଦିନିଆ ଲଗାଣ ବର୍ଷାରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମର ଚାଷ ଜମିରେ ଧାନ ନଷ୍ଟ ହୋଇଛି । ତେଣୁ ଏଫଏକ୍ୟୁମାନରେ କୋହଳ କରି ପଞ୍ଜୀକୃତ ଚାଷୀଙ୍କ ସମସ୍ତ ଧାନ କିଣିବା ବ୍ୟବସ୍ଥା କରିବା ସହିତ ଟୋକନ ଅବଧି ବୃଦ୍ଧି ଓ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଜିଲା ପରିଷଦ ସଭ୍ୟା ସଭ୍ୟ ଓ ୱାର୍ଡ ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ଏକର ପ୍ରତି ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା, ଫସଲ ବୀମା ଭୁକ୍ତ ସମସ୍ତ ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ କରିବା, ରବି ଫସଲ ପାଇଁ ମୁଗ, ବିରି, ଚିନାବାଦାମ ଆଦି ବିହନ ଯୋଗାଇବା, କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ କରାଯିବା ଓ ରବି ଫସଲରେ ଜଳସେଚନ ପାଇଁ ବିଦ୍ୟୁତ କର ଛାଡ ବ୍ୟବସ୍ଥା କରିବା, ଭାଗଚାଷୀଙ୍କୁ ଉପଯୁକ୍ତ କ୍ଷତି ପୂରଣ ଯୋଗାଇଦେବା ଆଦି ଦାବି ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ ଓ ଏସ. କିଶୋର ରେଡ୍ଡୀ, ପୂର୍ବତନ ସରପଞ୍ଚ ତଥା ସମବାୟବିତ ଦୁର୍ଯ୍ୟୋଧନ ପରିଡା , ସରପଞ୍ଚ ବି.ସୁଦାମ , ରବିନ୍ଦ୍ର ରାଉଳ, ସିଏଚ. ମନୋଜ କୁମାର ରେଡ୍ଡୀ , ଗଗନ ବେହେରା, ଭଗବାନ ବେହେରା, ହୀନା ସେଠି , ନିରଞ୍ଜନ ପ୍ରଧାନ ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଧରାକୋଟ,୨୪।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାରେ ପୁଣ ଏକ ଦାଦନ ଦୁଃଖ ଦେଖାଯାଇଛି। ପରିବାରର ଆର୍ଥିକ ସଚ୍ଛତା ନ ଥିବାରୁ ବାପାଙ୍କ ସହ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ଜଣେ ୨୦ ବର୍ଷୀୟ ଯୁବକଙ୍କ ସେଠାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ବ୍ଲକ ବଳରାମପୁର ଗାଁର ପ୍ରମୋଦ ବେହେରା।

ବଳରାମପୁର ପଞ୍ଚାୟତ ସଦର ମହକୁମା ବଳରାମପୁରର ସୂର୍ଯ୍ୟ ବେହେରା ତାଙ୍କ ସାନପୁଅ ପ୍ରମୋଦଙ୍କୁ ସାଙ୍ଗରେ ନେଇ ଚେନ୍ନାଇ ନିକଟସ୍ଥ କାନଡୁରର ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରିବା ପାଇଁ ଯାଇଥିଲେ। ହେଲେ କମ୍ପାନୀରେ ନିରାପତ୍ତା ଢିଲା ଯୋଗୁ ଗତ ୨୨ ତାରିଖ ରାତିରେ ଛାତ ଉପରକୁ ଯାଇଥିବା ବେଳେ ଅନଭିଜ୍ଞ ପ୍ରମୋଦ ହଠାତ୍ ତଳକୁ ଖସି ପଡ଼ିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁଅ ନ ଆସିବାରୁ ସୂର୍ଯ୍ୟ ଅନ୍ୟମାନଙ୍କ ସହ ମିଶି ଖୋଜାଖୋଜି କରିଥିଲେ ମଧ ପ୍ରମୋଦଙ୍କୁ ପାଇ ନ ଥିଲେ । ୨୩ ତାରିଖ ଭୋରରେ ପ୍ରମୋଦ କମ୍ପାନୀ ପଛପଟେ ପଡ଼ିଥିବା ଦେଖାଯାଇଥିଲା। କମ୍ପାନୀ ତରଫରୁ ତାଙ୍କୁ ନିକଟସ୍ଥ ମେଡ଼ିକାଲକୁ ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବାପା ସୂର୍ଯ୍ୟ ବେହେରାଙ୍କୁ ହସ୍ତାନ୍ତର କରାଯାଇଥିଲା । ଏକ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ମଙ୍ଗଳବାର ଅପରାହ୍ନରେ ଗାଁକୁ ଆସିଥିଲା। ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି । ସୂର୍ଯ୍ୟଙ୍କ ପରିବାର ଏବେ ଭାଙ୍ଗି ପଡିଛନ୍ତି।

## ବନାଗ୍ନି ପ୍ରତିରୋଧ ଓ ନିରାକରଣ ସଚେତନତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୨୪।୧୨ (ସୁରେନ୍ଦ୍ର ନାଥ ସାହୁ)

ଘୁମୁସର ଦକ୍ଷିଣ ବନଖଣ୍ଡର ଆସିକା ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନାଗ୍ନି ପ୍ରତିରୋଧ ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟଅତିଥି, ମୟୂର ସୁରକ୍ଷା ସମିତିର ସଭାପତି ସମୀର କୁମାର ପ୍ରଧାନ ମୁଖ୍ୟବକ୍ତା ଏବଂ କୃଷ୍ଣସାର ସୁରକ୍ଷା ସମିତିର ସଭାପତି ଅମୁଲ୍ୟ କୁମାର ଉପାଧ୍ୟାୟ, ଆସିକା ବିଡିଓ ସଙ୍ଗିତା ଷଡଙ୍ଗି, ଅଧ୍ୟାପକ ଅଜିତ କୁମାର ମୁନି, ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ମହାପାତ୍ର, ପ୍ରାଣୀ ଚିକିତ୍ସକ ଆଶୁତୋଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଓ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଶୂଳପାଣି ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜଙ୍ଗଲରେ ନିଆଁ ଲାଗିବା, ଜଙ୍ଗଲରୁ ଗଛ କାଟି ପଦା କରିବା, ଜଙ୍ଗଲ ଜମି ଜବରଦଖଲ ପୂର୍ବକ ବସତି ସ୍ଥାପନ କରିବା ଦ୍ୱାରା ଜଙ୍ଗଲର କ୍ଷୟ ଘଟିଥାଏ । ବିଭିନ୍ନ ସମୟରେ ଜଙ୍ଗଲରେ ବଣଭୋଜି କରି ନିଆଁ ଲଗାଇ ଚାଲିଆସିବା, ଧୂମପାନ କରି ଜଙ୍ଗଲରେ ଫୋପାଡିବା ଦ୍ୱାରା ଜଙ୍ଗଲରେ ନିଆଁ ଲାଗିଥାଏ । ଏଭଳି ମନୁଷ୍ୟକୃତ ବନାଗ୍ନିକୁ ରୋକିବା ଦିଗରେ ବନ ସଂରକ୍ଷଣ ସମିତି ଛାତ୍ରୀଛାତ୍ର, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ, ଗ୍ରାମବାସୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ପାଢୀ ଆସିକା ଅଞ୍ଚଳର ଗର୍ବ ଓ ଗୌରବ ଗଡଗଡିଆ ପାଦ ଦେଶରେ ରହୁଥିବା କୃଷ୍ଣସାର ମୃଗ ଓ ପାକିଡିରେ ବସତି ସ୍ଥାପନ କରିଥିବା ମୟୂରଙ୍କ ସୁରକ୍ଷା ପ୍ରତି ସଂକଳ୍ପବଦ୍ଧ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ପାକିଡି ଓ ଗଡଗଡିଆ ପାଦଦେଶରେ ଅତିଥି ଭବନ ନିର୍ମାଣ ପୂର୍ବକ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ଲାଗି ଏକ ଖସଡା ପ୍ରସ୍ତୁତ କରିବା ଲାଗି ସେ ଉପଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଆସିକା ବନପାଳ ଶରତ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ତ୍ରିପାଠୀ, ସୁକାନ୍ତ ପଟ୍ଟନାୟକ, ହରିକୃଷ୍ଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ ।

### ଜମିବାଡ଼ି ବିବାଦରୁ ହଣାହାଣି, ୬ ଗୁରୁତର

ଖଲ୍ଲିକୋଟ,୨୪।୧୨ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମରେ ଜମିବାଡି ବିବାଦ ମଙ୍ଗଳବାର ଉଗ୍ର ରୂପ ନେଇ ୩ ଭାଇଙ୍କ ପରିବାର ମଧ୍ୟରେ ହଣାହାଣି ହୋଇ ୬ ଜଣ ଗୁରୁତର ହୋଇଛନ୍ତି। ଖୋଜାପଲ୍ଲୀ ତଳ ସାହି ବାସିନ୍ଦା ଭାଇକ ସାହୁଙ୍କ ୩ ପୁଅ ଓ ଗୋଟିଏ ଝିଅ। ଭାଇକଙ୍କ ମୃତ୍ୟୁ ପରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ୩ ପୁଅଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଏହି ବିବାଦକୁ ନେଇ ୩ ଭାଇଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। କ୍ରମେ ଏହା ଉଗ୍ର ରୂପ ଧାରଣ କରି ୩ ଭାଇ କବି ସାହୁ, ଅନାଥ ସାହୁ ଓ କୈଳାଶ ସାହୁ ପରସ୍ପରଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ପରସ୍ପର ପରସ୍ପରଙ୍କୁ ଖଣ୍ଡା, କାତି ଦ୍ୱାରା ହାଣିବା ଫଳରେ ୩ ଭାଇଙ୍କ ସମେତ ଭଉଣୀ ଝକ ସାହୁ, କୈଳାଶ ସାହୁଙ୍କ ପତ୍ନୀ ଲକ୍ଷ୍ମୀ ସାହୁ ଓ ଅନାଥ ସାହୁଙ୍କ ଝିଅ ମିନି ରାଉତ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖଲ୍ଲିକୋଟ ପୁଲିସ ଖବର ପାଇ ମେଡିକାଲରେ ପହଞ୍ଚି ଆହତଙ୍କୁ ପଚରାଉଚରା କରିଛି।

## ଜଙ୍ଗଲ ଜମିପଟ୍ଟା ବଣ୍ଟନ



ଉପସ୍ଥିତ ହିତାଧିକାରୀ।

ଚକାପାଦ,୨୪।୧୨(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକର ବପଲମେଣ୍ଡି (ଏଲ୍) ଗ୍ରାମପଞ୍ଚାୟତରେ ସୋମବାର ଚକାପାଦ ତହସିଲଦାର ରାକେଶ କୁମାର ପ୍ରଧାନଙ୍କ ଦ୍ୱାରା ୪୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ ସୁପରଭାଇଜର ବାଳକୃଷ୍ଣ ବେହେରା ଜଙ୍ଗଲ ଜମି ପଟ୍ଟାର ଗୁରୁତ୍ୱ ଉପରେ ବୁଝାଇଥିଲେ। ପୂର୍ବ ପୁରୁଷ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଜମିପଟ୍ଟାକୁ କିପରି ବର୍ତ୍ତମାନ ମାଲିକଙ୍କ ନାମରେ ପରିବର୍ତ୍ତନ ହେବା ସହ ଗ୍ରାମାଞ୍ଚଳରେ ଗଢ଼ି ଉଠୁଥିବା ଘର ଗୁଡ଼ିକର ଘରବାରି ପଟ୍ଟାକୁ କିପରି କରାଯିବ ସେନେଇ କହିଥିଲେ। ଜମିଜମା ସମସ୍ୟା ଥିଲେ ଯଥାଶୀଘ୍ର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଜେ ତହସିଲଦାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏଥିସହ ଭୂମିହୀନ, ଜମି ଭାଗ ବଣ୍ଟା, ନୂତନ ଜମିକୁ ନିଜ ନାମରେ ପରିବର୍ତ୍ତନ କିପରି ସହଜ ସୁବିଧାରେ କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ସରପଞ୍ଚ ରଞ୍ଜନ କୁମାର ମଲିକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଥାୟୀ ବିଇଓ ନିଯୁକ୍ତି ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ଦାରିଙ୍ଗବାଡି,୨୪।୧୨( ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସ୍ଥାୟୀ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ଉକ୍ତ ବ୍ଲକର ୨୫ ପଞ୍ଚାୟତର ଶତାଧିକ ବିଦ୍ୟାଳୟ ରହିଥିବା ବେଳେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରିବାକୁ ରହିଛନ୍ତି। ତେବେ ବିଦ୍ୟାଳୟ ପରିଚାଳନା ସହ ବିଇଓ କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସରକାରୀ କାର୍ଯ୍ୟରେ ହଇରାଣ ଭୋଗୁଛନ୍ତି ଏବେ ରାଇକିଆ ବିଇଓ ହାଡ଼ିବନ୍ଧୁ ବେହେରା ଦାରିଙ୍ଗବାଡ଼ି ଦାୟିତ୍ୱରେ ରହିଥିବା ବେଳେ ସେ ୨ଟି ଦାୟିତ୍ୱରେ ରହିଥିବାରୁ ବ୍ଲକ ଅଞ୍ଚଳକୁ ଅଧିକା ସମୟ ଦେବା ସମ୍ଭବ ହେଉନଥିବା ବେଳେ ସ୍ଥାୟୀ ତଥା ନିୟମିତ ବିଇଓଙ୍କୁ ନିଯୁକ୍ତି ପ୍ରଦାନ କରାଗଲେ ବିଇଓ କାର୍ଯ୍ୟାଳୟ ସୁଗମ ପରିଚାଳନା ହୋଇପାରିବ ବୋଲି ଶିକ୍ଷକ ମାନେ ସ୍କୁଲ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରି ନିତ୍ୟାନନ୍ଦ ଗଣ୍ଡଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ପ୍ରାଥମିକ ଶିକ୍ଷକଙ୍କୁ ଚୁକ୍ତି ଭିତ୍ତିକ ନିଯୁକ୍ତି ଉଠାଇ ନିୟମିତ କରିବା, ପ୍ରାଥମିକ ଶିକ୍ଷକଙ୍କ ଦରମା କେନ୍ଦ୍ରୀୟ ଦରମା ସହ ସମାନ କରିବା ଦାବି ଆଦି ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଉପସଭାନେତ୍ରୀ ଚାରୁଶିଳା ମଲିକ,ସହ ସମ୍ପାଦକ ନବୀନ ସାହୁ, ସହ ସଂଯୋଜକ ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ଡ୍ୟାମ୍‌କୁ ନେଇ ଜନଶୁଣାଣି ଶିବିର

ସୋରଡ଼ା,୨୪।୧୨(ରଜନୀ ମହାପାତ୍ର)

ଗାଜଲବାଡ଼ି ଗ୍ରାମ ପଞ୍ଚାୟତରେ ପ୍ରସ୍ତାବିତ ପିପଲପଙ୍କା ଋଷିକୁଲ୍ୟା ଡ୍ୟାମ ପ୍ରକଳ୍ପକୁ ନେଇ ଏକ ଜନ ଶୁଣାଣି ଶିବିର ସ୍ଥାନୀୟ ପଞ୍ଚାୟତ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗାଜଲବାଡ଼ି ଗ୍ରାମ ପଞ୍ଚାୟତର ବହୁ ଜନସାଧାରଣ ଓ ଚାଷୀ ଉପସ୍ଥିତ ରହି ଡ୍ୟାମ୍ ହେବା ଦ୍ୱାରା ନିଜର ଅସୁବିଧା ପ୍ରତିପାଦନ କରିଥିଲେ। ଏହି ଡ୍ୟାମ୍‌ଟି ନୂଆ କରି ସର୍ଭେ ହୋଇଥିବା ପ୍ରକାରେ ମୋଟ ୨୭୨୫ଏକର ପରିମିତ ଅଞ୍ଚଳରେ ହେବାକୁ ଯାଉଥିବା ବେଳେ ମୋଟ ୮୦ଏକର ପଟ୍ଟା ଜମି ଓ ବାକି ସବୁ ସରକାରୀ। ସେଥି ମଧ୍ୟରୁ ସଂରକ୍ଷଣ ଜଙ୍ଗଲ ଜମିରୁ ୨୦୯୪ ଏକର, ରାଜସ୍ୱ ଜଙ୍ଗଲ ଜମିରୁ ୪୫୦ଏକର, ରାଜସ୍ୱ ଜମିରୁ ୯୫ଏକର ଜମିରେ ପ୍ରକଳ୍ପଟି ହେଉଥିବା ସ୍ଥାନୀୟ ତହସିଲଦାର ଜଣାଇଥିଲେ। ଏହି ପ୍ରକଳ୍ପ ହେବା ଫଳରେ ଗାଜଲବାଡ଼ି ପଞ୍ଚାୟତର ୭୦୦ ହେକ୍ଟର ଓ ଗୋଛା, ଅସୁରବନ୍ଧ, ବଡ଼ବଦାଙ୍ଗି, ଭଗବାନପୁର, ଗେଞ୍ଜା ଏବଂ ଗୋପାଳପୁର ଶାସନ ପଞ୍ଚାୟତର ପ୍ରାୟ ୧୮୦୦ ହେକ୍ଟର ଏପରି ମୋଟ ୨୫୦୦ହେକ୍ଟରର ଚାଷ ଜମିକୁ ଜଳ ସେଚିତ କରବା ପାଇଁ ପ୍ରସ୍ତାବିତ ପ୍ରକଳ୍ପରେ ବଜେଟ ରଖାଯାଇଥିବା କହିଥିଲେ। ସ୍ଥାନୀୟ ଚାଷୀଙ୍କ ଦାବି ଥିଲା ୨୦୦୬ ଜଙ୍ଗଲ ଜମି ଆଇନ ଅନୁସାରେ ଜମି ପଟ୍ଟା ପ୍ରଦାନ କରି ସେମାନେଙ୍କୁ ଉଚିତ ଭରଣପୋଷଣ ଦିଆଯାଉ, ଏହିସବୁ ପାଳନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଜନଶୁଣାଣିରେ ଦାବି କରିବା ସହ ଏହାକୁ ସରକାର ଗ୍ରହଣ ନ କରିଲେ ସେଠାରେ ଆମେ ପ୍ରସ୍ତାବିତ ପ୍ରକଳ୍ପ କରେଇଦେବୁ ନାହିଁ ବୋଲି ମତବ୍ୟକ୍ତ ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିର ସୋରଡ଼ା ତହସିଲଦାର ଆକାଶ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବିଡ଼ିଓ ବିଜୟ କୁମାର ପ୍ରଧାନ, ରାମ ଚନ୍ଦ୍ର ମହାପାତ୍ର ସହକାରୀ ଜିଲାପାଳ ଭଞ୍ଜନଗର, ଦୀନବନ୍ଧୁ ପିଙ୍ଗୁଆ ଅତିରିକ୍ତ ତହସିଲଦାର ସୋରଡ଼ା, ସୁଦାମ ସେଠି ରାଜସ୍ୱ ସୁପରଭାଇଜର, ସୁଦାମ ମଲିକ, ଦିଲୀପ କୁମାର ପ୍ରଧାନ ରାଜସ୍ୱ ନିରୀକ୍ଷକ, ଆସ୍କା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କେ.ଦେବେନ୍ଦ୍ର ପ୍ରଧାନ ଓ ସୋରଡ଼ା ଜଳସେଚନ ବିଭାଗ ଯନ୍ତ୍ରୀ ବିଜୟ ଚନ୍ଦ୍ର ପଟ୍ଟନାୟକ, ବିଜୟ କୁମାର ଗମାଙ୍ଗ ପିଇଓ ଗାଜଲବାଡ଼ି ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ଯ ସମରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଗାଜଲବାଡ଼ି ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, ସମିତି ସଭ୍ୟା ମଞ୍ଜୁଳା ନାୟକ, ସରକାରୀ ଆଇନଜୀବୀ ରଜନୀ କୁମାର ପଟ୍ଟନାୟକ, ପୂର୍ବତନ ଗାଜଲବାଡ଼ି ସରପଞ୍ଚ ଦୁଃଶାସନ ମଲିକ ଓ ଉପେନ୍ଦ୍ର କୁମାର ବେହେରାଙ୍କ ସହ ଗାଜଲବାଡ଼ିର ବହୁ ଆଗଧାଡ଼ିର ଚାଷୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର

ଛତ୍ରପୁର,୨୪।୧୨(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଅଦିନିଆ ବର୍ଷାରେ ଫସଲ କ୍ଷତିର କ୍ଷତିପୂରଣ ଦେବା ସହିତ ଚାଷୀଙ୍କ ସବୁ ଧାନ କିଣିବା ଦାବି ନେଇ ମଙ୍ଗଳବାର ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ପ୍ରଦାନ କରାଯାଇଛି । ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା, ଏଫଏକ୍ୟୁ ମାନ କୋହଳ କରି ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ କିଣିବା, ରବିଫସଲ ପାଇଁ ବିହନ ରିହାତିରେ ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଁସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା ରାଜ୍ୟ ସଂଘ

ଛତ୍ରପୁର,୨୪।୧୨ (ସନ୍ତୋଷ ପାଢୀ/ଦିଲୀପ ସାମଲ)



ଖବରଦାତା ସମ୍ମିଳନୀରେ ଦାବି କରାଯାଉଛି।

ଗାଁସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଲାଗି ରାଜ୍ୟ ଗାଁସାଥୀ (ମେଟ୍) ସଂଘ ମିଳିତି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ଥିବା ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ପୂରଣ କରିବା ଆବଶ୍ୟକ ବୋଲି ରାଜ୍ୟ ସଂଘର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ମଙ୍ଗଳବାର ଛତ୍ରପୁରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯୋଗ୍ୟତା ଅନୁସାରେ ଗାଁ ସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନର ବ୍ୟବସ୍ଥା କରିବା ଲାଗି ରାଜ୍ୟ କର୍ମଶାଳାରେ ଦାବି ହୋଇଥିଲା । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପତ୍ର ପଠାଯାଇଥିବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର ସୂଚନା ଦେଇଥିଲେ । ଗଞ୍ଜାମ ଜିଲାରେ ଥିବା ଗାଁସାଥୀମାନଙ୍କୁ ହଟାଦାର କରି ବେନିୟମ ଭାବେ ଗାଁସାଥୀ ନିଯୁକ୍ତ କରି ସେମାନଙ୍କ ଜରିଆରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରାଯାଉଛି । ଏହାକୁ ବନ୍ଦ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲା ସଂଯୋଜକ ହେମନ୍ତ ନାହକ କହଛନ୍ତି। ଗାଁସାଥୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି, ହାଇକୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ, ସମାନ କାମକୁ ସମାନ ଦରମା, ମାସିକ ପ୍ରୋତ୍ସାହନ ରାଶି ସମ୍ବନ୍ଧରେ ତୁରନ୍ତ ଆଲୋଚନା, ଗାଁସାଥିଙ୍କୁ ବୟସ କୋହଳ କରି ବିଭିନ୍ନ ବିଭାଗରେ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦେବା ଏବଂ ନଭେମ୍ବର ମାସରେ ସରକାରଙ୍କ ଦ୍ୱାରା ଏଥିପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବି ହୋଇଛି। ଆହୁରି କୁହାଯାଇଛି ଯେ ଗଂଜାମ ଜିଲା ପାଇଁ ଏକ ସଂଯୋଜନା କମିଟି ଗଠନ ହୋଇଛି । କମିଟିର ଆବାହକ ଜନକ ମହାରଣା, ସଂଯୋଜକ ଭାବେ ହେମନ୍ତ ନାହକ ଓ ଉପଦେଷ୍ଟା ମଣ୍ଡଳୀ ଭାବେ ଓକିଲ ଗିରିଶଚନ୍ଦ୍ର ଶତପଥି, ନିକୁଞ୍ଜ ମହାରଣା, ଯୁଧିଷ୍ଠିର ରେଡ୍ଡୀ, ଦଣ୍ଡପାଣି ଦାସ, ମନୋଜ ଆଚାର୍ଯ୍ୟ, ବିଦ୍ୟାଧର ପ୍ରଧାନ ଓ ସଂଜୟ କାମ୍ପଙ୍କୁ ମନୋନୀତ କରାଯାଇଛି।

## ପ୍ରଶାସନର ଅଣଦେଖାକୁ ନେଇ ବର୍ଷିଲେ ଚାଷୀ

ପାରଳାଖେମୁଣ୍ଡି,୨୪।୧୨(ଗିରିଧାରୀ ପରିଛା)



ଗଜପତି ଜିଲାରେ ଅଦିନିଆ ବର୍ଷା ପ୍ରଭାରେ ଗୋଶାଣୀ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଯାହାକୁ ନେଇ ମଙ୍ଗଳବାର ଶହଶହ ଚାଷୀ ନଷ୍ଟ ହୋଇଥିବା ଗଜା ଧାନକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ହୋହାଲା କରିଥିଲେ। ଚାଷୀଙ୍କ ଅଭିଯୋଗ ହେଲା ଅଦିନିଆ ବର୍ଷାରେ ଅମଳ ଧାନ ନଷ୍ଟ ହୋଇଛି। ଚାଷୀଙ୍କ ବର୍ଷକର କଷ୍ଟ ପାଣିରେ ମିଶିଛି। ଖଳା ଓ ବିଲରେ ବର୍ଷାପାଣି ଜମି ଧାନ ଓଦା ହୋଇ ଗଜା ହୋଇଯାଇଛି। ହେଲେ ଜିଲାପ୍ରଶାସନ ତରଫରୁ କୌଣସି ଅଧିକାରୀ ଚାଷୀଙ୍କ ସମସ୍ୟା ବିଝିବା ପାଇଁ ଏ ପର୍ଯ୍ୟନ୍ତ ଆସି ନାହାନ୍ତି। ରାଜ୍ୟ ସରକାର କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ସର୍ଭେକରି ଚାଷୀଙ୍କ କ୍ଷତିପୂରଣ ଦିଆଯିବ ବୋଲି କହୁଥିବା ବେଳ ସରକାରୀ ଆଧିକାରୀ ମାନେ ଘରେ ବସି ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଜେପି କୃଷକ ମଞ୍ଚ ସଭାପତି କୃପା ପାଳ, ଶ୍ରୀଧର ନାଇଡୁ, ସୋମେଶ୍ୱର ଚୌଧୁରୀ ପ୍ରମୁଖ। ତେବେ ଉଭୟ ବିଭାଗ ତରଫରୁ ମିଳିତ ସର୍ଭେ କରି ଚାଷୀଙ୍କ କ୍ଷତିପୂରଣ ଦେବାସହ ଚାଷୀମାନେ କରିଥିବା ବିମାରାଶି ମଧ୍ୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେପଟେ ସରକାର ଧାନ ସଂଗ୍ରହ ବେଳେ ଏଫଏକ୍ୟୁ ମାନକୁ ଗୁରୁତ୍ୱ ନ ଦେଇ ଗଜପତି ଚାଷୀଙ୍କ ପ୍ରତି କୋହଳ କରିବାକୁ ଦାବି ହୋଇଛି। ସରକାରୀସ୍ତରରେ ମଣ୍ଡି ଖୋଲିବାରେ ଆଧିକ ବିଳମ୍ବ କରାଯାଉଛି। ଡିସେମ୍ବର ୩୦ରୁ ଜିଲାରେ ଧାନ ସଂଗ୍ରହ ପାଇଁ ରହିଥିବା ବେଳେ ବର୍ତ୍ତମାନ ଯାଏ ଚାଷୀଙ୍କ ଟୋକନ ବାହାରି ନାହିଁ। ଏହାପରେ କୃଷକ ମାନେ ଅଦିନିଆ ବର୍ଷାରେ ହୋଇଥିବା ସମସ୍ତ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ତେବେ ଚାଷୀଙ୍କ ସମସ୍ୟା ଶୁଣିବା ପରେ ଜିଲାରେ ମଙ୍ଗଳବାରଠାରୁ ରାଜସ୍ୱ ଓ କୃଷି ବିଭାଗୀୟ ଅଧିକାରୀଙ୍କୁ ନେଇ ମିଳିତ ସର୍ଭେ କରାଯିବ। ରିପୋର୍ଟ ଆସିବା ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇ ଚାଷୀଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯିବ ବୋଲି ଜିଲାପାଳ ବିଜୟ କୁମାର ଦାସ କହିଛନ୍ତି।

**ମନ୍ଦିରରୁ ଅଳଙ୍କାର, ହୁଣ୍ଡିରୁ ଟଙ୍କା ଚୋରି**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଗୋସାଣୀନୂଆଗାଁ ଥାନା ହରିହରନଗର ଉତ୍ତରେଶ୍ୱର ଦଣ୍ଡକାଳୀ ମନ୍ଦିରରୁ ଚୋରି ହୋଇଛି । ଅଭିଯୋଗ ପରେ ପୋଲିସ ନଂ. ୩୭୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହରିହରନଗର ଶେଷ ମୁଣ୍ଡରେ ଥିବା ଦଣ୍ଡକାଳୀ ମନ୍ଦିରର ପୂଜକ ୨୨ ତାରିଖ ରାତିରେ ତାଲା ପକାଇ ଘରକୁ ଯାଇଥିଲେ । ସକାଳୁ ସେ ଆସି ଦେଖିବା ବେଳେ ମନ୍ଦିରର ଫାଟକ ତାଲା ଭଙ୍ଗା ଯାଇଥିଲା । ଭିତରକୁ ଯାଇ ଦେଖିବା ବେଳେ ମା କାଳୀଙ୍କ ବେକରେ ଲାଗିଥିବା ସୁନା ଅଳଙ୍କାର ଓ ନାକ ଫୁଲ ଚୋରି ହୋଇଯାଇଥିଲା । ସେହିପରି ମନ୍ଦିରର ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ମଧ ଚୋରି ହୋଇଥିଲା । ଏ ନେଇ ମନ୍ଦିର ପୂଜକ କମିଟି ସଦସ୍ୟଙ୍କୁ ଖବର ଦେବା ପରେ କମିଟି ପକ୍ଷରୁ ଜୟନ୍ତ କୁମାର ପାତ୍ର ଥାନାରେ ଏତଲା ଦେଇଥିଲେ ।



# ପ୍ରାକ୍-ବଡ଼ଦିନ ମହୋତ୍ସବ ପାଳିତ

ଜି.ଉଦୟଗିରି,୨୪।୧୨ (ଚିନ୍ମୟ କୁମାର ସେଠୀ)

କଳିଙ୍ଗା ଉଦ୍ୟୋଗ ସେବା ସମିତି ତରଫରୁ କଳିଙ୍ଗା ଠାରେ ମହାଆଡ଼ମ୍ବରରେ ପାଳନ କରାଯାଇଛି ପ୍ରାକ ବଡ଼ଦିନ ମହୋତ୍ସବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ମହାଚାର୍ଯ୍ୟ ଅବେଦ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଓଡ଼ିଶା ରାଜ୍ୟ ଖ୍ରୀଷ୍ଟୀୟ ଉଦ୍ୟୋଗ ସମିତି ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ, ଖବରଦାତା ସମୀର କୁମାର ପାଢ଼ୀ, ସ୍ଥାନୀୟ ସରପଞ୍ଚ ବକ୍ସି ମଲ୍ଲିକ, ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ସୌଲ୍ ନାଗ (ଛତିଶଗଡ଼), ପାଳକ ନିର୍ମଳ ଖରା (କୋରାପୁଟ), ସମ୍ମାନିତ ଅତିଥି ଭାବେ ଶୁଭେନ୍ଦ୍ର ନାୟକ, ବାକିରାମ ନାୟକ, ବିଧାୟକ ପ୍ରତିନିଧି ମଧୁଲିନା ଦିଗାଲ, ପିତର ମଲ୍ଲିକ, ଜିଖରୀୟ ନାୟକ, କଳିଙ୍ଗା ଉତ୍ତର ଭାରତ ମଣ୍ଡଳୀ ପାଳକ ଏବଂ ଚର୍ଚ୍ଚ ଓଫ ଖ୍ରୀଷ୍ଟ ମଣ୍ଡଳୀ ପାଳକ ଉପସ୍ଥିତ ଥିଲେ।

# ଆଜି ବଡ଼ଦିନ, କନ୍ଧମାଳରେ ବ୍ୟାପକ ପୋଲିସ ମୁତୟନ

ଫୁଲବାଣୀ,୨୪।୧୨(ରାକେଶ କୁମାର ରାଉତ)



ବୁଧବାର ବଡ଼ଦିନ। କନ୍ଧମାଳ ଜିଲାରେ ଯେଭଳି ବଡଦିନ ଶାନ୍ତି ଶୃଙ୍ଖଳାର ସହିତ ପାଳନ ହେବ ସେଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବ ବର୍ଷଗୁଡିକ ପରି ଚଳିତବର୍ଷ ମଧ ପୋଲିସ ବଳୟ ମଧ୍ୟରେ ରହିଛି ସମଗ୍ର କନ୍ଧମାଳ ଜିଲା । ବିଶେଷ କରି ବିଗତ ଦିନରେ ହୋଇଥିବା ଅଘଟଣକୁ ଦୃଷ୍ଟିରେ ରଖି ଜିଲାରେ ଥିବା ପୋଲିସ ଫୋର୍ସ ସମେତ ବାହାରୁ ଅଧିକ ପ୍ଲାଟୁନ ଫୋର୍ସ ମଗାଯାଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି ।

କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ ବି.ସି.ଙ୍କ ତତ୍ତ୍ୱାବଧାନରେ ସମଗ୍ର ଜିଲାରେ ସୁରକ୍ଷାରେ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜିଲାରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି । ଏଥିସହ ଜିଲ୍ଲାରେ ଥିବା ସମସ୍ତ ପୋଲିସ ଅଧିକାରୀଙ୍କ ସମେତ ବାହାରୁ ଅଧିକା ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ସାମିଲ ହୋଇଛନ୍ତି । ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ତଦାରଖ ଦାୟିତ୍ୱ ଦିଆଯାଇଛି । ବିଭିନ୍ନ ଗୀର୍ଜା ନିକଟରେ ଫୋର୍ସ ମୁତୟନ ହୋଇଥିବା ବେଳେ ମାଓବାଦୀ ଗତିବିଧି ଉପରେ ମଧ ତୀକ୍ଷଣ ନଜର ରଖାଯାଇଛି । ଜିଲାର ସମସ୍ତ ପ୍ରବେଶ ପଥକୁ ନାକା କରାଯାଇ ଯାଞ୍ଚ କରାଯାଉଛି । ୩ ଦିନ ଧରି ଏହି ଯାଞ୍ଚ ଚାଲିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ସମଗ୍ର ଜିଲାରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଛି। ତେଣୁ କୌଣସି ପ୍ରକାର ସନ୍ଦେହ ନରଖି ଜିଲାବାସୀ ଆନନ୍ଦ ଉଲ୍ଲାସର ସହ ବଡଦିନ ଉତ୍ସବ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ମଧ କୁହାଯାଇଛି। ଜିଲାର ୧୮ଟି ଥାନା ମଧ୍ୟରୁ ସୋମବାର ୧୦ଟି ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ନେହାସିସ ସାହୁ ସୂଚନା ଦେଇଛନ୍ତି ।

# ମୁଗ ବିହନ ପାଇଁ କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ

**ସହରାଞ୍ଚଳ ଚାଷୀ ବିହନରୁ ବଞ୍ଚିତ**

ହିଞ୍ଜିଳିକାଟୁ ୨୪।୧୨ ( ଦ୍ୱିତୀକୃଷ୍ଣ ପଣ୍ଡା): ମୁଗ ବିହନ ପ୍ରଦାନ ପାଇଁ ଟାଳଟୁଳ ନୀତି ଯୋଗୁଁ ହିଞ୍ଜିଳିକାଟୁ ବ୍ଲକ କୃଷି କାର୍ଯ୍ୟାଳୟକୁ ମଙ୍ଗଳବାର ହିଞ୍ଜିଳି ଅଞ୍ଚଳର ଚାଷୀମାନେ ଘେରାଉ କରିବା ସହ ବିକ୍ଷୋଭ କରିଛନ୍ତି। ଦୁଇଦିନ ଧରି ହିଞ୍ଜିଳିକାଟୁ ବ୍ଲକର ଚାଷି ଜମିପଟ୍ଟା, ଆଧାର କାର୍ଡ, ବ୍ୟାଙ୍କଖାତା ସହ ସାର କୀଟନାଶକ କିଣି ଅନଲାଇନ ବିଲ କୃଷି ଅଧିକାରୀମାନଙ୍କୁ ଦେଖାଇଲେ ଯାଞ୍ଚକରି ୩କେଜି ରୁ ୪କେଜି ମୁଗ ବିହନ ଦିଆଯାଉଛି। ଏନେଇ ମଙ୍ଗଳବାର କୃଷି କାର୍ଯ୍ୟାଳୟ ସମ୍ମୁଖରେ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଗ୍ରାମରୁ ଚାଷି ବିଲ କାଟି କୃଷି କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଇଥିଲେ ମଧ କୃଷି ଅଧିକାରୀମାନେ କାର୍ଯ୍ୟାଳୟରେ ନ ଥିଲେ। ସେଠାରେ ଥିବା ଜଣେ କର୍ମଚାରୀ କୃଷି ଅଧିକାରୀ ମିଟିଂରେ ଯାଇଛନ୍ତି ବୋଲି କହିଥିଲେ। ଅନ୍ୟ ପକ୍ଷରେ ମୁଗ ବିହନ ବଣ୍ଟନ ପାଇଁ କୌଣସି ନିର୍ଭର ପ୍ରତିଶ୍ରୁତି ନ ମିଳିବାରୁ ଚାଷୀମାନେ ଉତ୍ୟକ୍ତ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB VACANCY

| Sr.No. | Post | Qualification | Sex | Experience | Nos | Salary |
|---|---|---|---|---|---|---|
| 1 | Office Coordinator cum computer operator | Graduate with PGDCA | F | 1 Year/ Fresher | 3 | 12,000 |
| 2 | Care Taker | | M | 1 Year/ Fresher | 3 | 10,000 |

Cont. Details: KM Convention (Wedding Hall), Bhubaneswar
Send Your Resume by mail or Whatsapp (Whatsapp No-9556924496)
Mail Id: khatamitha717@gmail.com
Cont. No- 8249579908 (Cont. between 11.30 AM to 5.30 PM)

REQUIRED
Used Car Showroom in Bhubaneswar requires Front Office Executive-cum-Telecaller, Marketing Professionals with experience in used car sales and purchase and finance and Driving experience of Four Wheeler. For details Contact:
7381091234, 9861194627

# ନୃସିଂହନାଥ ମନ୍ଦିର ଉନ୍ନତୀକରଣ ପାଇଁ ବିଧାୟକଙ୍କ ପରିଦର୍ଶନ

ଗଞ୍ଜାମ,୨୪।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମ ନିକଟସ୍ଥ ପାହାଡ଼ ଉପରେ ଅବସ୍ଥିତ ଶ୍ରୀ ନୃସିଂହ ନାଥ ମନ୍ଦିରର ଉନ୍ନତିକରଣ ପାଇଁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପାହାଡ଼ ଉପରେ ରହିଥିବା ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର ଉନ୍ନତିକରଣ ସାଙ୍ଗକୁ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ପରେ ଉପସ୍ଥିତ ରହିଥିବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଭାଜପା ରାଜ୍ୟ କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ବ୍ଲକ ଉନ୍ନୟନ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରକୁ ଭେଟିଲା 'ଗରିବର ବନ୍ଧୁ'

ପୋଲସରା, ୨୪।୧୨ (ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ ୩ର ମୃତ ସୁରେନ୍ଦ୍ର କାଣ୍ଡିଙ୍କ ପୁଅ ଗୌରୀ ଶଙ୍କର କାଣ୍ଡି ସୁରଟରେ କାମ କରୁଥିବା ବେଳେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ସୁରେନ୍ଦ୍ରଙ୍କ ଦୁଇ ପୁଅ ସୁରଟରେ ରହି ପରିବାର ପ୍ରତିପୋଷଣ କରୁଥଲେ। କାମ କରୁଥିବା ବେଳେ ହଠାତ ସ୍ୱାସ୍ଥ୍ୟ ଖରାପ ହୋଇଥଲା। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଛି। ସାନ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି ପାରିବାର ଲୋକେ। ଖବର ପାଇ ଗରିବର ବନ୍ଧୁର ସଭାପତି ସୁବ୍ରତ ବେହେରା, ଉପସଭାପତି ସତ୍ୟ ନାରାୟଣ ମହାରଣା, କାର୍ଯ୍ୟକାରୀ ସଭାପତି କୃତିବାସ ଗୌଡ଼, କୋଷାଧ୍ୟକ୍ଷ ବୁଲୁ ସାହୁ, ସମ୍ପାଦକ ନାରାୟଣ ମହାରଣା, ସହ ସମ୍ପାଦକ ପ୍ରଶାନ୍ତ ନାହାକ, ଉପଦେଷ୍ଟା ଗୋପାଳ କୃଷ୍ଣ ସାହୁ, ଅସିତ ନନ୍ଦ, କାହ୍ନୁ ଚରଣ ସାଶମଲ, ଟୁକୁନା ସ୍ୱାଇଁ, ଧନୁ ସାହୁ, କାହ୍ନୁ ପ୍ରଧାନ ପ୍ରମୁଖ ପରିବାରକୁ ଭେଟି ଦୁଃଖ ପ୍ରକାଶ କରିଛନ୍ତି।

# ଗଜପତି ଉତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ପାରଳାଖେମୁଣ୍ଡି, ୨୪।୧୨ (ଗିରିଧାରୀ ପରିଛା)

ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼ ଗୁଣନିଧି ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲାପାଳ ଅନୁପ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଜିଲାର ଲୋକକଳା, ସଂସ୍କୃତି, ଜନଜାତି, ନୃତ୍ୟ ସଙ୍ଗୀତ, ପରମ୍ପରା ଓ ପର୍ଯ୍ୟଟନ ସ୍ଥଳୀର ବିକାଶରେ ଜିଲା ଅଗ୍ରସର ହେଉଛି ବୋଲି କହିଥିଲେ। ୬ ଦିନ ଧରି ରାଜ୍ୟ ଓ ରାଜ୍ୟ ବାହାର, ଜିଲା ଓ ଜିଲା ବାହାର କଳାକାରମାନଙ୍କ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ପଲ୍ଲିଶ୍ରୀ ମେଳାରେ ପ୍ରାୟ ୧ କୋଟି ଟଙ୍କାର ବ୍ୟବସାୟ ହୋଇଛି। ମହାଲକ୍ଷ୍ମୀ ମହିଳା ମଣ୍ଡଳ ଗଜପତି, ଦାଧିବାବନ ଜିଉ ସ୍ୱୟଂ ସହାୟକ ଗୋଷ୍ଠୀ ଜଗତସିଂହପୁର, ମା ବିନ୍ଧ୍ୟଗିରୀବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଜପତି, ରାଧା ରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଭଦ୍ରକ ଓ ଲକ୍ଷ୍ମୀ ନାରାୟଣ ଟସର ହ୍ୟାଣ୍ଡଲୁମ ପ୍ରୋଡୁସର୍ ଗ୍ରୁପ ଯାଜପୁରକୁ ସମ୍ମାନିତ କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ବିଭାଜିକା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜିଲା ପରିଷଦ ଓ ଉଦ୍ୟାନ ବିଭାଗକୁ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ସମେତ ଜିଲାର ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିମିଟେଡ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
Bharat Petroleum energising lives

ବରଗଡ଼ରେ ଲିଜ ସୂତ୍ରରେ ଆବାସିକ ଫ୍ଲାଟ ଆବଶ୍ୟକ

ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଏକ ପବ୍ଲିକ ସେକ୍ଟର ଉଦ୍ୟୋଗ ଓଡ଼ିଶାର ବରଗଡ଼ର ପୌରନିଗମ ସୀମା ମଧ୍ୟରେ 5 ବର୍ଷ ଅବଧି ପାଇଁ ଓଡ଼ିଶାର ବରଗଡ଼ରେ ଲିଜ ସୂତ୍ରରେ 21ଟି ଆବାସିକ ଫ୍ଲାଟ (ଷୋଳଟି 2BHK ଓ ପାଞ୍ଚଟି 3BHK) ଆବଶ୍ୟକ କରୁଛନ୍ତି। ଟେଣ୍ଡର ଅନୁସନ୍ଧାନ ନଥିପତ୍ର (CRFQ No. 1000428872) ବିପିସିଏଲର ୱେବସାଇଟ www.bharatpetroleum.in ରେ 25.12.2024 ଠାରୁ ଉପଲବ୍ଧ ହେବ। ଆଗ୍ରହୀ ପକ୍ଷମାନେ ସେମାନଙ୍କ ପ୍ରସ୍ତାବ/ନିଲାମକୁ ନିମ୍ନ ଲିଖିତ ଠିକଣାରେ ଅବସ୍ଥିତ ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିଃର କାର୍ଯ୍ୟାଳୟରେ ତା16.01.2025ରିଖ, 14:30 ଘଟିକାରେ ଦାଖଲ କରିପାରିବେ।

ଚିଫ ମ୍ୟାନେଜର ଆଡମିନ (ଏଚଆରଏସ), ଇଷ୍ଟ,
ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିଃ, ବାୟୋ ଇଥାନଲ ପ୍ଲାଂଟ,
ଗ୍ରାମ-ବଉଳସିଂଘା, ତହସିଲ-ଉଟଲି, ବରଗଡ଼ ଜିଲ୍ଲା, ଓଡ଼ିଶା-768030

ଉପରୋକ୍ତ ବିଷୟ ଉପରେ ପରବର୍ତ୍ତୀ ଭ୍ରମ ସଂଶୋଧନ ଯଦି ଥାଏ ତାହା ଆମର ୱେବସାଇଟ www.bharatpetroleum.inରେ ପ୍ରକାଶ ପାଇବ ଓ ପ୍ରେସରେ ଦିଆଯିବ ନାହିଁ।
ବି.ଦ୍ର: ବିପିସିଏଲ କୌଣସି କାରଣ ନଦର୍ଶାଇ ଯେକୌଣସି ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ ବା ଖାରଜ କରିବା ଅଧିକାର ବଜାୟ ରଖିଛି।

Bharatgas COOK FOOD. SERVE LOVE. | MAK LUBRICANTS MAK makes it possible. | Bharat Petroleum Aviation Service
ଜୀବନକୁ ଶକ୍ତି ଯୋଗାଉଛି, ନୂଆ ଭାରତକୁ ସଶକ୍ତ କରୁଛି

कार्यपालक अभियन्ता का कार्यालय,
लघु सिंचाई प्रमंडल, सरायकेला
–:: शुद्धि पत्र ::–

ई–निविदा संख्या WRD/MID/SERAIKELLA/ BD/SLI-02/2024-25 जो PR N0- 341463 (WATER RESOURCES) 24-25*D के माध्यम से प्रकाशित की गई है, को अरिहार्य कारणवश अगले आदेश तक स्थगित की जाती है ।

कार्यपालक अभियन्ता
लघु सिंचाई प्रमंडल,
सरायकेला

PR 342789 Water Resource (24-25)D

GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION, KORBA
DISTT. - KORBA (C.G.)

e-PROCUREMENT TENDER NOTICE

e-PROCUREMENT Portal: https://eproc.cgstate.gov.in
(FIRST CALL)
System Tender No. 163082 NIT No.: 05/SAC/2024-25, Dated: 20-12-2024
Online Tenders are invited for the following works up to 10-01-2025 at 17:30 Hour
Name of work : RENOVATION OF DIVERSION WEIR, FEEDER TANK, HEAD SLUICE, CANAL & CANAL STRUCTURES OF GURSIYA DIVERSION SCHEME.
Probable Amount of Contract: - Rs. 293.59 Lakhs
The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 27.12.2024 at 17:31 Hours (IST) onwards.
NOTE :- All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
Sd./- EXECUTIVE ENGINEER
WATER RESOURCES DIVISION, KORBA
DISTT. - KORBA (C.G.)
G-242504776/6

See Career Appointment on every Wednesday & Saturday

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United
ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର
ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍ ଟାଉନ୍, ପ୍ରଥମ ମହଲା, ଦେହେରୀପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪,
ଇମେଲ୍: cs8310@pnb.co.in, କ୍ଷମତାପ୍ରାପ୍ତ ଅଧିକାରୀ ଯୋଗାଯୋଗ ନଂ.: ୯୯୫୫୬୩୯୩୭୫

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାର ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ/ସୁରକ୍ଷିତ ରଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ରଣଦାତାଙ୍କ ରଣ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

ଇ-ନିଲାମ ତାରିଖ ଏବଂ ସମୟ : ୧୦.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା
ଅମାନତ ରାଶି ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ୦୯.୦୧.୨୦୨୫, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା
ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ୦୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ରଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ/ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ<br>ଖ) ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ପରିମାଣ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ<br>ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଟଙ୍କାରେ)<br>ଖ) ଅମାନତ ରାଶି<br>ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | ସମ୍ବଲପୁର ଶାଖା (୦୪୪୨୦୦) / ରଣଗ୍ରହୀତା : ମେସର୍ସ ଅଶୋକା ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଶକୁନ୍ତଳା ଦେବୀ ଅଗ୍ରୱାଲ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଅଗ୍ରୱାଲ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ଅଗ୍ରୱାଲ, ଉଭୟଙ୍କ ଠିକଣା- ସା: ପୋଦାର କଲୋନୀ, ଷ୍ଟ୍ରିଟ୍ - ୬, କ୍ଷେତରାଜପୁର, ସମ୍ବଲପୁର, ପିନ୍ - ୭୬୮୦୦୩ | ଶ୍ରୀମତୀ ଶକୁନ୍ତଳା ଦେବୀ ଅଗ୍ରୱାଲ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଅଗ୍ରୱାଲଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୧୨/୩୩୨୩, ଖାତା ନଂ.: ୩୬୨/୧୯୪, ମୌଜା: ଲପଙ୍ଗା, ତହସିଲ: ରେଙ୍ଗାଲି, ଥାନା: କତରବଗା, ଥାନା ନଂ.: ୧୧, ସମ୍ବଲପୁର, କ୍ଷେତ୍ର: ଏକର ୦.୬୨ ଡିସିମିଲି, ଜିଲ୍ଲା: ସମ୍ବଲପୁର | କ) ୧୦.୧୦.୨୦୧୯<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୪୨,୩୫,୯୫୩/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୦୮.୦୪.୨୦୨୧<br>ଘ) ସାଙ୍କେତିକ | କ)ଟ.୨୩,୪୫,୦୦୦/-<br>ଖ) ଟ.୨,୩୪,୫୦୦/-<br>ଗ) ଟ.୨୫,୦୦୦/- | ୧୦.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୨. | ସିଡିଏସ୍ ସମ୍ବଲପୁର ଶାଖା (୧୪୧୯୨୦) / ରଣଗ୍ରହୀତା: ମେସର୍ସ ଜେନୁଇନ ସିଷ୍ଟମ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସ୍ୱାଧିନ କୁମାର ପଣ୍ଡା, ପିତା: ଶ୍ରୀ ସୁଶୀଲ କୁମାର ପଣ୍ଡା, ଜ୍ୟୋତି ମାର୍କେଟ କମ୍ପ୍ଲେକ୍ସ, ଅଇଁଠାପାଲି, ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪ / ଗ୍ୟାରେଣ୍ଟିଦାତା: ଶ୍ରୀ ସୁଶୀଲ କୁମାର ପଣ୍ଡା, ପିତା: ୰ ବୈଦ୍ୟନାଥ ପଣ୍ଡା, ସା: କ୍ୱାଟର ନଂ.: ଡ଼ି/୧, ଲେବର କଲୋନୀ, ମୋଦିପଡ଼ା ଟାଉନ୍, ସମ୍ବଲପୁର | ଶ୍ରୀ ସୁଶୀଲ କୁମାର ପଣ୍ଡାଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସମ୍ବଲପୁର ଟାଉନ, ୟୁନିଟ୍ ନଂ.: ୧୫, ଅଇଁଠାପାଲି, ଖାତା ନଂ.: ୫୫୯/୪୫୯, ପ୍ଲଟ୍ ନଂ.: ୨୨୭୬, କ୍ଷେତ୍ର: ଏକର ୦.୦୯୪ ଡିସିମିଲି, ତହସିଲ: ସମ୍ବଲପୁର ନଂ.: ୨୩୯, ଥାନା: ସମ୍ବଲପୁର ନଂ.: ୧୨, ଜିଲ୍ଲା: ସମ୍ବଲପୁର | କ) ୨୨.୦୭.୨୦୧୫<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୫୪,୭୫,୦୩୦/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୧୫.୦୧.୨୦୧୬<br>ଘ) ସାଙ୍କେତିକ | କ)ଟ.୪୫,୦୦,୦୦୦/-<br>ଖ) ଟ.୪,୫୦,୦୦୦/-<br>ଗ) ଟ . ୨୫,୦୦୦/- | ୧୦.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |

ଇ-ନିଲାମ ତାରିଖ ଏବଂ ସମୟ : ୨୭.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା
ଅମାନତ ରାଶି ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୪.୦୧.୨୦୨୫, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା
ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ୨୩.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା

| | | | | | |
|---|---|---|---|---|---|
| ୩. | ସୁନ୍ଦରଗଡ ଶାଖା (୧୪୯୮୧୦) / ରଣଗ୍ରହୀତାମାନେ: ୧) ଶ୍ରୀମତୀ କଳ୍ପନା ଦେଓ, ସ୍ୱାମୀ: ଶ୍ରୀ ଦୁଷ୍ମନ୍ତ ପ୍ରତାପ ଦେଓ, ୨) ଶ୍ରୀ ଦୁଷ୍ମନ୍ତ ପ୍ରତାପ ଦେଓ, ପିତା: ଲାଲା ବଶ୍ୱମ୍ଭର ଦେଓ, ଉଭୟଙ୍କ ଠିକଣା ସା: ହାଉସ୍ ନଂ.: ୦୯୪, ଆଦର୍ଶ ନଗର, ରାଉରକେଲା ରୋଡ, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୦୧ | କଳ୍ପନା ଦେଓ, ସ୍ୱାମୀ: ଶ୍ରୀ ଦୁଷ୍ମନ୍ତ ପ୍ରତାପ ଦେଓଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୫/୯୨୪, ପ୍ଲଟ୍ ନଂ.: ୪/୨୭୩୮, କ୍ଷେତ୍ର: ଏକର୦.୧୬୦ ଡିସିମିଲି, ମୌଜା: ପତ୍ରପାଲି, ଜିଲ୍ଲା: ସୁନ୍ଦରଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୫, ପଶ୍ଚିମ: ପ୍ଲଟ୍ ନଂ.: ୫, ଉତ୍ତର: ପ୍ଲଟ୍ ନଂ.: ୫, ଦକ୍ଷିଣ: ରାସ୍ତା | କ) ୨୨.୦୮.୨୦୨୪<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୪୨,୭୦,୮୧୦.୮୧ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୨୯.୧୦.୨୦୨୪<br>ଘ) ସାଙ୍କେତିକ | କ)ଟ.୧,୮୦,୦୦,୦୦୦/-<br>ଖ)ଟ.୧୮,୦୦,୦୦୦/-<br>ଗ) ଟ.୧,୦୦,୦୦୦/- | ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୪. | ବରଗଡ଼ ଶାଖା (୪୦୨୦୦୦) / ରଣଗ୍ରହୀତା: ମା ନଥାଲଡାଇ ଫୁଏଲ୍ସ, ସ୍ୱତ୍ତ୍ୱାଧିକାରୀ: ସବିତା ପଟେଲ / ଗ୍ୟାରେଣ୍ଟିଦାତାମାନେ: ୧) ସବିତା ପଟେଲ, ସ୍ୱାମୀ: ଶ୍ରୀ ଅନିଲ କୁମାର ପଟେଲ, ରୋହିତ କୁମାର ପଟେଲ, ପିତା: ଆଶାରାମ ପଟେଲ, ସମସ୍ତଙ୍କ ଠିକଣା- ସା: ଚିଟୋଲି, ଖଇରପାଲି, ପୋ: ଭୁକ୍ତା, ଥାନା: ଅମ୍ବାଭୋନା, ବରଗଡ଼-୭୬୮୦୪୫, ଓଡିଶା | ସବିତା ପଟେଲ, ସ୍ୱାମୀ: ଶ୍ରୀ ଅନିଲ କୁମାର ପଟେଲଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୭/୨୬୨, ପ୍ଲଟ୍ ନଂ.: ୪୨୧(ଅଂଶ), କ୍ଷେତ୍ର: ଏକର୦.୭୪୦ ଡିସିମିଲି, ମୌଜା: ରୁଚିଦା, ଥାନା/ତହସିଲ: ଅମ୍ବାଭୋନା, ଜିଲ୍ଲା: ବରଗଡ଼ | କ) ୦୧.୦୯.୨୦୨୩<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୩୨,୫୮,୦୯୯.୬୩ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୦୮.୦୧.୨୦୨୪<br>ଘ) ସାଙ୍କେତିକ | କ)ଟ.୬୦,୦୦,୦୦୦/-<br>ଖ) ଟ.୬,୦୦,୦୦୦/-<br>ଗ) ଟ.୫୦,୦୦୦/- | ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୫. | ବିନିକା ଶାଖା (୭୪୨୪୦୦) / ରଣଗ୍ରହୀତା: ସଞ୍ଜିବ କୁମାର ପଧାନ, ପିତା: ଗୋବିନ୍ଦ ଚନ୍ଦ୍ର ପଧାନ, ଗ୍ରାମ: ଶଙ୍କରା, ପୋ: ଶଙ୍କରା, ଥାନା: ବିନିକା, ଜିଲ୍ଲା: ସୁବର୍ଣ୍ଣପୁର - ୭୬୭୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଧାନ, ପିତା: ମୁରଲୀଧର ପଧାନ, ସା/ପୋ: ଶଙ୍କରା, ଥାନା: ବିନିକା, ଜିଲ୍ଲା: ସୋନପୁର, ଓଡ଼ିଶା - ୭୬୭୦୧୯, ୨) ମିସ୍ ରାସେଶ୍ୱରୀ ବିଶ୍ୱାଳ, ପିତା: ଟେରା ବିଶ୍ୱାଳ, ସା/ପୋ: ଶଙ୍କରା, ଥାନା: ବିନିକା, ଜିଲ୍ଲା: ସୋନପୁର, ଓଡ଼ିଶା - ୭୬୭୦୧୯, ୩) ଶ୍ରୀମତୀ ଜ୍ୟୋସ୍ନାମୟୀ ପଧାନ, ସ୍ୱାମୀ: ସଞ୍ଜିବ କୁମାର ପଧାନ, ସା/ପୋ: ଶଙ୍କରା, ଥାନା: ବିନିକା, ଜିଲ୍ଲା: ସୁବର୍ଣ୍ଣପୁର - ୭୬୭୦୧୯ | ସଞ୍ଜିବ କୁମାର ପଧାନ, ପିତା: ଗୋବିନ୍ଦ ଚନ୍ଦ୍ର ପଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୫୪/୪୧୩, ପ୍ଲଟ୍ ନଂ.: ୭୨୬/୨୨୧୯, କ୍ଷେତ୍ର: ଏକର ୦.୦୦୫ ଡିସିମିଲି ମୌଜା: ଶଙ୍କରା, ତହସିଲ: ବିନିକା, ଥାନା: ବିନିକା, ଜିଲ୍ଲା: ସୁବର୍ଣ୍ଣପୁର | କ) ୦୭.୦୫.୨୦୨୪<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୨୧,୮୨,୫୭୨.୭୫ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୨୮.୦୮.୨୦୨୪<br>ଘ) ସାଙ୍କେତିକ | କ) ଟ.୧,୨୪,୦୦୦/-<br>ଖ) ଟ.୧୨,୪୦୦/-<br>ଗ) ଟ.୧୦,୦୦୦/- | ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୬. | ରାଉରକେଲା ଶାଖା ୦୪୧୦୦୦) / ରଣଗ୍ରହୀତା: ମେସର୍ସ ଜେ ଏମ୍ ଏଣ୍ଟରପ୍ରାଇଜେସ୍,ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଲୀଳାବତୀ ମୁଣ୍ଡାରି, ସ୍ୱାମୀ: ଛଇଳ ମୁଣ୍ଡାରି, ସା: ଅଙ୍କୁରପାଲି, ପୋ: କରମାବାହାଲ, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୨ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶଶୀଭୂଷଣ ସାହୁ, ପିତା: ପଦ୍ମଲୋଚନ ସାହୁ, ସା: ବରାଇଗଡା, ପୋ: କନ୍ଦରକଳା, ଜିଲ୍ଲା: ସୁନ୍ଦରଗଡ-୭୭୦୦୩୫ ଏବଂ ସା: ଅଙ୍କୁରପାଲି, ପୋ: କରମାବାହାଲ, ବିରମିତ୍ରପୁର, ଜିଲ୍ଲା: ସୁନ୍ଦରଗଡ-୭୭୦୦୩୩, ୨) ସାଇ କୁମାର ଖେସ୍, ପିତା: ୰ ବିରଦା ଖେସ୍, ସା: ଲହଣ୍ଡା, କେମଙ୍ଗ, ସୁନ୍ଦରଗଡ-୭୬୯୦୪୨, ୩) ଜଗଦୀଶ ମୁଣ୍ଡାରି, ପିତା: ଛଇଳ ମୁଣ୍ଡାରି, ବାସସ୍ଥାନ ଠିକଣା- ଲକ୍ଷୋଇ, ଥାନା: ବିଶ୍ରା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୨, ୪) ଛଇଳ ମୁଣ୍ଡାରି, ବାସସ୍ଥାନ ଠିକଣା- ଲକ୍ଷୋଇ, ଥାନା: ବିଶ୍ରା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୨ | ଶଶୀଭୂଷଣ ସାହୁ, ପିତା: ପଦ୍ମଲୋଚନ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୨/୮୯, ପ୍ଲଟ୍ ନଂ.: ୧୬୦/୭୯୧, କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା/ଗ୍ରାମ: ବରାଇଗଡା, ଥାନା: ହାତିବାରୀ, ଜିଲ୍ଲା: ସୁନ୍ଦରଗଡ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବ୍ରଜ ମୋହନ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ଚନ୍ଦ୍ରମଣୀ ସାହୁଙ୍କ ଜମି, ପଶ୍ଚିମ: ସୁରେନ୍ଦ୍ର ସାହୁଙ୍କ ଜମି | କ) ୨୫.୦୪.୨୦୨୪<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୮,୬୨,୦୮୮.୯୭ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୧୧.୦୯.୨୦୨୪<br>ଘ) ସାଙ୍କେତିକ | କ)ଟ.୨୬,୦୦,୦୦୦/-<br>ଖ)ଟ.୨,୬୦,୦୦୦/-<br>ଗ) ଟ.୨୫,୦୦୦/- | ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୭. | ଲାଇକେରା ଶାଖା (୨୦୬୨୦୦) / ରଣଗ୍ରହୀତାମାନେ: ୧) ଶ୍ରୀ ସଚ୍ଚିଦାନନ୍ଦ ସରାଫ୍, ପିତା: ପ୍ରଫୁଲ୍ଲ ସରାଫ୍, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫, ୨) ଶ୍ରୀ ଶ୍ରୀମନ୍ତ ସରାଫ୍, ପିତା: ସଚ୍ଚିଦାନନ୍ଦ ସରାଫ୍, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ | ଶ୍ରୀ ସଚ୍ଚିଦାନନ୍ଦ ସରାଫ, ପିତା: ପ୍ରଫୁଲ୍ଲ ସରାଫଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୦୭/୫୧୪, ପ୍ଲଟ୍ ନଂ.: ୯୭୭/୩୫୯୧, କ୍ଷେତ୍ର: ଏକର ୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୭୭/୩୫୯୨, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ମୌଜା: ଲାଇକେରା, ଥାନା: ଲାଇକେରା, ତହସିଲ: ଲାଇକେରା, ଜିଲ୍ଲା: ଝାରସୁଗୁଡା | କ) ୧୪.୦୬.୨୦୨୪<br>ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୬,୬୪,୧୭୮.୧୪ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ<br>ଗ) ୨୭.୦୮.୨୦୨୪<br>ଘ) ସାଙ୍କେତିକ | କ) ଟ.୬,୧୭,୦୦୦/-<br>ଖ) ଟ.୬୧,୭୦୦/-<br>ଗ) ଟ.୧୦,୦୦୦/- | ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |

ସୁରକ୍ଷିତ ରଣଦାତାଙ୍କୁ ଜଣାଥିବା ଉପରଲିଖିତ ସମସ୍ତ ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ : ଜ୍ଞାତ ନାହିଁ

ନିୟମ ଓ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।୧) ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ ହୋଇଅଛି, କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବ୍ୟାଖ୍ୟା ନିମନ୍ତେ ଦାୟୀ ନୁହନ୍ତି। ୩) କ୍ଷମତାପ୍ରାପ୍ତ ଅଧିକାରୀ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍ https://baanknet.com ଜରିଆରେ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ସମୟ ଅନୁଯାୟୀ ତା.୧୦.୦୧.୨୦୨୫ ଏବଂ ୨୭.୦୧.୨୦୨୫ରିଖରେ ଏହି ବିକ୍ରୟ ଅନୁଷ୍ଠିତ ହେବ। ୫) ପ୍ରଯୁଜ୍ୟ ଜିଏସ୍‌ଟି ଅତିରିକ୍ତ । ୬) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବସାଇଟ୍ https://baanknet.com ଏବଂ www.pnbindia.in ଦେଖନ୍ତୁ।

ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୯(୧) / ୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।

ସ୍ଥାନ: ସମ୍ବଲପୁର, ତାରିଖ : ୨୪.୧୨.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ଥିବା ଭିଜିଟିଂ ଅଫିସର ଫ୍ଲାଟ (ଭିଓଏଫ)ର ନବୀକରଣ (ସିଭିଲ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଜାନୁଆରୀ ୧୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର


ଦିନ କେଇଟା ପରେ କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯିବ ୨୦୨୪। ଆଲୋଚ୍ୟ ବର୍ଷରେ ବିଶ୍ୱର ୯୨ଟି ଦେଶରେ ଯୁଦ୍ଧ ଓ ସଂଘର୍ଷ ମଣିଷ ଜାତି ପାଇଁ ଆଣିଥିଲା ଅନେକ ଆହ୍ୱାନ। ୨୦୨୨ ଫେବୃଆରୀ ୨୪ରୁ ଲାଗିରହିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୨୦୨୪ରେ ନୂଆ ମୋଡ଼ ନେଇ ଧ୍ୱଂସର ଲୀଳା ରଚିଥିବାବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ଘନ ଘନ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଏକ ଲମ୍ବା ଯୁଦ୍ଧକୁ ଜନ୍ମ ଦେଇଥିଲା। ୟୁକ୍ରେନ୍ ଉପରେ ରୁଷିଆର ତୁହାକୁ ତୁହା ମିଶାଇଲ ମାଡ଼ ଯୋଗୁ ବହୁ ଲୋକ ପ୍ରାଣ ହରାଇବା ସହ ଅନେକ ନିୟୁତ ବିସ୍ଥାପିତ ହେବା ଯୋଗୁ ମାନବୀୟ ସଙ୍କଟ ସୃଷ୍ଟି ହୋଇଥିଲା। ସେହିପରି ୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ କରିଥିବା ଆକ୍ରମଣର ଜବାବ ଦେବାକୁ ଯାଇ ଜେରୁଜେଲମ୍ ଯୁଦ୍ଧର ପରିସରକୁ ବଢ଼ାଇ ଦେଇଥିଲା। ଇସ୍ରାଏଲ୍ ସୀମାନ୍ତ ଲେବାନନ୍ ଏବଂ ସିରିଆରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସୈନ୍ୟ ଲଢ଼େଇ କରୁଥିବାବେଳେ ଇରାନ ସମର୍ଥିତ ହେଜବୋଲ୍ଲା ଏବଂ ହୁଟି ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା। ବିଦାୟୀ ବର୍ଷରେ ବିଶ୍ୱବ୍ୟାପୀ ୫୯ଟି ସଂଘର୍ଷ ଦେଖିବାକୁ ମିଳିଥିଲା, ଯାହାକି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସର୍ବାଧିକ। ଏହି ସଂଘର୍ଷଗୁଡ଼ିକରେ ଆମେରିକା ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସମେତ ବିଦେଶୀ ସାମରିକ ଶକ୍ତିଗୁଡ଼ିକ ମୁଣ୍ଡ ପୂରାଇବାରୁ ଏହା ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମିତ ନ ରହି ବ୍ୟାପକ ହେବାରେ ଲାଗିଛି। ଅନ୍ତର୍ଜାତୀୟ କୂଟନୈତିକ ହସ୍ତକ୍ଷେପ ମାନବୀୟ ସଙ୍କଟ ଦୂରକରିବାରେ ସକ୍ଷମ ନ ହେବା ବିଶ୍ୱ ପାଇଁ ଚିନ୍ତା ବୃଦ୍ଧିର କାରଣ ହୋଇଛି।



# ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ




୨୦୨୪ ବର୍ଷ ସାରା ମଧ୍ୟପ୍ରାଚ୍ୟ ଆକାଶକୁ ଆଚ୍ଛାଦିତ କରି ରଖିଥିଲା ଯୁଦ୍ଧର ଘନଘଟା। ହମାସ୍, ହେଜବୋଲ୍ଲା ଏବଂ ହୁଟିର ଗତିବିଧି ଆଞ୍ଚଳିକ କ୍ଷେତ୍ରରେ ସାମରିକ ଉତ୍ତେଜନା ବୃଦ୍ଧିର କାରଣ ସାଜିଥିଲା। ୨୦୨୩ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧ ଅନେକ ହଜାର ଗାଜାବାସୀଙ୍କ ଜୀବନ ନେଇଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆତଙ୍କବାଦୀମାନଙ୍କୁ ସମୂଳେ ନିପାତ ପାଇଁ ପଣ କରିବା ସହ ଗାଜା ଷ୍ଟ୍ରିପ୍‌ର ଅନେକ ଭାଗକୁ ନିଜ ସୈନ୍ୟଙ୍କୁ ପ୍ରେରଣ କରିଥିଲେ। ସ୍ଥଳଭାଗରେ ତୋପ କମାଣରେ ସୈନ୍ୟ ଆକ୍ରମଣ ଜାରି ରଖିଥିବାବେଳେ ଆକାଶମାର୍ଗରୁ ଯୁଦ୍ଧବିମାନ ଜରିଆରେ ବୋମା ବର୍ଷଣ ଏହି ଭୂଖଣ୍ଡକୁ ବସ୍ତୁତଃ ଏକ ଧ୍ୱଂସସ୍ତୂପରେ ପରିଣତ କରିଥିଲା। ଏପରି ସ୍ଥିତି ଉପୁଜିଥିଲା ଯେ, ଗାଜାବାସୀଙ୍କୁ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ମାନବୀୟ ସହାୟତା ପଠାଇବା କାଠିକର ପାଠ ହୋଇଯାଇଥିଲା। ଇଜିପ୍ଟ ସୀମାନ୍ତ ରାଫାହ ରାସ୍ତା ଉପରେ ଖାଦ୍ୟ, ଔଷଧ ଓ ଅନ୍ୟ ଜରୁରୀ ସାମଗ୍ରୀ ବୋଝେଇ ଟ୍ରକ୍‌ଗୁଡ଼ିକର ଲମ୍ବା ଲାଇନ୍ ଲାଗିଥିଲା। ସେପ୍ଟେମ୍ବର ଆଡ଼କୁ ଇସ୍ରାଏଲୀ ଗୁପ୍ତଚର ସଂସ୍ଥା ମୋସାଦ ପ୍ରାୟୋଜିତ ପେଜର ବିସ୍ଫୋରଣରେ ହେଜ୍‌ବୋଲ୍ଲାର ଅନେକ ଫାଇଟର ନିହତ ହୋଇଥିଲେ। ୱାକିଟକି, ରେଡିଓ ଭଳି ଯୋଗାଯୋଗ ଉପକରଣଗୁଡ଼ିକ ଫୁଟିବାରେ ଲାଗିଥିବାବେଳେ ଇସ୍ରାଏଲୀ ସୈନ୍ୟ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସରୁଲ୍ଲାଙ୍କ ସୁରକ୍ଷା ଭେଦ କରି ଠାବ କରିବାରେ ସକ୍ଷମ ହୋଇଥିଲେ। ଏୟାରଷ୍ଟ୍ରାଇକ୍‌ରେ ନସରୁଲ୍ଲା ନିହତ ହେବା ପରେ ହେଜ୍‌ବୋଲ୍ଲାର ମେରୁଦଣ୍ଡ ଭାଙ୍ଗିଯାଇଥିଲା।


ୟେମେନ୍‌ରେ ମଧ୍ୟ ଇରାନ ସମର୍ଥିତ ହୁଟି ଆତଙ୍କବାଦୀ ଇସ୍ରାଏଲୀ ଆକ୍ରମଣରୁ ବର୍ତ୍ତିପାରି ନ ଥିଲେ। ହୁଟି ଲୋହିତ ସାଗର ଦେଇ ଯାତାୟାତ କରୁଥିବା ବିଭିନ୍ନ ଦେଶର ପରିବହନ ଜାହାଜଗୁଡ଼ିକୁ ଆକ୍ରମଣ କରୁଥିବାବେଳେ ଇସ୍ରାଏଲ୍ ଆମେରିକା ସହାୟତାରେ ବନ୍ଦର ସହର ଏଡେନ୍‌ରୁ ଅନେକ ଥର ଟାର୍ଗେଟ କରିଥିଲା। ଏପରିକି ଆମେରିକା ନୌସେନା ସମ୍ପୃକ୍ତ କ୍ଷେତ୍ରକୁ ଯୁଦ୍ଧଜାହାଜ ପଠାଇ ଆତଙ୍କବାଦୀଙ୍କୁ ଦମନ ପାଇଁ ଅଭିଯାନ ଚଳାଇଥିଲା। ଜଳପଥରେ ସାମରିକ ଉତ୍ତେଜନାର ପ୍ରଭାବ ବିଶ୍ୱର ଅନେକ ବଜାର ଉପରେ ପଡ଼ିଥିଲା। ଅଶୋଧିତ ତୈଳ ଦର ବୃଦ୍ଧି ପାଇଁ ଏହାକୁ ଅନ୍ୟତମ କାରଣ ଭାବେ ଦେଖାଯାଉଛି। ଏସବୁ ଭିତରେ ଜୁଲାଇରେ ହମାସ୍‌ର ଶୀର୍ଷ ନେତା ଇସ୍‌ମାଇଲ ହାନିୟେ ଏବଂ ଅକ୍ଟୋବରରେ ତାଙ୍କ ଉତ୍ତରାଧିକାରୀ ୟେହୟା ସିନ୍‌ୱାରଙ୍କୁ ହତ୍ୟା କରି ଇସ୍ରାଏଲ୍ ସନ୍ଦେଶ ଦେଇଥିଲା, ଆଉ ଆତଙ୍କବାଦ ଚାଲିବ ନାହିଁ। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମ୍‌ନେଇ ଇସ୍ରାଏଲ୍ ବିରୋଧରେ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିବାବେଳେ ନେତାନ୍ୟାହୁଙ୍କ ରଣନୀତି ତାଙ୍କ ସାମରିକ ଶକ୍ତିକୁ ଦୁର୍ବଳ କରିଦେଇଥିଲା।

## ରୁଷିଆ ନଇଁଲା, ୟୁକ୍ରେନ୍‌ର ବଳ ବୃଦ୍ଧି

ପୂର୍ବ ୟୁକ୍ରେନ୍‌ର ଡୋନେକ୍ସ ଓ ଲୁହାନସ୍କ ଅଞ୍ଚଳରେ ରୁଷୀୟ ସୈନ୍ୟ ଆକ୍ରମଣକୁ ତୀବ୍ରତର କରିବା ପରେ ଯୁଦ୍ଧ ସଙ୍କଟ ଆହୁରି ଘନେଇଥିଲା। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ରୁଷିଆ ଆକାଶମାର୍ଗରୁ ଆକ୍ରମଣ ଜାରି ରଖିଥିବାବେଳେ ୟୁକ୍ରେନୀୟ ବଳ ଆମେରିକାଠାରୁ ମିଳିଥିବା ଏଫ୍-୧୬ ଯୁଦ୍ଧବିମାନ ଜରିଆରେ ମସ୍କୋକୁ ଜବାବ ଦେବାକୁ ପଛାଇ ନ ଥିଲା। ଆଲୋଚ୍ୟ ବର୍ଷରେ ଯୁଦ୍ଧକୁ ଆଗକୁ ବଢ଼ାଇ ନେବାରେ ଅଧିକ ସହାୟକ ହୋଇଥିଲା ରଣନୈତିକ ଅସ୍ତ୍ରଶସ୍ତ୍ର। ଯୁଦ୍ଧ ୩ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାବେଳେ ବିଦେଶୀ କଟକଣାଗୁଡ଼ିକର ସମ୍ମୁଖୀନ ହୋଇଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶ ଭିତରୁ ଓ ବାହାରୁ ଚାପର ସମ୍ମୁଖୀନ ହୋଇ ସନ୍ଧିର ସଙ୍କେତ ଦେଇଥିଲେ। କିନ୍ତୁ ଡିସେମ୍ବର ୨୧ରେ ୟୁକ୍ରେନ୍ ରୁଷିଆର କାଜାନ ସହରରେ ୯/୧୧ ଶୈଳରେ ୨ଟି ସୁଉଚ୍ଚ ଅଟ୍ଟାଳିକାକୁ ଡ୍ରୋନ୍ ଆକ୍ରମଣ କରିଥିଲା। ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି କହୁଥିବାବେଳେ କିଭ୍‌ର ସଦ୍ୟ ଡ୍ରୋନ୍ ଆକ୍ରମଣ ଏହାକୁ ଭବିଷ୍ୟତ ପାଇଁ ଲମ୍ବାଇ ଦେଇଥିଲା। ଆଲୋଚ୍ୟ ବର୍ଷରେ ଉଭୟ ପକ୍ଷ ପରସ୍ପରକୁ ଉନ୍ନତ ଯୁଦ୍ଧାସ୍ତ୍ରରେ ଆକ୍ରମଣ କରିବା ଯୋଗୁ ମୃତାହତଙ୍କ ସଂଖ୍ୟା ବହୁଗୁଣିତ ହୋଇଥିଲା। ଅନ୍ତର୍ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ରୁଷିଆର ମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମୃତାହତ ହୋଇଥିବାବେଳେ ୟୁକ୍ରେନ୍‌ର ୮୦ ହଜାର ସୈନ୍ୟ ନିହତ ଓ ୪ ଲକ୍ଷ ଆହତ ହୋଇଛନ୍ତି। ଆଉ କେତେଜଣ ପର୍ଯ୍ୟବେକ୍ଷକଙ୍କ ମତରେ ଉଭୟ ରୁଷିଆ ଓ ୟୁକ୍ରେନ୍‌ର ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ।



## ସୁଦାନ ସଂଘର୍ଷରେ ୭ ହଜାର ମୃତ



୨୦୨୩ ଏପ୍ରିଲରେ ଆରମ୍ଭ ହୋଇଥିବା ସୁଦାନ ସଂଘର୍ଷ ବିଦାୟୀ ବର୍ଷରେ ଉଗ୍ର ରୂପ ଧାରଣ କରିଥିଲା। ଜେନେରାଲ ଅବଦେଲ ଫତହ ଅଲ୍-ବୁର୍‌ହାନଙ୍କ ନେତୃତ୍ୱରେ ସୁଦାନିଜ୍ ଆର୍ମି ଫୋର୍ସେସ୍ (ଏସ୍‌ଏଏଫ୍) ଏବଂ ଜେନେରାଲ ମହମ୍ମଦ ହମ୍‌ଦାନ ଦଗାଲୋଙ୍କ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆର୍‌ଏସ୍‌ଏଫ୍) ପରସ୍ପରକୁ ଆକ୍ରମଣ କରିବାରୁ ସାମରିକ ଉତ୍ତେଜନା ବୃଦ୍ଧି ପାଇବା ସହ ଏହି ଆଫ୍ରିକୀୟ ଦେଶରେ ବିସ୍ଥାପନ, କ୍ଷୁଧା ଓ ହିଂସା ବ୍ୟାପକ ହୋଇଥିଲା। ୮୧ ଲକ୍ଷ ଲୋକ ସଂଘର୍ଷ ଯୋଗୁ ବିସ୍ଥାପିତ ହୋଇଥିବାବେଳେ ଅତିରିକ୍ତ ୩୦ ଲକ୍ଷ ପଡୋଶୀ ଦେଶଗୁଡ଼ିକରେ ଆଶ୍ରୟ ନେଇଥିଲେ। ସୁଦାନ ଜନସଂଖ୍ୟାର ଅର୍ଦ୍ଧାଧିକ ଅର୍ଥାତ୍ ୨୫.୬ ନିୟୁତ ମାନବୀୟ ସହାୟତାକୁ ଅପେକ୍ଷା କରିଥିବାବେଳେ ୭.୫୦ ଲକ୍ଷ ଲୋକ କ୍ଷୁଧାରେ ଜର୍ଜରିତ ହୋଇଥିଲେ। ସଂଘର୍ଷରେ ବର୍ଷକ ମଧ୍ୟରେ ୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଅନେକ ଦଶନ୍ଧି ଧରି ଗୃହଯୁଦ୍ଧ ଲାଗିରହିଥିବାବେଳେ ୨୦୨୪ରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ମଧ୍ୟ ସ୍ଥିତିରେ ସୁଧାର ଆଣିପାରି ନଥିଲା।

## ଥରାଇଦେଲେ ସିରିଆ ବିଦ୍ରୋହୀ

## ରୁଷିଆ ପଳାଇଲେ ଅସାଦ




ବିଦାୟୀ ବର୍ଷର ଶେଷ ଆଡ଼କୁ ସିରିଆରେ ଇସ୍‌ଲାମୀୟ ବିଦ୍ରୋହୀଙ୍କ ଶକ୍ତି ବୃଦ୍ଧି ଘଟିଥିଲା। ଅଲ୍-କାଏଦା ସହ ଅନୁବନ୍ଧିତ ହୟାତ୍ ତହରିର୍ ଅଲ୍- ସାମ୍ (ଏଚ୍‌ଟିଏସ୍) ନେତା ଅବୁ ମହମ୍ମଦ ଅଲ୍-ଜୁଲାନିଙ୍କ ନେତୃତ୍ୱରେ ଅନେକ ହଜାର ବିଦ୍ରୋହୀ ଦେଶର ଗୋଟିଏ ପରେ ଗୋଟିଏ ବୃହତ୍ ସହର ଏବଂ ଶେଷରେ ରାଜଧାନୀ ଡମାସ୍‌କସ୍‌କୁ ଦଖଲ କରିବା ପରେ ରାଷ୍ଟ୍ରପତି ବଶର ଅଲ୍-ଅସାଦ କ୍ଷମତାଚ୍ୟୁତ ହୋଇଥିଲେ। ସେ ଏକ ସ୍ୱତନ୍ତ୍ର ବିମାନରେ ରୁଷିଆକୁ ପଳାୟନ କରି ସେଠାକାର ଭ୍ଲାଡିମିର ପୁଟିନ୍ ସରକାରଙ୍କୁ ରାଜନୈତିକ ଶରଣ ମାଗିଥିଲେ। ୨୦୧୧ରେ ବଶରଙ୍କ ଶାସନ ବିରୋଧରେ ମୁଣ୍ଡ ଟେକିଥିବା ଗୃହଯୁଦ୍ଧର ଏହା ଥିଲା ଚରମ ପରିଣତି। ଏହି ଗୃହଯୁଦ୍ଧରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୭ ନିୟୁତ ବିସ୍ଥାପିତ ହୋଇ ଅନ୍ୟତ୍ର ଶରଣାର୍ଥୀ ଭାବେ ଜୀବନଯାପନ କରୁଥିଲେ। ଶେଷରେ ସଶସ୍ତ୍ର ବିଦ୍ରୋହୀଙ୍କ ଚ୍ୟାଲେଞ୍ଜ ରାଷ୍ଟ୍ରପତି ବଶରଙ୍କୁ ଶରଣାର୍ଥୀ ସଜାଇଦେଲା। ଅନ୍ୟପକ୍ଷେ ଗାଜା, ୟେମେନ୍, ଇରାନ ଓ ଲେବାନନ୍ ସହ ଲଢ଼େଇ କରୁଥିବା ଇସ୍ରାଏଲ୍ ନିଜ ସୀମା ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିଥିଲା। ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ସିରିଆ ଉପରେ ଆକ୍ରମଣ କରି ବଫର ଜୋନ୍‌କୁ ଦଖଲ କରିଛି। ବର୍ଷ ଶେଷ ପର୍ଯ୍ୟନ୍ତ ଆଇଡିଏଫ୍‌ର ଏହି ସାମରିକ ଅଭିଯାନ ଜାରି ରହିଥିଲା।

## ଫ୍ରାନ୍ସରେ ଆନ୍ଦୋଳନ

୨୦୨୪ରେ ଫ୍ରାନ୍ସ ଦେଖିଥିଲା ଅନେକ ବିକ୍ଷୋଭ ଓ ସଂଘର୍ଷ। ଜୁଲାଇରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବାମପନ୍ଥୀଙ୍କ ବିଜୟ ପରେ ରାଜଧାନୀ ପ୍ୟାରିସ୍ ସମେତ ଦେଶବ୍ୟାପୀ ମୁଣ୍ଡ ଟେକିଥିଲା ଆନ୍ଦୋଳନ। ଏଥିଯୋଗୁ ପୋଲିସ ଓ ଦଙ୍ଗାକାରୀ ମୁହାଁମୁହିଁ ହୋଇଥିଲେ। ମେ' ମାସରେ ଛାତ୍ରୀଛାତ୍ରମାନେ ଇସ୍ରାଏଲ୍‌ର ଗାଜା ଆକ୍ରମଣ ପ୍ରତିବାଦରେ ସାଇନ୍ସ ପୋ ୟୁନିଭର୍ସିଟିରେ ପ୍ରବେଶ କରିବାରୁ ଅନୁରୂପ ସ୍ଥିତି ଉପୁଜିଥିଲା। ସେହିପରି ଦେଶରେ ବଢୁଥିବା ମହିଳା ବିରୋଧୀ ହିଂସା ପ୍ରତିବାଦରେ ନଭେମ୍ବରରେ ୪୦୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ପେନ୍‌ସନ ସଂସ୍କାର ଯୋଜନାକୁ ବିରୋଧ କରି ଲୋକେ ରାସ୍ତାକୁ ଓହ୍ଲାଇବାକୁ ସଂଘର୍ଷ ଘଟିଥିଲା।




## ମ୍ୟାନ୍‌ମାର ସାମରିକ ଶାସକ ପ୍ରତିରୋଧର ସମ୍ମୁଖୀନ

୨୦୨୪ରେ ପଡୋଶୀ ମ୍ୟାନ୍‌ମାରର ସାମରିକ ଶାସକଙ୍କୁ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୧ରେ ନିର୍ବାଚିତ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କୁ କ୍ଷମତାଚ୍ୟୁତ କରି ଶାସନ ଭାର ହାତକୁ ନେଇଥିବା ଜେନେରାଲମାନେ ଦେଶବ୍ୟାପୀ କର୍ତ୍ତୃତ୍ୱ ଜାହିର କରିପାରିନଥିଲେ। ଅନେକ ରାଜ୍ୟରେ ସେମାନଙ୍କ କ୍ଷମତା ନିୟନ୍ତ୍ରଣ ଉଦ୍ୟମକୁ ଭଣ୍ଡୁର କରିଥିଲେ ସଶସ୍ତ୍ର ପ୍ରତିରୋଧୀ ଗୋଷ୍ଠୀ। ନ୍ୟାୟ ବହିର୍ଭୁତ ହତ୍ୟା, ନିର୍ଯାତନା ଏବଂ ନାଗରିକଙ୍କ ଉପରେ ଏୟାରଷ୍ଟ୍ରାଇକ୍ ଭଳି ମାନବାଧିକାର ଉଲ୍ଲଂଘନ ଯୋଗୁ ଦେଶରେ ରାଜନୈତିକ ଓ ମାନବୀୟ ସଙ୍କଟ ଉପୁଜିଥିଲା। ବିରୋଧୀ ପକ୍ଷଙ୍କ ସହ ଆଲୋଚନା ପାଇଁ ଜୁଣ୍ଟା ମନା କରିଦେବାରୁ ସମାଧାନର ବାଟ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଥିଲା। ପୂର୍ବରୁ ଗୃହଯୁଦ୍ଧ, ଜାତିଆଣ ସଂଘର୍ଷ, ରୋହିଙ୍ଗ୍ୟା ସଙ୍କଟ ଆଦି ଦେଇ ଗତି କରୁଥିବା ମ୍ୟାନ୍‌ମାରକୁ ଚାଇନା ଓ ରୁଷିଆ ସହାୟତାର ହାତ ବଢ଼ାଇଥିବାବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା।




## ହାସିନା ସରକାରଙ୍କ ପତନ, ହିନ୍ଦୁଙ୍କୁ ଆକ୍ରମଣ

ବାଂଲାଦେଶ ମୁକ୍ତି ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କ ପାଇଁ ସରକାରୀ ନିଯୁକ୍ତିରେ ସଂରକ୍ଷଣ ଦେବାକୁ ଯାଇ ୨୦୨୪ ଅଗଷ୍ଟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ବିବାଦୀୟ ହୋଇଥିଲେ। ତାଙ୍କ ଏହି ଉଦ୍ୟମରୁ ଶାସକ ଆୱାମି ଲିଗ୍ ସଦସ୍ୟ ଲାଭାନ୍ୱିତ ହେବେ କହି ଲୋକେ ବିଶେଷକରି ଛାତ୍ରୀଛାତ୍ର ଏହା ବିରୋଧରେ ଆନ୍ଦୋଳନ କରିଥିଲେ। ଶେଷରେ ହାସିନାଙ୍କୁ ଦେଶ ଛାଡ଼ି ଭାରତକୁ ପଳାୟନ କରିବାକୁ ପଡ଼ିଲା। ସେପଟେ ନୋବେଲ ପୁରସ୍କାରପ୍ରାପ୍ତ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ କରାଗଲା। ରାଜନୈତିକ ଓ ଆର୍ଥିକ ଅସ୍ଥିରତା ମଧ୍ୟରେ ବାଂଲାଦେଶୀମାନେ ସେଠାରେ ବସବାସ କରୁଥିବା ସଂଖ୍ୟାଲଘୁ ଭାରତୀୟଙ୍କ ଉପରେ ଲଗାତର ଆକ୍ରମଣ କଲେ। ହିନ୍ଦୁଙ୍କ ଘର ଜାଳିବା ଓ ଦେବଦେବୀଙ୍କ ମନ୍ଦିରରେ ଭଙ୍ଗାରୁଜା ନିତିଦିନିଆ ହୋଇଯାଇଥିଲା, କଲେ, ଯାହାକି ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା। ପୋଲିସ ସହ ସଂଘର୍ଷ ହେବାରୁ ଅନେକ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା।



# ଫାର୍ମାସିଷ୍ଟଙ୍କ ଝୁଲନ୍ତା ମୃତଦେହ ଜବତ

ପାରଳାଖେମୁଣ୍ଡି, ୨୪।୧୨ (ଗିରିଧାରୀ ପରିଛା)

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ କୋଠରିରୁ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବ ଫାର୍ମାସିଷ୍ଟଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଗଞ୍ଜାମ ଜିଲାର ଗଣେଶ ବେହେରା ଓ ସେ ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ କୌଣସି କାରଣରୁ ଗଣେଶ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖଜୁରିପଦା ପୋଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ନଂ.୬/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଜେରା ସରିଲା

## ଭରତପୁର ଥାନା ନିର୍ଯାତନା ଘଟଣା

ଭୁବନେଶ୍ୱର,୨୪।୧୨ (ସତ୍ୟଜିତ୍ ରାଉତ)




ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ଶୁଣାଣି ଚାଲିଛି। ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ଜେରା ପାଇଁ ଗତ ୨୨ରୁ ୨୪ ତାରିଖ ୩ଦିନ ଧାର୍ଯ୍ୟ କରାଯାଇଥିବାବେଳେ ଏହି ସମୟରେ କେବଳ ବାନ୍ଧବୀଙ୍କୁ ଜେରା କରାଯାଇଛି। ରବିବାର ଏବଂ ସୋମବାର ପରେ ମଙ୍ଗଳବାର ମଧ୍ୟ ୭ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରାଯାଇଥିବା କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି। ପୋଲିସ ଅଫିସରଙ୍କ ଓକିଲଙ୍କ ପକ୍ଷରୁ ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଘଟଣା ସମ୍ପର୍କରେ ଏକାଧିକ ପ୍ରଶ୍ନ ପଚରାଯାଇ ତଥ୍ୟ ନିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୮, ୯, ୧୦ ଓ ୧୧ତାରିଖକୁ କମିଶନ ଧାର୍ଯ୍ୟ କରିଛନ୍ତି। ଉକ୍ତଦିନଗୁଡ଼ିକରେ ଆର୍ମି ଅଫିସର ଓ ଘଟଣା ସମ୍ପର୍କରେ ଜାଣିଥିବା ଅନ୍ୟ ଆର୍ମି ଅଫିସରମାନଙ୍କୁ ପୋଲିସ ଅଫିସରଙ୍କ ପକ୍ଷରୁ ଜେରା କରାଯିବ। ଏହାପରେ ଆର୍ମି ଅଫିସର ଓ ବାନ୍ଧବୀଙ୍କ ପକ୍ଷରୁ ଦିଆଯାଇଥିବା ଜେରା ତାଲିକା ଅନୁଯାୟୀ କମିଶନ ଦିନ ଧାର୍ଯ୍ୟ କରିବେ। ଆର୍ମି ଅଫିସର ଓ ବାନ୍ଧବୀଙ୍କ ପକ୍ଷରୁ ସେମାନଙ୍କ ଓକିଲ ପୋଲିସ ଅଫିସରମାନଙ୍କୁ ଜେରା କରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଯାଇଥିଲେ। ହେଲେ ସେଠାରେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

# ଆଳୁ ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା: ୬ ଗିରଫ



ଗିରଫ ୬ ଅଭିଯୁକ୍ତ

ବାଲେଶ୍ୱର,୨୪।୧୨ (ବାଞ୍ଛାନିଧି ଦେ)

## ତେଲେଙ୍ଗା କଟୁରି ସହ ୧ଲକ୍ଷ ୫୫ହଜାର ଜବତ

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ଛକଠାରେ ମାରଣାସ୍ତ୍ର ଦେଖାଇ ଜଣେ ଆଳୁ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଗ୍ୟାଙ୍ଗର ୬ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧ଲକ୍ଷ ୫୫ହଜାର ଟଙ୍କା, ବ୍ୟବହୃତ ତେଲେଙ୍ଗା କଟୁରି, ୩ଟି ବାଇକ୍ ଓ ୬ଟି ମୋବାଇଲ ଜବତ କରାଯାଇଥିବା ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି।

ଶିମୁଳିଆ ଥାନା ଅଧୀନ ମଙ୍ଗଳପୁର ଗ୍ରାମର ଧରଣୀଧର ସାହୁଙ୍କ ବାଲେଶ୍ୱର ସହର ନୂଆବଜାରରେ ଏକ ଆଳୁ, ପିଆଜ, ଅଦା, ରସୁଣ ଗୋଦାମ ଅଛି। ତାଙ୍କ ଗୋଦାମରୁ ନୀଳଗିରି ଓ ରେମୁଣା ଅଞ୍ଚଳର ବହୁ ବ୍ୟବସାୟୀ ଆଳୁ ପିଆଜ ଆଦି କିଣି ବ୍ୟବସାୟ କରିଥାନ୍ତି। ଧରଣୀଧରଙ୍କ ପୁଅ ବିଶ୍ୱରଞ୍ଜନ କାର୍ (ନଂ.-ଓଡ଼ି୦୧ଏମ୍-୭୬୨୬) ଯୋଗେ ଡ୍ରାଇଭର ସାଗର ମଲିକଙ୍କ ସହ ମିତ୍ରପୁର, ନୀଳଗିରି ଓ ରେମୁଣା ଅଞ୍ଚଳର ବ୍ୟବସାୟୀଙ୍କଠାରୁ ଅର୍ଥ ସଂଗ୍ରହ କରି ଫେରୁଥିଲେ। ଅପରାହ୍ନ ୨ଟା ୧୫ମିନିଟ୍‌ରେ ଶେରଗଡ଼ ଛକ ନିକଟସ୍ଥ ୟୁକୋ ବ୍ୟାଙ୍କଠାରେ ୩ଟି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ଆସି ସେମାନଙ୍କ କାର୍‌କୁ ଅଟକାଇଥିଲେ। ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ୧୦ଲକ୍ଷ ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିବା ନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୩୪୨/୨୪) ରୁଜୁ କରିଥିଲା। ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରିଥିଲା। ଏହି ଟିମ୍ ପକ୍ଷରୁ ଚଢ଼ାଉ ହୋଇ ବାଲେଶ୍ୱର ଟାଉନ୍ ଥାନା ଅଞ୍ଚଳର ୨ଜଣ, ବସ୍ତା ଥାନା ଅଞ୍ଚଳର ୨ଜଣ, ସଦର ଥାନା ଅଞ୍ଚଳର ଜଣେ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସଦର, ଖନ୍ତାପଡ଼ା, ସହଦେବଖୁଣ୍ଟା, ଟାଉନ, ସୋର ଓ ବସ୍ତା ଥାନାରେ ୧୮ଟି ଆପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଆଇଏଏସ୍ ପ୍ରୋବେଶନର ଅର୍ଚ୍ଚିତା ମିତ୍ତଲ, ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ ଓ ଖନ୍ତାପଡ଼ା ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

# ପୋଲିସକୁ ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଭଦ୍ରକ,୨୪।୧୨ (ସନାତନ ରାଉତ)

## ସୋସିଆଲ ମିଡିଆ ପୋଷ୍ଟରୁ ହିଂସା ଘଟଣା

ସୋସିଆଲ ମିଡିଆରେ ଏକ ପୋଷ୍ଟକୁ କେନ୍ଦ୍ରକରି ଗତ ସେପ୍ଟେମ୍ବର ୨୭ରେ ଭଦ୍ରକ ପୁରୁଣାବଜାର ସନ୍ଥିଆ ପୋଲ ନିକଟରେ ଗୁମ୍ଫଳାଣ୍ଡ ଘଟିଥିଲା। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଛି ଯୁବକ ପୋଲିସକୁ ଆକ୍ରମଣ କରିବା ସହ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିଥିଲେ। ଫେରାର ଥିବା ଏହି ଗଣ୍ଡଗୋଳର ମୁଖ୍ୟ ଅଭିଯୁକ୍ତ ପୁରୁଣାବଜାର ଥାନା ଅଧୀନ ନଇଁମହଲାର ଫିର୍ଦୋସ ଖାଁଙ୍କୁ ସୋମବାର ଭଦ୍ରକ ଜିଲା କୋର୍ଟ ପରିସରରୁ ପୋଲିସ ଗିରଫ କରିଥିବା ଏହା ଖବରଦାତା ସମ୍ମିଳନୀରେ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁରୁଣାବଜାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସେ କହିଛନ୍ତି, ଗଣ୍ଡଗୋଳ ପରଠାରୁ ଫିର୍ଦୋସ ଗିରଫ ଭୟରେ ଓଡ଼ିଶା ବାହାରେ ବିଭିନ୍ନ ରାଜ୍ୟରେ ଲୁଚି ରହିଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଏକାଧିକବାର ଚଢ଼ାଉ କରିଥିଲେ ମଧ୍ୟ ପାଇ ନ ଥିଲା। ସୋମବାର ଫିର୍ଦୋସ ତାଙ୍କ ନାମରେ ପୂର୍ବରୁ ଥିବା ଏକ ଅପରାଧିକ ମାମଲାରେ ଜିଲା କୋର୍ଟକୁ ଜାମିନ ପାଇଁ ଆସିଥିବା ଖବର ମିଳିଥିଲା। ପୋଲିସ ପହଞ୍ଚି ସେଠାରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୁରୁଣାବଜାର ଥାନାରେ ହୋଇଥିବା ମାମଲା (ନଂ.୨୫୦/୨୪)ରେ ଫିର୍ଦୋସଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ତାଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ଗିରଫ ପରୱାନା ମଧ୍ୟ ରହିଛି। ମଙ୍ଗଳବାର ପୁରୁଣାବଜାର ଥାନାଧିକାରୀ ନୀରଜ ସାମଲ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପୂର୍ବତନ ବ୍ରାଞ୍ଚ ମ୍ୟାନେଜରଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୪।୧୨ (ସତ୍ୟଜିତ୍ ରାଉତ)

## ମୃତ ବ୍ୟକ୍ତିଙ୍କ ନାଁରେ ଅର୍ଥ ଆତ୍ମସାତ୍ ମାମଲା

ବାଲେଶ୍ୱର ଜିଲା ରେମୁଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦେଖାଇ ପେନସନ୍ ଟଙ୍କା ଆତ୍ମସାତ୍ କରିବା ମାମଲାରେ ମଙ୍ଗଳବାର ତୃତୀୟ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ପଞ୍ଜୀକୃତ ଏହି ମାମଲାରେ ବାଲେଶ୍ୱର ଓପିଆଇଡି କୋର୍ଟ ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ହେଲେ ଶାଖାର ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ଦୁର୍ଗାଚରଣ ପଣ୍ଡା। ତାଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୩.୨୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ପୂର୍ବରୁ ଗତ ଅକ୍ଟୋବର ୮ରେ ବ୍ରାଞ୍ଚର ଅସ୍ଥାୟୀ କର୍ମଚାରୀ ପ୍ରଭାତ ଦାସ ଓ ଶିମୁଳିଆ ଥାନା ନରହରିପୁର ଗ୍ରାମର ବ୍ରହ୍ମଜ୍ୟୋତି ବେହେରା ଦୋଷୀ ସାବ୍ୟସ୍ତ ହୋଇଥିଲେ। ଉଭୟଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୩.୭୫ ଲକ୍ଷ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। ମାମଲାର ବିବରଣୀ ଅନୁଯାୟୀ, ମନ୍ଦାରପୁର ଗ୍ରାମର ପର୍ଶୁରାମ ଗିରି ଏବଂ ନରହରିପୁର ଗ୍ରାମର ସାବିତ୍ରୀ ବେହେରା ୪ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ମଧ୍ୟ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ ପ୍ରଭାତ ନକଲି ଲାଇଭ୍ ସାର୍ଟିଫିକେଟ୍ ବ୍ୟାଙ୍କରେ ଦାଖଲ କରି ଏଟିଏମ୍ ସାହାଯ୍ୟରେ ପେନ୍‌ସନ୍ ଟଙ୍କା ଉଠାଇ ନେଉଥିଲେ। ଏହି ଆପରାଧିକ କାମରେ ବ୍ରାଞ୍ଚ ମ୍ୟାନେଜର ଥିବା ଦୁର୍ଗାଚରଣ ଓ ସାବିତ୍ରୀଙ୍କ ପୁଅ ବ୍ରହ୍ମଜ୍ୟୋତିଙ୍କ ମଧ୍ୟ ସମ୍ପୃକ୍ତି ଥିଲା। ଅଭିଯୁକ୍ତମାନେ ମୋଟ ୧ କୋଟି ୩୨ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଏନେଇ ବ୍ୟାଙ୍କ ପକ୍ଷରୁ ଏତଲାକ୍ରମେ ଇଓଡବ୍ଲ୍ୟୁ ୨୦୧୮ ଡିସେମ୍ବର ୧୨ରେ ଏକ ମାମଲା(ନଂ.୨୬/୨୦୧୮) ରୁଜୁ କରି ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶୁଣାଣି ବେଳେ ୫୧୯ଟି ଦସ୍ତାବିଜ୍, ୧୮ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର,୨୪।୧୨ (ବାବୁଲା ପ୍ରଧାନ)

## ପରିକ୍ଷିତ ପ୍ରଧାନ ହତ୍ୟା ମାମଲା

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଦଣ୍ଡିପଦର ଗ୍ରାମର ଶୃଙ୍ଖଳା କମିଟି ସଭ୍ୟ ପରିକ୍ଷିତ ପ୍ରଧାନ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାର ଅନ୍ୟ ଅଭିଯୁକ୍ତ କେଶବ ଗୌଡଙ୍କ ବିଚାର ସରି ନ ଥିବା ସୂଚନା ମିଳିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ପରିକ୍ଷିତ ଏବଂ ତାଙ୍କ ସାନଭାଇ କୃଷ୍ଣ ପ୍ରଧାନ ୨୦୧୬ ଜୁଲାଇ ୧୫ ତାରିଖରେ ସାର୍ଦ୍ଦୁଳ ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ରାତିରେ ଉଭୟେ ଫେରିବା ସମୟରେ ରବୀନ୍ଦ୍ର ଗ୍ରାମ ଦାଣ୍ଡରେ ବୁଲି ବୁଲି ଗାଳିଗୁଲଜ କରୁଥିଲେ। ପରିକ୍ଷିତ ଗ୍ରାମ ଶୃଙ୍ଖଳା କମିଟି ସଭ୍ୟ ଥିବାରୁ ସେ ତାଙ୍କୁ ବୁଝାଶୁଝା କରି ଘରକୁ ଚାଲି ଯାଇଥିଲେ। ଏହାପରେ ରବୀନ୍ଦ୍ର ଏବଂ ତାଙ୍କ ସାଙ୍ଗ କେଶବ ମିଶି ପରିକ୍ଷିତଙ୍କ ଘରକୁ ଆସି କବାଟ ବାଡେଇ ଗାଳିଗୁଲଜ କରିଥିଲେ। ସେ ଘରୁ ବାହାରି ପୁଣି ବୁଝାଇଥିଲେ। କେଶବ ତାଙ୍କୁ ପଛଆଡୁ ଭିଡ଼ି ଧରିବା ପରେ ରବୀନ୍ଦ୍ର ପରିକ୍ଷିତଙ୍କୁ ଛୁରି ଭୁସି ଦେଇଥିଲେ। ଚିତ୍କାର ଶୁଣି ସ୍ତ୍ରୀ ସୁଲୋଚନା ବାହାରକୁ ଆସିବାରେ ଅଭିଯୁକ୍ତଦ୍ୱୟ ସେଠାରୁ ପଳାଇଥିଲେ। ପରିବାର ଲୋକେ ପରିକ୍ଷିତଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେ ସମୟରେ କୃଷ୍ଣଙ୍କ ଏତଲାକୁ ଭିତ୍ତିକରି ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ପ୍ରଥମେ ରବୀନ୍ଦ୍ରଙ୍କୁ ଗିରଫ କରିଥିଲା। ଏହାର କିଛି ମାସ ପରେ କେଶବଙ୍କୁ ଗିରଫ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଆର. କେ. ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ହୋମ୍‌ପାଇପ୍‌ରୁ ମିଳିଲା ଗଳିତ ମୃତଦେହ, ହାଡ଼

ବାସୁଦେବପୁର, ୨୪।୧୨ (ନାରାୟଣ ପ୍ରସାଦ ବାରିକ୍)

## ପରିଚୟ ଖୋଜୁଛି ପୋଲିସ


ପାଇପ୍ ତଳୁ ମିଳିଥିବା ହାଡ଼।

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ କଲେଜ ନିକଟ ବିଷ୍ଣୁବିନ୍ଧା ଗ୍ରାମର ସାଆନ୍ତାଣି ଛକ କେନାଲ ପୋଲଠାରେ ମଙ୍ଗଳବାର ଏକ ହୋମ୍‌ପାଇପ୍‌ରୁ ଗଳିତ ମୃତଦେହ ଓ ହାଡ଼ ମିଳିଛି। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ବେଳେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଯୋଜନାବଦ୍ଧ ଭାବେ ହତ୍ୟା କରି କେନାଲକୁ ସଂଯୋଗ କରୁଥିବା ହୋମ୍‌ପାଇପ୍‌ରେ ପୂରାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ଏକ ନାଲିରଙ୍ଗର ଶାର୍ଟ ଓ ପ୍ୟାଣ୍ଟର କିଛି ଅଂଶ ଦେଖିବାକୁ ମିଳିଥିବା ବେଳେ ମୃତଦେହ ଜଣେ ପୁରୁଷଙ୍କର ହୋଇଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଯୁବକମାନେ ଏହି କେନାଲ ସଂଲଗ୍ନ ପୋଲ ତଳୁ ପାଣି କମାଇ ମାଛ ଧରୁଥିବା ବେଳେ ପାଇପ୍ ତଳୁ କିଛି ହାଡ଼ ଦେଖିବାକୁ ପାଇବା ସହ ଦୁର୍ଗନ୍ଧ ହୋଇଥିଲା। ମାଛ ଧରୁଥିବା ଯୁବକମାନଙ୍କ ମଧ୍ୟରୁ ଦୁଇଜଣ ପାଇପ୍‌ରେ ପଶି ମୃତଦେହ ଠାବ କରିବା ପରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ଖବର ପାଇ ବାସୁଦେବପୁର ପୋଲିସ ଓ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀମାନେ ସେଠାରେ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହାୟତାରେ ପାଇପ୍ ମଧ୍ୟରୁ ଗଳିତ ମୃତଦେହ ବାହାର କରିଥିଲେ। ମୃତ ଶରୀରର ବିଭିନ୍ନ ଅଂଶ ମିଳିଛି। ପୋଲିସ ମୃତଦେହ ଜବତ କରି ଏଫ୍‌ଏସ୍‌ଟି ପାଇଁ ପଠାଇଛି। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଘୁଷୁରିକି କାହିଁ ପାଚିଲା କଦଳୀ
ଅନ୍ଧ ହାତେ ରତ୍ନ ମୁଦି
ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରୀ
କୋରଡ ସୁମରି କାନ୍ଦି।**

ଯେମିତି ଘୁଷୁରିକି ପାଚିଲା କଦଳୀ ରୁଚି ନ ଥାଏ ସେମିତି ଅନ୍ଧ ବ୍ୟକ୍ତିକୁ ରତ୍ନ ମୁଦି ଓ ପେଚାକୁ ସୁନା ପଞ୍ଜୁରି ଦେବା ନିରର୍ଥକ ବୋଲି ଜଣାଯାଇଥାଏ। ତେଣୁ ପ୍ରକୃତ ପଦାର୍ଥର ମୂଲ୍ୟ ବୁଝିବାକୁ ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲେ ମଧ୍ୟ ସେମାନେ ଏସବୁକୁ ବୁଝିବାରେ ଅସମର୍ଥ ହୁଅନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ
କଣା କହେ ମେଘ ଦୁଲୁକୁଛି।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବାର ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
Deo Head Works Division, Karanjia, At/PO- Karanjia
Dist- Mayurbhanj- 757037, e-mail:eedhwd@gmail.com

No.A-776: **e-Procurement Notice**

Bid Identification No:01/SE-DHWD/2024-25

1. Name of the Work : Deployment of security personnel for tourist during winter season at Deo Dam & Spillway for the year 2024-25
2. Approx. Estimated Cost : Rs.9,522 Lakhs
3. Eligibility of the Bidders : Registered & licensed security service agency for deployment of security personnel.
4. Period of Completion : 3 (Three) Calendar Months
5. Date & Time of availability of: bid documents in the Portal : 24.12.2024 at 10.00 A.M. to 02.01.2025 at 05.00 P.M.
6. Receipt of bids on-line in the Portal : 24.12.2024 at 10.00 A.M. to 02.01.2025 at 05.00 P.M.
7. Date of Opening of the Technical Bids : 03.01.2025 at 11.30 A.M.
8. Name & Address of the O.I.T. : Superintending Engineer Deo Head Works Division, Karanjia District: Mayurbhanj

Further details can be seen from the e-Procurement portal http://tendersodisha.gov.in. Addendum/ Corrigendum/ Cancellation if any required will be published in Govt. website only.

Sd./- Superintending Engineer
Deo Head Works Division, Karanjia
OIPR-32248/11/0002/2425

DISTRICT OFFICE : SUNDARGARH
(Social Welfare Section)
No. 4132/Dt.19.12.2024
TENDER CALL NOTICE

No.g-138 : Sealed Tenders in the prescribed format are invited from eligible entities for supply of Capex Items for tentative 761 creches in Sundargarh District

The tender notice along with Term and Condition and other details for the above purpose can be downloaded from District Website "https://sundargarh.odisha.gov.in" or can be seen in the tender notice displayed in the notice board of DSWO. Sundargarh.

Sd./- District Social Welfare Officer
Sundargarh
OIPR-24400/11/0004/2425

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH
E-mail : eemidivision_deogarh@yahoo.in
No. 1851/Date. 21.12.2024
e-Procurement Notice
BID REF No. : SE,MID,DGR/08/2024-25

No.A-771 : Bid documents consisting names of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the Works | : | Civil Construction Works |
| 2 | No. of Works | : | 01 (One) No. |
| 3 | Estimated Cost | : | Approximately **Rs. 31.27 lakh** |
| 4 | Period of Completion | : | 3 (Three) Calendar Months |
| 5 | Date and time of availability of bid documents in the Portal | : | From **Dt. 24.12.2024** at 10.00 A.M. to **Dt. 03.01.2025** up to 5.00 P.M. |
| 6 | Last Date / Time of receipt of bids in the Portal | : | **Dt. 03.01.2025** up to 5.00 P.M. |
| 7 | Date of opening of Bid | : | **Dt. 04.01.2025** at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid Cost & Bid Security | : | Online |

** Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I. Division, Deogarh
OIPR-32289/11/0008/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-Mail : sencrwangul@yahoo.co.in, Ph. : 06764-236404
No. 3079// Dt. 21.12.2024
Cancellation of Tender for Road Work

No.O-996 : The tender for Road Works invited vide this office Tender Call Notice No.2869 dt. 25.11.2024 (Bid Identification No. Road Online-AGL-15/2024-25) by the Procurement Officer, Chief Engineer, Rural Works Circle, Angul is hereby cancelled.

Sd./- Chief Engineer
Rural Works Circle, Angul
OIPR-25180/11/0025/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-Mail : sencrwangul@yahoo.co.in, Ph. : 06764-236404
No. 3074// Dt. 21.12.2024
Cancellation of Tender for Road Work

No.O-997 : The tender for Road Works invited vide this office Tender Call Notice No.2749 dt. 14.11.2024 (Bid Identification No. Road Online-AGL-12/2024-25) by the Procurement Officer, Chief Engineer, Rural Works Circle, Angul is hereby cancelled.

Sd./- Chief Engineer
Rural Works Circle, Angul
OIPR-25180/11/0026/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
No.O-966
e-mail: eerw_sunabeda@yahoo.co.in
Letter No.4922/ e- Procurement Notice for Road Works Date:20.12.2024
Identification No. Online Tender/07/RWD-SBD/2024-25

01. Name of the Work:: Road Work Pottangi Block. 02. Total Number of Works:: 05 Nos. Work. 03. Estimated Cost:: 49.00 to 97.00 Lakhs. 04. Class of Contractor:: "B" Class. 05. Period of Completion:: 02 Months. 06. Other details::

| Procurement Officer | Bid Identification No. | Availability of tender online for bidding | | Last date & time for seeking tender clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical | Financial |
| Superintending Engineer, R.W. Division, Sunabeda | Online Tender/07/ RWD-SBD/ 2024-25 | 23.12.2024 at 11.00 A.M. | 02.01.2025 upto 17.00 P.M. | 01.01.2025 upto 01.00 P.M. | 03.01.2025 at 11.00 A.M. | To be intimated separately |

Further details can be seen from the website www.tendersorissa.gov.in.
OIPR-25059/11/0007/2425 Sd./- Superintending Engineer, Rural Works Division, Sunabeda

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
No.O-965
e-mail: eerw_sunabeda@yahoo.co.in
Letter No.4928/ e- Procurement Notice for Building Works Date:20.12.2024
Identification No. Online Tender/08/RWD-SBD/2024-25

01. Name of the Work:: Building Work Semiliguda, Nandapur, Narayanpatna, Lamtaput Block. 02. Total Number of Works:: 12 Nos. Work. 03. Estimated Cost:: 63.00 to 66.00 Lakhs. 04. Class of Contractor:: "B" Class. 05. Period of Completion:: 06 Months. 06. Other details::

| Procurement Officer | Bid Identification No. | Availability of tender online for bidding | | Last date & time for seeking tender clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical | Financial |
| Superintending Engineer, R.W. Division, Sunabeda | Online Tender/08/ RWD-SBD/ 2024-25 | 27.12.2024 at 11.00 A.M. | 16.01.2025 upto 17.00 P.M. | 15.01.2025 upto 01.00 P.M. | 17.01.2025 at 11.00 A.M. | To be intimated separately |

Further details can be seen from the website www.tendersorissa.gov.in.
OIPR-25059/11/0008/2425 Sd./- Superintending Engineer, Rural Works Division, Sunabeda

**ଦଳିତ ନାବାଳକଙ୍କୁ ଉଲଗ୍ନ କରି ମାଡ଼**
ଉତ୍ତରପ୍ରଦେଶର ବସ୍ତି ଜିଲାରେ ଆଦିତ୍ୟ ନାମକ ୧୭ ବର୍ଷୀୟ ଦଳିତଙ୍କୁ ଗତ ୨୦ରେ ଜନ୍ମଦିନ ପାର୍ଟିକୁ ଡାକି ୪ ଯୁବକ ଉଲଗ୍ନ କରି ମାଡ଼ ମାରିବା ସହ ତାଙ୍କ ମୁହଁରେ ପରିସ୍ରା କରିଥିଲେ। ପରେ ଆଦିତ୍ୟ ଆତ୍ମହତ୍ୟା କରିଥିଲେ। ପୋଲିସ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ଖାତରେ ଖସିଲା ସେନା ଗାଡ଼ି: ୫ ଯବାନ ମୃତ

ମେନ୍ଧର/ଜମ୍ମୁ,୨୪।୧୨

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସେନା ଗାଡ଼ି ପ୍ରାୟ ୩୫୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିବାରୁ ୫ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ୧୧ ମାଡ୍ରାସ୍ ଲାଇଟ୍ ଇନ୍‌ଫାଣ୍ଟ୍ରିର ଏହି ଗାଡ଼ିଟି ନିଲମ ମୁଖ୍ୟାଳୟରୁ ଯବାନମାନଙ୍କୁ ନେଇ ବନୋଇ ଯାଉଥିବାବେଳେ ଘରୋଆ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଉଦ୍ଧାର ହୋଇଥିବା ଆହତ ଯବାନମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଆମେରିକା ଏୟାରଲାଇନ୍ସର ସବୁ ବିମାନ ଘଣ୍ଟାଏ ଅଟକିଲା

ୱାଶିଂଟନ,୨୪।୧୨

କ୍ରିସ୍‌ମାସ୍‌ର ପୂର୍ବ ସନ୍ଧ୍ୟାରେ ଭିଡ଼ ସତ୍ତ୍ୱେ ବୈଷୟିକ କାରଣରୁ ଆମେରିକା ଏୟାରଲାଇନ୍ସ ଏହାର ସମସ୍ତ ଘରୋଇ ବିମାନ ଉଡ଼ାଣକୁ ଘଣ୍ଟାଏ ପାଇଁ ବନ୍ଦ ରଖିଥିଲା। ବିମାନ ଚଳାଚଳ ନିୟାମକ ୱେବ୍‌ସାଇଟ୍‌ରେ ଏ ସମ୍ପର୍କିତ ନୋଟିସ ପ୍ରକାଶ ପାଇଥିଲା। ଘଣ୍ଟାଏ ପରେ ଉକ୍ତ କଟକଣା ଉଠାଇ ନିଆଯାଇଛି। ବିମାନ ଚଳାଚଳ ବନ୍ଦ ରହିବାର ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ କରାଯାଇ ନାହିଁ। ଆମେରିକୀୟ ଏୟାରଲାଇନ୍ସ ୬୦ରୁ ଊର୍ଦ୍ଧ୍ୱ ଦେଶର ୩୫୦ରୁ ଅଧିକ ସ୍ଥାନକୁ ଦୈନିକ ଅନେକ ହଜାର ବିମାନ ଚଳାଚଳ କରିଥାଏ।

### ତୁର୍କୀ ଅସ୍ତ୍ର କାରଖାନାରେ ବିସ୍ଫୋରଣ: ୧୨ ମୃତ

ଇସ୍ତାନବୁଲ୍,୨୪।୧୨

ଉତ୍ତର-ପଶ୍ଚିମ ତୁର୍କୀର ଏକ ଅସ୍ତ୍ର କାରଖାନାରେ ମଙ୍ଗଳବାର ସକାଳେ ବିସ୍ଫୋରଣ ଘଟି ଅନ୍ୟୁନ ୧୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଫ୍ୟାକ୍ଟ୍ରି କାଚ ଓ ଧାତବ ଟୁକୁଡ଼ାଗୁଡ଼ିକ ବିଛାଡ଼ିହୋଇ ପଡ଼ିବା ସହ ପାଖ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ଯୋଗୁ କାରଖାନାର ଗୋଟିଏ ଭାଗ ଭୁଶୁଡ଼ି ପଡ଼ିଛି। ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବା ତୁର୍କୀ ଗୃହମନ୍ତ୍ରୀ ଅଲି ୟେର୍ଲିକାୟା କହିଛନ୍ତି। ପ୍ରଯୁକ୍ତିଗତ ତ୍ରୁଟି ଯୋଗୁ ବିସ୍ଫୋରଣ ଘଟିଥାଇ ପାରେ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।



କ୍ରିସ୍‌ମସ୍ ପୂର୍ବ ସନ୍ଧ୍ୟାରେ ଜୟପୁରର ସେଣ୍ଟ ଜାଭିଅର୍ସ ଚର୍ଚ୍ଚରେ ମହିଳାମାନେ କ୍ୟାଣ୍ଡେଲ ଜାଳୁଛନ୍ତି।

# ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ବଢ଼ୁଛି

ନୂଆଦିଲ୍ଲୀ,୨୪।୧୨

**୭ କୋଟି ନିଯୁକ୍ତି ଆବେଦନକାରୀଙ୍କ ମଧ୍ୟରୁ ୨.୮ କୋଟି ମହିଳା**

୨୦୨୪ରେ ନିଯୁକ୍ତି ପାଇଁ ମୋଟ ୭ କୋଟି ଆବେଦନ କରିଥିବାବେଳେ ସେଥିରୁ ୨.୮ କୋଟି ହେଉଛନ୍ତି ମହିଳା। ଗତବର୍ଷ ତୁଳନାରେ ଚଳିତ ବର୍ଷ ମହିଳା ଆବେଦନକାରୀଙ୍କ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇଥିବା ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି।

ଅପ୍‌ନା ଡଟ୍ କୋ ନାମକ ନିଯୁକ୍ତି ପ୍ଲାଟ୍‌ଫର୍ମ ଦ୍ୱାରା ପ୍ରସ୍ତୁତ 'ଇଣ୍ଡିଆ ଆଟ୍ ୱାର୍କ ୨୦୨୪' ରିପୋର୍ଟ ଅନୁଯାୟୀ, ଭାରତର ନିଯୁକ୍ତି ଚିତ୍ରପଟ୍ଟରେ ଐତିହାସିକ ପରିବର୍ତ୍ତନ ଘଟିଛି। କାର୍ଯ୍ୟଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟସେବା, ଆତିଥ୍ୟ, ଖୁଚୁରା ବ୍ୟବସାୟ, ଇ-କମର୍ସ ଆଦି ସବୁ ସେକ୍ଟରରେ ମହିଳାମାନେ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ଏପରିକି ବ୍ୟବସାୟ, ଲଜିଷ୍ଟିକ୍ସ ଏବଂ ସୁରକ୍ଷା ସେବା ଆଦି କ୍ଷେତ୍ରରେ ମହିଳାମାନେ ଅଣପରମ୍ପରାଗତ ଭୂମିକା ନିଭାଉଛନ୍ତି। ଦିଲ୍ଲୀ-ଏନ୍‌ସିଆର୍, ବେଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ଟାୟାର-୧ ସହରଗୁଡ଼ିକରେ ମହିଳା ଆବେଦନକାରୀଙ୍କ ସଂଖ୍ୟା ୧.୫୨ କୋଟି ହୋଇଥିବାବେଳେ ଜୟପୁର, ଲକ୍ଷ୍ନୌ, ଭୋପାଳ ଆଦି ଟାୟାର-୨ ଏବଂ ଟାୟାର-୩ ସହରରେ ୧.୨୮ କୋଟି ରହିଛି। ପୂର୍ବବର୍ଷ ତୁଳନାରେ ୨୦୨୪ରେ ମହିଳାମାନଙ୍କ ବେତନରେ ୨୮ ପ୍ରତିଶତ ବୃଦ୍ଧି ହୋଇଛି। ବରିଷ୍ଠ ତଥା ପରିଚାଳନାଗତ ଭୂମିକା ପାଇଁ ଆବେଦନ ସଂଖ୍ୟା ୩୨ ପ୍ରତିଶତ ବଢ଼ିଛି, ଯାହା ଭାରତର ନୂତନ ଯୁଗର କାର୍ଯ୍ୟଶକ୍ତିରେ ସେମାନଙ୍କ ପ୍ରଭାବ ବଢ଼ୁଥିବାର ସଙ୍କେତ ଦେଉଛି।

ନବାଗତଙ୍କ ନିଯୁକ୍ତି ଆବେଦନ ଗତବର୍ଷ ତୁଳନାରେ ୨୭ ପ୍ରତିଶତ ବୃଦ୍ଧି ପାଇ ମୋଟ ୨ କୋଟି ଟପିଛି। ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଭଳି ସହରାଞ୍ଚଳରେ ଫ୍ରେଶରଙ୍କ ନିଯୁକ୍ତି ଆବେଦନପତ୍ର ସଂଖ୍ୟା ୬୦ ଲକ୍ଷ ହୋଇଥିବାବେଳେ ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ବିହାର ଭଳି ଅଞ୍ଚଳରେ ୮୨ ଲକ୍ଷ ରହିଛି।

## ଦଳାଚକଟା ମାମଲାରେ ଅଲ୍ଲୁ ଅର୍ଜୁନଙ୍କୁ ପୋଲିସ୍‌ର ୩ ଘଣ୍ଟା ଜେରା

ହାଇଦ୍ରାବାଦ,୨୪।୧୨(ପି.ଟି.)



ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଗତ ୪ ତାରିଖରେ 'ପୁଷ୍ପା-୨' ସିନେମାର ପ୍ରିମିୟର ବେଳେ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କର ୮ ବର୍ଷର ପୁଅ ଗୁରୁତର ହୋଇଥିଲେ। ଏହି ମାମଲାରେ ହାଇଦ୍ରାବାଦ ପୋଲିସ ମଙ୍ଗଳବାର ଅଲ୍ଲୁଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରିଛି।

ତେଲୁଗୁ ଅଭିନେତା ଅଲ୍ଲୁ ତାଙ୍କ ବାପା ଅଲ୍ଲୁ ଅରବିନ୍ଦ ଏବଂ ଓକିଲମାନଙ୍କ ସହ ପୂର୍ବାହ୍ନ ୧୧ଟା ପରେ ଚିକ୍କାଡପାଲ୍ଲୀ ଥାନାରେ ପହଞ୍ଚିବା ପରେ ଅପରାହ୍ନ ୨ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଜେରାର ସମ୍ମୁଖୀନ ହୋଇଥିଲେ। କେନ୍ଦ୍ରୀୟ ଜୋନ୍ ଡିସିପି ଅକ୍ଷାଂଶ ଯାଦବଙ୍କ ନେତୃତ୍ୱରେ ପୋଲିସ ଟିମ୍ ତାଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଅଭିନେତା ପୋଲିସକୁ ପୂର୍ଣ୍ଣ ସହଯୋଗ କରିଛନ୍ତି। ଆବଶ୍ୟକ ପଡ଼ିଲେ ପୁଣି ଡକାଯିବ ବୋଲି ପୋଲିସ କହିଛି।

ପୁଷ୍ପା-୨ ପ୍ରିମିୟର ବେଳେ ଥିଏଟର ବାହାରେ ଉପସ୍ଥିତ ରହିବାକୁ ପ୍ରଶାସନ ଅନୁମତି ଦେଇ ନ ଥିଲା। ଏ ସମ୍ପର୍କରେ ଅଲ୍ଲୁ ଜାଣିଥିଲେ କି ଏବଂ ଅନୁମତି ନ ଥିବା ସତ୍ତ୍ୱେ ତାଙ୍କୁ ସେଠାକୁ ଯିବା ପାଇଁ କିଏ ପ୍ରବର୍ତ୍ତାଇଲେ ବୋଲି ପୋଲିସ ପ୍ରଶ୍ନ କରିଥିଲା। ଦଳାଚକଟାରେ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ସେ କେତେବେଳେ ଖବର ପାଇଲେ? ଶୋ' ବେଳେ ନ ଆସିବାକୁ ସନ୍ଧ୍ୟା ଥିଏଟର ପରିଚାଳନାକାରୀ ସଂସ୍ଥା କହିଥିଲା କି ବୋଲି ପ୍ରଶ୍ନ କରାଯାଇଥିଲା। ଶୋ' ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ କେତେଜଣ ବାଉନ୍‌ସରଙ୍କୁ ନିୟୋଜିତ କରାଯାଇଥିଲା ବୋଲି ପୋଲିସ ପ୍ରଶ୍ନ କରିଥିବା ଜଣାପଡ଼ିଛି।

## ନିର୍ବାଚନ ନିୟମ ସଂଶୋଧନକୁ ବିରୋଧ କରି ସୁପ୍ରିମକୋର୍ଟ ଗଲା କଂଗ୍ରେସ

ନୂଆଦିଲ୍ଲୀ,୨୪।୧୨

କେନ୍ଦ୍ର ସରକାର ନିକଟରେ ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ରେ କରିଥିବା ସଂଶୋଧନକୁ ବିରୋଧ କରି ମଙ୍ଗଳବାର କଂଗ୍ରେସ ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଏର କରିଛି। ନିର୍ବାଚନ ନିୟମ ସଂଶୋଧନକୁ ଆମେ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛୁ ବୋଲି କଂଗ୍ରେସ ନେତା ଜୟରାମ ରମେଶ ଏକ୍ସ'ରେ ଲେଖିଛନ୍ତି। ନିର୍ବାଚନ କମିଶନ (ଇସି) ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାବେଳେ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଛି। ତେବେ ଜନସାଧାରଣଙ୍କ ସହ ବିନା ପରାମର୍ଶରେ ଇସି ଏକପାଖିଆ ଭାବେ ନିୟମାବଳୀ ବଦଳାଉଥିବା ନେଇ ଜୟରାମ ଦୋଷାରୋପ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ସାଧୁତାର ଦ୍ରୁତ ଅବକ୍ଷୟ ହେଉଛି। ସର୍ବୋଚ୍ଚ ଅଦାଲତ ଏହାକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବାରେ ସହାୟତା କରିବେ ବୋଲି କଂଗ୍ରେସ ଆଶା କରୁଛି।

ସୂଚନାଯୋଗ୍ୟ, ନିର୍ବାଚନ କମିଶନଙ୍କ ଅନୁମୋଦନକ୍ରମେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିକଟରେ ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ର ରୁଲ୍ ୯୩ରେ ସଂଶୋଧନ କରିଥିଲେ। ଫଳରେ ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟଗୁଡ଼ିକ ସର୍ବସାଧାରଣରେ ପ୍ରକାଶ ଉପରେ କଟକଣା ଲାଗିଛି। ସିସିଟିଭି କ୍ୟାମେରା, ୱେବ୍‌କାଷ୍ଟିଂ ଫୁଟେଜ୍ ସହ ଭିଡିଓ ରେକର୍ଡିଂ ଆଦି ଇଲେକ୍ଟ୍ରୋନିକ୍ ରେକର୍ଡଗୁଡ଼ିକୁ ଜନସାଧାରଣ ଆଉ ଯାଞ୍ଚ କରିପାରିବେ ନାହିଁ। ଭୋଟଗ୍ରହଣ କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବହାର ଦ୍ୱାରା ଭୋଟରଙ୍କ ଗୋପନୀୟତାର ଦୁରୁପଯୋଗ ଏବଂ ସାଲିସ୍ ହୋଇପାରେ ବୋଲି ନିର୍ବାଚନ ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ ଭିଡିଓ ଫୁଟେଜ୍, ନାମାଙ୍କନପତ୍ରର କାଗଜାତ ଆଦିର ଦୁରୁପଯୋଗ ରୋକିବା ପାଇଁ ନିୟମାବଳୀରେ ସଂଶୋଧନ କରାଯାଇଥିବା କୁହାଯାଇଥିଲା, ଯାହାକୁ ନେଇ ବିବାଦ ଦେଖାଦେଇଛି।

## ଶୁଣାଣି ପାଇଁ ସେବି ମୁଖ୍ୟଙ୍କୁ ଲୋକପାଳଙ୍କ ଡାକରା

ନୂଆଦିଲ୍ଲୀ,୨୪।୧୨(ପି.ଟି.)

**ଦୁର୍ନୀତି ଅଭିଯୋଗ**

ଦୁର୍ନୀତି ଅଭିଯୋଗ ମାମଲାରେ ମୌଖିକ ଶୁଣାଣି ପାଇଁ ଲୋକପାଳ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଓ ଅନ୍ୟମାନଙ୍କୁ ଡାକିଛନ୍ତି। ଆସନ୍ତା ମାସ ୨୮ରେ ଏହି ଶୁଣାଣି ହେବ। ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ଆଧାରରେ ମାଧବୀଙ୍କ ବିରୋଧରେ ଅନୁଚିତ କାର୍ଯ୍ୟ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କ୍ଷମତାର ଦୁରୁପଯୋଗ ଅଭିଯୋଗ ହୋଇଥିଲା। ମୋଇତ୍ରଙ୍କ ଅଭିଯୋଗକ୍ରମେ ଲୋକପାଳ ଗତ ନଭେମ୍ବର ୮ରେ ମାଧବୀଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ତଦନୁଯାୟୀ ସେବି ମୁଖ୍ୟ ଡିସେମ୍ବର ୭ରେ ଏକ ସତ୍ୟପାଠ ଜରିଆରେ ଜବାବ ରଖିଥିଲେ। ଦୁର୍ନୀତି ନିରୋଧୀ ଅମ୍ବୁଡ୍‌ସମ୍ୟାନ୍ ସ୍ପଷ୍ଟୀକରଣକୁ ଅନୁଧ୍ୟାନ କରିବା ପରେ ଅଭିଯୁକ୍ତ ଓ ଅଭିଯୋଗକାରୀମାନଙ୍କୁ ମୌଖିକ ଶୁଣାଣି ପାଇଁ ଡାକିଥିବା ଲୋକପାଳ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି।

## ବୁଡ଼ିଲା ରୁଷିଆ ଜାହାଜ

ମାଡ୍ରିଡ,୨୪।୧୨

ରୁଷିଆର ଏକ ମାଲ୍‌ବାହୀ ଜାହାଜ ସ୍ପେନ୍ ଏବଂ ଆଲ୍‌ଜେରିଆ ମଧ୍ୟବର୍ତ୍ତୀ ଭୂମଧ୍ୟସାଗରରେ ବୁଡ଼ିଯାଇଛି। ଜାହାଜର ୨ ଜଣ କର୍ମଚାରୀ ନିଖୋଜ ହୋଇଛନ୍ତି। ଉର୍ସା ମେଜର ନାମକ ଉକ୍ତ ଜାହାଜର ୧୪ ଜଣ କର୍ମଚାରୀଙ୍କୁ ଲାଇଫ୍‌ବୋଟ୍ ସହାୟତାରେ ଉଦ୍ଧାର କରାଯାଇ ଦକ୍ଷିଣପୂର୍ବ ସ୍ପେନ୍‌କୁ ନିଆଯାଇଛି।

## ଆମ୍ବେଡ୍‌କରଙ୍କୁ ନେଇ ଚଣ୍ଡିଗଡ଼ ପୌରସଭା ରଣକ୍ଷେତ୍ର

**ଭାଜପା-କଂଗ୍ରେସ କାଉନ୍‌ସିଲର ଧସ୍ତାଧସ୍ତି**

ଚଣ୍ଡିଗଡ଼,୨୪।୧୨



ଡ. ଭୀମରାଓ ଆମ୍ବେଡ୍‌କରଙ୍କ ଲିଗାସୀକୁ ନେଇ ମଙ୍ଗଳବାର ଚଣ୍ଡିଗଡ଼ ମ୍ୟୁନିସିପାଲିଟି ବୈଠକରେ ଉତ୍ତେଜନା ସୃଷ୍ଟି ହେବା ସହ ଭାଜପା ଏବଂ କଂଗ୍ରେସ କାଉନ୍‌ସିଲରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଚଣ୍ଡିଗଡ଼ ମେୟର ନିର୍ବାଚନରେ ବାଲଟ୍ ପେପରରେ ଜାଲିଆତି କରିଥିବା ପୋଲିଂ ଅଫିସର ତଥା ମନୋନୀତ ସଦସ୍ୟ ଅନିଲ ମସିହ କଂଗ୍ରେସକୁ ଟାର୍ଗେଟ କରିବା ସହ ରାହୁଲ ଗାନ୍ଧୀ ଜାମିନରେ ବାହାରିଥିବା କହିଥିଲେ। ଏହାକୁ ନେଇ କଂଗ୍ରେସ, ଆପ୍ ଏବଂ ଭାଜପା ସଦସ୍ୟମାନଙ୍କ ମଧ୍ୟରେ ହଟ୍ଟଗୋଳ ହୋଇଥିଲା।

ସୂଚନାଯୋଗ୍ୟ, ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମ୍ବିଧାନ ବିତର୍କରେ ଭାଗନେଇ କଂଗ୍ରେସ ବାରମ୍ବାର ଆମ୍ବେଡ୍‌କରଙ୍କ ନାଁ ନେଉଥିବାରୁ ସମାଲୋଚନା କରିଥିଲେ। ଶାହାଙ୍କ ଇସ୍ତଫା ଦାବି କରି କଂଗ୍ରେସ ଏବଂ ଆପ୍ କାଉନସିଲରମାନେ ପୌରସଭା ବୈଠକରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଭାଜପା କାଉନସିଲରମାନେ ଏହାକୁ ବିରୋଧ କରିବାରୁ ସଂଘର୍ଷ ଘଟିଥିଲା।

## ହିମାଚଳରେ ତୁଷାରପାତ: ୨୨୩ ରାସ୍ତା ଅବରୋଧ

ଶିମ୍ଲା,୨୪।୧୨(ପି.ଟି.)




ହିମାଚଳପ୍ରଦେଶର ବିଭିନ୍ନ ଜିଲାରେ ପ୍ରବଳ ତୁଷାରପାତ ଯୋଗୁ ୩ଟି ଜାତୀୟ ରାଜପଥ ସମେତ ୨୨୩ଟି ସଡ଼କ ଅବରୋଧ ହୋଇଯାଇଛି। କିନ୍ନୌର, ଲହାଉଲ, ସ୍ପିଟି ସମେତ ଶିମ୍ଲା, କୁଲ୍ଲୁ, ମଣ୍ଡି, ଚାମ୍ବା ଏବଂ ସିର୍ମଉର ଜିଲାର ଉଚ୍ଚ ସ୍ଥାନଗୁଡ଼ିକରେ ତୁଷାରପାତ ହୋଇଛି। ରାସ୍ତା ଅବରୋଧ ହୋଇଥିବାରୁ ଶିମ୍ଲାର ହୋଟେଲଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ୭୦ ପ୍ରତିଶତ ବୃଦ୍ଧି ପାଇଛି। ରୁମ୍ ବୁକିଂ ୩୦ ପ୍ରତିଶତ ବଢ଼ିଛି। ଅଟଳ ଟନେଲ ନିକଟରେ ସୋମବାର ରାତିରୁ ୫୦୦ଟି ଗାଡ଼ିରେ ଫସରହିଥିବା ପର୍ଯ୍ୟଟକମାନଙ୍କୁ ନିରାପଦ ସହ ଉଦ୍ଧାର କରାଯାଇଛି। କେତେକ ସ୍ଥାନରେ ଗାଡ଼ି ରାସ୍ତାରୁ ଖସିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହ କେତେଜଣ ଆହତ ହୋଇଛନ୍ତି। ଶିମ୍ଲାରେ ସର୍ବାଧିକ ୧୪୫ ରାସ୍ତା ଅବରୋଧ ହୋଇଥିବାବେଳେ କୁଲ୍ଲୁରେ ୨୫ ଏବଂ ମଣ୍ଡି ଜିଲାରେ ୨୦ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ୩୫୬ଟି ଟ୍ରାନ୍ସଫର୍ମର କାମ କରୁ ନ ଥିବାରୁ କେତେକ ଅଞ୍ଚଳ ଅନ୍ଧାରରେ ରହିଛି। ଜିଲା ପ୍ରଶାସନ ଓ ପୋଲିସର ଉପଦେଶ ମାନି ତୁଷାରପୂର୍ଣ୍ଣ ରାସ୍ତାରେ ଗାଡ଼ି ଚାଳନା ନ କରିବା ପାଇଁ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦିଆଯାଇଛି।

**ଫୁରସତ୍**

## ଆଖିରେ କପଡ଼ା ବାନ୍ଧି ସ୍ପିଡ୍ ଟାଇପିଂ

ଭୋପାଳ

ଭାରତରେ ପିଲା ହୁଅନ୍ତୁ ଅବା ଯୁବକ, ସମସ୍ତଙ୍କଠାରେ କିଛି ନା କିଛି ପ୍ରତିଭା ରହିଥାଏ। ମଧ୍ୟପ୍ରଦେଶର ରେୱା ଜିଲା ନିବାସୀ ବିକାଶ ତ୍ରିପାଠୀ(୩୦)ଙ୍କର ଏପରି ଏକ ପ୍ରତିଭା ରହିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦ୍ରୁତ ଟାଇପିଷ୍ଟ ଭାବେ ସେ ଆଖିପିଛୁଳାକେ ପ୍ରତି ସ୍ପେସ୍ ସହ A ରୁ Z ପର୍ଯ୍ୟନ୍ତ ବର୍ଣ୍ଣମାଳା ଟାଇପ୍ କରି ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ବିକାଶଙ୍କ ଟାଇପିଂ ଶୈଳୀ ସାମାନ୍ୟ ଅଲଗା। ସେ ଆଖିରେ କପଡ଼ା ବାନ୍ଧି ଟାଇପିଂ କରିଥାନ୍ତି। ଏହି କୀର୍ତ୍ତିମାନ ଦ୍ୱାରା ବିକାଶଙ୍କ ନାମ ଆସିଷ୍ଟ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପଞ୍ଜିକୃତ ହୋଇଛି। ବିକାଶ ହେଉଛନ୍ତି ରେୱାସ୍ଥିତ ରାତହରାର ୱାର୍ଡ ନମ୍ବର ୧୫ର ବାସିନ୍ଦା। ସେ ରେୱାରେ ଦ୍ୱାଦଶ ପର୍ଯ୍ୟନ୍ତ ଅଧ୍ୟୟନ ସମାପ୍ତ କରିଥିଲେ ଏବଂ ପରେ ସେ ଭୋପାଳର ବରକତୁଲ୍ଲାହ ବିଶ୍ୱବିଦ୍ୟାଳୟରୁ



ସ୍ନାତକ ପଢ଼ିଥିଲେ। ବିକାଶଙ୍କ ବାପା ରେୱା କୋର୍ଟରେ ପୋଷ୍ଟିଂ ପାଇଥିଲେ। ପିଲାଦିନରୁ ହିଁ ବାପାଙ୍କୁ ଟାଇପିଂ କରୁଥିବାର ଦେଖି ବିକାଶ ଦ୍ରୁତଗତିରେ ଟାଇପିଂ କରିବାର ପ୍ରେରଣା ପାଇଥିଲେ।

## ସ୍ପଟ୍ ବଏରୁ ସଫଳ ଅଭିନେତା

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅନିଲ କପୁର ମଙ୍ଗଳବାର ତାଙ୍କର ୬୮ତମ ଜନ୍ମଦିନ ପାଳନ କରିଛନ୍ତି। ଦୀର୍ଘ ୫ ଦଶନ୍ଧି ଧରି ବଲିଉଡ୍‌କୁ ଅନେକ ହିଟ୍ ଚଳଚ୍ଚିତ୍ର ଦେଇଥିବା ଅନିଲ ଜନ୍ମଦିନ ଅବସରରେ ଏକ ସାକ୍ଷାତ୍‌କାର ଦେଇ ଯୁବାବସ୍ଥାରେ କରିଥିବା ସଂଘର୍ଷ ବିଷୟରେ ବଖାଣିଛନ୍ତି। ଏପରି ଏକ ସମୟ ଥିଲା, ଯେତେବେଳେ ତାଙ୍କୁ ଏକ ଗ୍ୟାରେଜ ରୁମ୍‌ରେ ସମୟ ଅତିବାହିତ କରିବାକୁ ପଡୁଥିଲ ବୋଲି ଅନିଲ କହିଛନ୍ତି। ଅନିଲ କହିଛନ୍ତି, ଯେତେବେଳେ ସେ ୧୭/୧୮ ବର୍ଷର ହୋଇଥିଲେ ସେତେବେଳେ ତାଙ୍କ ବାପାଙ୍କ ହୃଦ୍‌ରୋଗ ସମସ୍ୟା ଦେଖା ଦେଇଥିଲା। ତେଣୁ ସେ ଆଉ କାର୍ଯ୍ୟ କରିପାରି ନ ଥିଲେ। ପରିବାରର ପ୍ରତିପୋଷଣ ପାଇଁ ତାଙ୍କୁ କିଶୋର ଅବସ୍ଥାରୁ ହିଁ କାମ କରିବାକୁ ପଡ଼ିଥିଲା। ଫିଲ୍ମ ଇଣ୍ଡଷ୍ଟ୍ରି ସହ ତାଙ୍କର କିଛି ଅନୁଭବ ନ ଥିବାରୁ ତାଙ୍କୁ ପ୍ରଥମେ ସ୍ପଟ୍ ବୟ ଭାବେ କାମ ମିଳିଥିଲା। ସେ ଶୁଟିଂ ସେଟ୍‌ରେ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଜଳଖିଆ ଓ ଚା' ପରସୁଥିଲେ। ସେହିପରି ସେମାନଙ୍କୁ ବିମାନବନ୍ଦରରୁ ସ୍ୱାଗତ କରି ଶୁଟିଂ ଲୋକେଶନକୁ ନବା ଆଣିବା ଦାୟିତ୍ୱ ମଧ୍ୟ ତାଙ୍କର ଥିଲା। ତେବେ ସେତେବେଳେ ସେ ଏସବୁ କାର୍ଯ୍ୟକୁ ଛୋଟ ମନେ କରୁ ନ ଥିଲେ ବୋଲି ଅନିଲ କହିଛନ୍ତି।



ଅନିଲ କପୁର


## ୧୮ ବର୍ଷୀୟ ପ୍ରେମିକ, ୫୧ ବର୍ଷୀୟା ପ୍ରେମିକା

କାନପୁର

ଉତ୍ତର ପ୍ରଦେଶର କାନପୁରରୁ ଏକ ଅଜବ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ସ୍ଥାନୀୟ ସାଢ଼ ଥାନା କୁଡନୀ ଗ୍ରାମରେ ଜଣେ ୫୧ ବର୍ଷୀୟା ମହିଳାଙ୍କର ୪ ଜଣ ପିଲା ରହିଛନ୍ତି। ତାଙ୍କ ସ୍ୱାମୀ ବାହାରେ ରହି କାମ କରନ୍ତି। ମହିଳା ଜଣକ ନିଜ ବଡ଼ ଝିଅଙ୍କ ବାହାଘର ମଧ୍ୟ କରିସାରିଛନ୍ତି । ତେବେ ଏହି ମହିଳା ସ୍ଥାନୀୟ ଭିତରଗାଁ ର ଜଣେ ୧୮ ବର୍ଷୀୟ ଯୁବକଙ୍କ ପ୍ରେମରେ ପଡ଼ିଛନ୍ତି। ଉଭୟଙ୍କ ମିଳାମିଶା ଓ ପ୍ରେମ ସମ୍ପର୍କକୁ ନେଇ କୁଡନୀ ଗ୍ରାମରେ ଅନେକ ଆଲୋଚନା ହେଉଛି। ସମ୍ପୃକ୍ତା ମହିଳା ନିଜ ପ୍ରେମିକଙ୍କୁ ବାରମ୍ବାର ଘରକୁ ଡାକୁଥିବାରୁ ଏହାକୁ ତାଙ୍କ ପିଲାମାନେ ବିରୋଧ କରିଥିଲେ। ତେଣୁ ସେ ତାଙ୍କ ପ୍ରେମିକଙ୍କ ସହ କ୍ଷେତରେ ଯାଇ ମିଳାମିଶା କରିଥିଲେ। ଗାଁ ଯାକ କଥା ବ୍ୟାପିବାରୁ ଏହି ସମ୍ପର୍କକୁ ମହିଳାଙ୍କ ପଡ଼ୋଶୀଙ୍କ ସମେତ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ମହିଳା ଜଣକ ବାଧ୍ୟ ହୋଇ ଗତ ୨୦ ତାରିଖରେ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନ ମିଳିବାରୁ ମହିଳା ଜଣକ ନିଖୋଜ ଥିବା ନେଇ ତାଙ୍କ ବଡ଼ ଝିଅ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ସମ୍ପୃକ୍ତା ମହିଳା ଓ ତାଙ୍କ ୧୮ ବର୍ଷୀୟ ପ୍ରେମିକଙ୍କୁ ଖୋଜି ଧରିବାରେ ସଫଳ ହୋଇଥିଲା। ମଙ୍ଗଳବାର ପୋଲିସ ଉଭୟଙ୍କ ପରିବାରକୁ ଥାନାକୁ ଡକାଇ ବୁଝାଶୁଝା କରିଥିଲା। ପରେ ଦୁହେଁ ନିଜ ନିଜ ପରିବାର ସଦସ୍ୟଙ୍କ ସହ ଘରକୁ ଫେରିବା ପାଇଁ ରାଜି ହୋଇଥିଲେ।

# କଂଗ୍ରେସ ପାଳିଲା ଆମ୍ବେଡକରଙ୍କ ସମ୍ମାନ ଯାତ୍ରା

ଭୁବନେଶ୍ୱର, ୨୪।୧୨ (ସୁନିତ୍ ମିଶ୍ର)



ଆମ୍ବେଡକରଙ୍କ ପ୍ରତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅରୁଚିକର ମନ୍ତବ୍ୟକୁ ବିରୋଧ କରି ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତ ୧୭ ତାରିଖରେ ଭୀମ ରାଓ ଆମ୍ବେଡକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଆମ୍ବେଦକର ସମ୍ମାନ ଯାତ୍ରା ପାଳନ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏଜି ଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ବିଶାଳ ଶୋଭାଯାତ୍ରା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଶାଳ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତୃବୃନ୍ଦ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅରୁଚିକର ମନ୍ତବ୍ୟ ପ୍ରତିବାଦରେ ତାଙ୍କ ଇସ୍ତଫା ଦାବି କରିଛନ୍ତି। ସେହିପରି ଦିଲ୍ଲୀରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପରେ କେତେକ ଭାଜପା ଏମ୍‌ପିଙ୍କ ଆକ୍ରମଣ ଏବଂ ଲୋକ ସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବେଶ ପଥରେ ଭାଜପା ଏମ୍‌ପିମାନଙ୍କ ପ୍ରତିରୋଧ ଘଟଣାକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ଅବସରରେ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

# ଭୋଟର ତାଲିକାର କୌଣସି ନାମ ମନଇଚ୍ଛା ଯୋଡ଼ାଯାଇ, ହଟାଯାଇ ନାହିଁ

## କଂଗ୍ରେସ ପ୍ରଶ୍ନର ଜବାବ ରଖିଲେ ଇସି

ନୂଆଦିଲ୍ଲୀ, ୨୪।୧୨

ନିକଟରେ ସମ୍ପନ୍ନ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଭୋଟର ତାଲିକାରେ ମନଇଚ୍ଛା ଅନେକ ସଂଖ୍ୟାରେ ଭୋଟରଙ୍କ ନାମ ଯୋଡ଼ା ଯାଇଥିବା ଏବଂ ହଟା ଯାଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ନିର୍ବାଚନ ଆୟୋଗ(ଇସି) ଏହାର ଉତ୍ତର ରଖିଛନ୍ତି। ଭୋଟର ତାଲିକାରେ କୌଣସି ମଧ୍ୟ ନାମକୁ ମନଇଚ୍ଛା ଯୋଡ଼ା ଯାଇ ନାହିଁ କିମ୍ବା ହଟାଯାଇ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। କଂଗ୍ରେସର ଅଭିଯୋଗକୁ ଭିତ୍ତିହୀନ କହିବା ସହ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟର ତାଲିକାକୁ ସ୍ୱଚ୍ଛତାର ସହ ନିୟମ ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା ନେଇ ଇସି କହିଛନ୍ତି। ସେହିପରି ମତଦାନ ଦିନ ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ର ମଧ୍ୟରେ ଭୋଟିଂ ପ୍ରତିଶତରେ ବୃଦ୍ଧିକୁ ଇସି ଏକ ସାମାନ୍ୟ ଘଟଣା ବୋଲି କହିଛନ୍ତି। ଭୋଟିଂ ସମୟ ଶେଷ ହେବା ପରେ ମଧ୍ୟ ଅନେକ ମତଦାତା ମତଦାନ କେନ୍ଦ୍ରର ପରିସର ମଧ୍ୟରେ ରହିଥାନ୍ତି। ସେମାନେ ସମସ୍ତେ ଭୋଟ ଦେବା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଜାରି ରହିଥାଏ। ତେଣୁ ପ୍ରତି ନିର୍ବାଚନ ପରି ମହାରାଷ୍ଟ୍ର ନିର୍ବାଚନରେ ମଧ୍ୟ ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ର ମଧ୍ୟରେ ଅଳ୍ପ କିଛି ଭୋଟ ପ୍ରତିଶତ ବୃଦ୍ଧି ପାଇଥିବା ଇସି କହିଛନ୍ତି।

# ନୂଆବର୍ଷରେ ରାଜ୍ୟ କଂଗ୍ରେସକୁ ମିଳିପାରେ ନୂଆ ସଭାପତି

ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)

ନୂଆ ବର୍ଷରେ ରାଜ୍ୟକୁ ନୂତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ମିଳିପାରନ୍ତି। ୨୦୨୫ ଜାନୁଆରୀ ଆରମ୍ଭରୁ ରାଜ୍ୟ କଂଗ୍ରେସକୁ ନୂଆ ମଙ୍ଗୁଆଳ ମିଳିଯିବ ବୋଲି ମଙ୍ଗଳବାର ବରିଷ୍ଠ ନେତା ମହମ୍ମଦ ମୋକିମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଭିନ୍ନ ପର୍ଯ୍ୟାୟରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱ ତର୍ଜମା କରୁଛନ୍ତି। ଆଶା ଅଛି ଆସନ୍ତା ୨୮ରୁ ଜାନୁଆରୀ ପ୍ରଥମ ସପ୍ତାହ ବେଳକୁ ପ୍ରାୟ ସଭାପତି ଚୟନ ହୋଇସାରିଥିବ। କୋରାପୁଟରୁ ଆରମ୍ଭକରି ପୁରୀ ପର୍ଯ୍ୟନ୍ତ ଯାହାର ସଙ୍ଗଠନ ଥିବ ତାକୁ ହିଁ ଦାୟିତ୍ୱ ଦିଆଯିବ ବୋଲି ମୋକିମ୍ କହିଛନ୍ତି। ଅନ୍ୟପଟେ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ଖୁବ୍‌ଶୀଘ୍ର ଜଣେ ଦକ୍ଷ ଲୋକଙ୍କୁ ସଭାପତି ପଦରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ବସାଇବ ବୋଲି ସଙ୍କେତ ଦେଇଛନ୍ତି। ହେଲେ ଏହି ପଦବୀକୁ ନେଇ ଯେଉଁ ନେତାମାନଙ୍କ ନାଁ ଚର୍ଚ୍ଚାରେ ରହିଛି ନିଷ୍ପତ୍ତି ହାଇକମାଣ୍ଡ ନେବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ସଭାପତି ପଦ ପାଇବାକୁ କେତେଜଣ ନେତା ଦିଲ୍ଲୀରେ ଲବି କରୁଛନ୍ତି ବୋଲି ପୂର୍ବରୁ ବିଧାୟକ ତାରାପ୍ରସାଦ ବାହିନୀପତି ଯାହା ମନ୍ତବ୍ୟ ରଖିଥିଲେ ତାହାକୁ ନେଇ ମୋକିମ୍ କହିଛନ୍ତି, ତାରାବାବୁ ହିଁ ବେଶି ଦିଲ୍ଲୀ ଯାଆନ୍ତି, ସେ ଜାଣିଥିବେ କାହାର କାଟ୍‌ତି କାମକରେ। ମୋକିମ୍‌ଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ତାରା କହିଛନ୍ତି, ତାଙ୍କଠାରୁ ମୋକିମ୍‌ବାବୁ ଅଧିକ ଦିଲ୍ଲୀ ଯାଆନ୍ତି, ସେ ଯାଆନ୍ତି ନାହିଁ। ଆବଶ୍ୟକ ପଡ଼ିଲେ ହାଇକମାଣ୍ଡ ଡାକିଲେ ଯାଆନ୍ତି। ହେଲେ ମୋକିମ୍‌ବାବୁ ଓ ଅନ୍ୟ ନେତାମାନେ ଯାଆନ୍ତି। ତାଙ୍କ ପରିଚିତ ଅଛନ୍ତି, ସେ ଜାଣିଛନ୍ତି କାହାକୁ କହିଲେ କ'ଣ ହେବ। ତେବେ ଯେଉଁମାନେ ଲବିରେ ଅଛନ୍ତି ସେମାନେ ଯିବା ଉଚିତ। ଦିଲ୍ଲୀ ଯାଉନାହିଁ କି ତାଙ୍କର ସଭାପତି ହେବାର ନାହିଁ ବୋଲି ତାରା କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଗତ ଜୁଲାଇ ୨୧ରେ ରାଜ୍ୟ କଂଗ୍ରେସର ସବୁ କମିଟିକୁ ଏଆଇସିସି ଭାଙ୍ଗିଦେଇଛି। ସେବେଠାରୁ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ସାଙ୍ଗଠନିକ କ୍ଷେତ୍ରରେ ଦଳ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି। ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କ ସମସ୍ୟାକୁ ଧରି ମଧ୍ୟ ଜୋର୍‌ଦାର ଲଢ଼େଇ ପାଇଁ ମଇଦାନକୁ ଓହ୍ଲାଇ ପାରୁନାହାନ୍ତି। ନଭେମ୍ବର ୪ରେ ପିସିସି ସଭାପତି ଚୟନ ସମ୍ପର୍କିତ ରିପୋର୍ଟ ସଂଗ୍ରହ ଲାଗି ଛତିଶଗଡ଼ ବିଧାୟକ ଦଳ ନେତା ଚରଣଦାସ ମହନ୍ତ ଓ ମୀନାକ୍ଷୀ ନଟରାଜନଙ୍କ ଟିମ୍ ଓଡ଼ିଶା ଆସିଥିଲେ। ସେମାନେ ସଂଗ୍ରହ କରିଥିବା ରିପୋର୍ଟ ଏଆଇସିସିକୁ ଦେଇସାରିଛନ୍ତି।

# ଜ୍ୟୋତି ପାଣିଗ୍ରାହୀଙ୍କୁ ସିମୁଳିଆ ବିଜେଡି ଦାୟିତ୍ୱ

ଖଇରା, ୨୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନ ପରଠାରୁ ବିଜେଡି ନେତୃତ୍ୱକୁ ନେଇ ଛକାପଞ୍ଝା ଲାଗିରହିଥିଲା। ମଙ୍ଗଳବାର ବିଜେଡିର ସ୍ଥାନୀୟ କର୍ମୀ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସିମୁଳିଆରେ ବିଜେଡି ନେତୃତ୍ୱ ପ୍ରଦାନ କରିବାକୁ ଦାବି କରିଥିଲେ। ନବୀନ ସିମୁଳିଆ ବିଜେଡି ନେତୃତ୍ୱ ଜ୍ୟୋତିପ୍ରକାଶଙ୍କୁ ନେବା ପାଇଁ କହୁଥିବା ଭିଡିଓ ଭାଇରାଲ ହେବା ପରେ ଜ୍ୟୋତିପ୍ରକାଶଙ୍କ ସମର୍ଥକ ଉଲ୍ଲସିତ ହୋଇପଡିଛନ୍ତି। ଏ ନେଇ ଜ୍ୟୋତିପ୍ରକାଶ କହିଛନ୍ତି, ସିମୁଳିଆରେ ନିର୍ବାଚନପରଠାରୁ ଦଳର ଅବନତିକୁ ନେଇ କର୍ମୀମାନେ ନବୀନଙ୍କୁ ଜଣାଇବା ପରେ ସେ ତାଙ୍କୁ ସିମୁଳିଆରେ ଦଳର ସଦସ୍ୟତା ସଂଗ୍ରହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ବାଚନ ସ୍ୱଚ୍ଛତା ଉପରେ ପ୍ରଶ୍ନ କଲା ବିଜେଡି

## ଗତ ନିର୍ବାଚନରେ ଭୋଟ ଅସଂଗତି ପ୍ରସଙ୍ଗ

ଭୁବନେଶ୍ୱର, ୨୪।୧୨(ଅନିଲଦାସ)

ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ସୋମବାର ଭାରତର ନିର୍ବାଚନ କମିଶନରଙ୍କୁ ଭେଟି ଗତ ୨୦୨୪ ନିର୍ବାଚନରେ ଏକ ବଡ଼ଧରଣର ଅସଙ୍ଗତି ଥିବା ଦର୍ଶାଇଛନ୍ତି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ଦଳର ମୁଖପାତ୍ର ଅରୁଣ କୁମାର ସାହୁ ଓ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠି ନିର୍ବାଚନ ଶେଷ ହେବା ପରେ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା ଓ ଗଣତି ହୋଇଥିବା ଭୋଟ ସଂଖ୍ୟାରେ ଥିବା ତାରତମ୍ୟ ସମଗ୍ର ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି। ଅରୁଣ କହିଛନ୍ତି, ଗତ ନିର୍ବାଚନର ଭୋଟ ଗଣତି ବେଳେ କିଛି ସ୍ଥାନରେ ଭୋଟ ଅସଙ୍ଗତି ଥିବାର ପ୍ରାକ୍ ସୂଚନା ମିଳିଥିଲା। ବିଜେଡି ତରଫରୁ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀର ତଥ୍ୟକୁ ତର୍ଜମା କରିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରେ ନିର୍ବାଚନ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ ଆଧାରରେ ଫର୍ମ ୧୭ସିର କପି ପାଇଁ ଆବେଦନ କରାଯାଇଥିଲା। ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଆଇନର ବ୍ୟବସ୍ଥା ଅନୁଯାୟୀ ଏହି ଫର୍ମ ପାଇବାକୁ ହକଦାର ହୋଇଥିଲା ବେଳେ ସାଧାରଣ ଜନତା ମଧ୍ୟ ସୂଚନା ଅଧିକାର ଆଇନ ମାଧ୍ୟମରେ ଏହାକୁ ପାଇପାରିବେ। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟର ନିର୍ବାଚନ ଅଧିକାରୀମାନେ ଏହାକୁ ପ୍ରଦାନ କରି ନ ଥିଲେ। ସୂଚନାଯୋଗ୍ୟ, ଭୋଟିଂ ଶେଷ ହେବା ପରେ ପ୍ରିଜାଇଡିଂ ଅଫିସର ଫର୍ମ ୧୭ସି ମାଧ୍ୟମରେ ସେହି ବୁଥରେ ପଡ଼ିଥିବା ଭୋଟ ସଂଖ୍ୟାକୁ ଉଲ୍ଲେଖ କରିଥାନ୍ତି। ଏଥିରେ ପ୍ରଦାନ କରାଯାଉଥିବା ଭୋଟଠାରୁ ଗଣତି ହେଉଥିବା ଭୋଟ ସଂଖ୍ୟା ଅଧିକ ବାହାରୁ ଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ରାଜ୍ୟର ନିର୍ବାଚନ ଅଧିକାରୀମାନେ ଫର୍ମ ୧୭ସି ର କପି ପ୍ରଦାନ ନ କରିବା, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ନ ଥିବା କଥାକୁ ଘୋଡ଼ାଇବାକୁ ଉଦ୍ୟମ କରୁଥିବା ପରି ମନେ ହେଉଛି ବୋଲି ଅରୁଣ କହିଛନ୍ତି।

ଶର୍ମିଷ୍ଠା ସେଠି ବିଭିନ୍ନ ନିର୍ବାଚନମଣ୍ଡଳୀରେ ଭୋଟ ଅସଙ୍ଗତି ଉପରେ ତଥ୍ୟ ପ୍ରଦାନ କରି କହିଛନ୍ତି, ସାଧାରଣତଃ ସନ୍ଧ୍ୟା ୫ଟାରେ ନିର୍ବାଚନ ଶେଷ ହେବା ସମୟରେ ପ୍ରଦାନ କରାଯାଇଥିବା ଭୋଟ ପ୍ରତିଶତକୁ ସେହିଦିନ ରାତି ୧୧ଟା ୪୫ରେ ଏହାକୁ ନିର୍ବାଚନ କମିଶନରଙ୍କ ୱେବ ସାଇଟରେ ଆଉଥରେ ଅପଡେଟ କରାଯାଇଥାଏ। ବିଗତ ବର୍ଷମାନଙ୍କରେ ଅନୁଷ୍ଠିତ ହୋଇଥିବା ନିର୍ବାଚନଗୁଡିକରେ ଭୋଟିଂ ସମୟ ଶେଷ ହେବା ବେଳର ତଥ୍ୟ ଓ ଭୋଟ ଶେଷ ହେବା ପରର ତଥ୍ୟ ଭିତରେ ଅତି ବେଶିରେ ୦.୫ ପ୍ରତିଶତରୁ ଦୁଇ ପ୍ରତିଶତ ବ୍ୟବଧାନ ରହିଥାଏ। କିନ୍ତୁ ୨୦୨୪ ନିର୍ବାଚନରେ ଏହି ବ୍ୟବଧାନ ୩ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ରାଜ୍ୟର ପ୍ରାୟ ୩୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ବ୍ୟବଧାନ ୧୫ ରୁ ୨୦ ପ୍ରତିଶତ ମଧ୍ୟରେ ରହିଛି ଓ ୧୦ଟି ବିଧାନସଭା ଆସନରେ ଏହି ବ୍ୟବଧାନ ୨୦ ରୁ ୨୫ ପ୍ରତିଶତ ଭିତରେ ରହିଛି। ଏହାଛଡା ରାତି ୧୧.୪୫ ମିନିଟରେ ପ୍ରଦାନ କରାଯାଇଥିବା ଭୋଟ ପ୍ରତିଶତ ପୁଣି ଥରେ ଦୁଇ ଦିନ ପରେ, ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି,ଯାହା ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ଶର୍ମିଷ୍ଠା କହିଛନ୍ତି।

## Business

# ଅକ୍ଟୋବରରେ ୯.୨୮ ବିଲିୟନ ଡଲାର କାରବାର

■ ସ୍ୱଟ୍ ଫରେନ୍ ଏକ୍ସଚେଞ୍ଜ ମାର୍କେଟ୍‌ରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର, ୨୪।୧୨ (ଅନୁରାଧା ମହାରଣା)



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅକ୍ଟୋବରରେ ସ୍ୱଟ୍ ବୈଦେଶିକ ମୁଦ୍ରାବଜାରରେ ୯.୨୮ ବିଲିୟନ ଡଲାର ବିକ୍ରି କରିଛି। ମଙ୍ଗଳବାର ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ମାସିକ ବୁଲେଟିନ୍‌ରେ ଏହି ସୂଚନା ଦିଆଯାଇଛି। ଆର୍‌ବିଆଇ ଅକ୍ଟୋବରରେ ୨୭.୫ ବିଲିୟନ ଡଲାର କିଣି ୩୬.୭୮ ବିଲିୟନ ଡଲାର ବିକ୍ରି କରିଛି। ମାତ୍ର ସେପ୍ଟେମ୍ବରରେ ଆର୍‌ବିଆଇ ୯.୬୪ ବିଲିୟନ ଡଲାରର ନିଟ୍ କ୍ରୟ କରିଥିଲା। ବିନିମୟ ମୂଲ୍ୟରେ ଅତ୍ୟଧିକ ପରିବର୍ତ୍ତନକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ବୈଦେଶିକ ମୁଦ୍ରାବଜାରରେ ହସ୍ତକ୍ଷେପ କରିଥାଏ। ଗତ କିଛି ମାସ ହେବ ଭାରତୀୟ ଟଙ୍କା ସ୍ଥିରତା ବଜାୟ ରଖିବା ପାଇଁ ଆର୍‌ବିଆଇ ବୈଦେଶିକ ମୁଦ୍ରା ବଜାରରେ ହସ୍ତକ୍ଷେପ କରୁଛି। ଅକ୍ଟୋବରରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ୦.୩% ଦୁର୍ବଳ ହୋଇଛି। ଏହା ୮୩.୭୯ରୁ ୮୪.୦୯୫ ପରିସର ମଧ୍ୟରେ କାରବାର କରୁଥିବାବେଳେ ଅକ୍ଟୋବର ଶେଷରେ ଆର୍‌ବିଆଇର ନିଟ୍ ଫରୱାର୍ଡ ବିକ୍ରି ୪୯.୧୮ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ପୂର୍ବ ମାସ ଶେଷରେ ୧୪.୫୮ ବିଲିୟନ ଡଲାର ଥିଲା। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୫.୨୦୭୫କୁ ଖସି ଆସିଛି। କ୍ରମାଗତ ୬ଷ୍ଠ ଦିନ ପାଇଁ ଏହା ସର୍ବନିମ୍ନ ରହିଛି। ଦିନ ଶେଷ ସୁଦ୍ଧା ଟଙ୍କା ୮୫.୨୦ରେ ବନ୍ଦ ହୋଇଥିଲା।

# ଖସିଲା ଶେୟାର ବଜାର

ମୁମ୍ବାଇ, ୨୪।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୭.୩୦ ପଏଣ୍ଟ କମି ୭୮,୪୭୨.୮୭ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫.୮୦ ପଏଣ୍ଟ ହ୍ରାସ ଘଟି ୨୩,୭୨୭.୬୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ପଞ୍ଚଟାଭାକୁ ଆଚିଭର୍ସ ଆୱାର୍ଡ୍ସ



ସଞ୍ଜୟ ନାରାୟଣ ସିଂ

ନୂଆଦିଲ୍ଲୀ, ୨୪।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଦିଲ୍ଲୀର ଅଗ୍ରଣୀ ଆଡ୍ ଏଜେନ୍ସି ପଞ୍ଚଟାଭା ଆଡଭର୍ଟାଇଜିଂକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ଆଚିଭର୍ସ ଆୱାର୍ଡ' ମିଳିଛି। ଉଲ୍ଲେଖଯୋଗ୍ୟ, ଆଉଟ୍‌ଲୁକ ବିଜ୍‌ନେସ୍ ସ୍ପଟ୍‌ଲାଇଟର ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବ 'ଆଚିଭର୍ସ ଆୱାର୍ଡ୍ସ-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ପଞ୍ଚଟାଭାକୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଭାଜପାର ଜାତୀୟ ପ୍ରବକ୍ତା ସେହଜାଦ ପୁନାୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଆଉଟ୍‌ଲୁକ ବିଜ୍‌ନେସ୍‌ର ସମ୍ପାଦକ ନୀରଜ ଠାକୁର ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚଟାଭା ଆଡଭର୍ଟାଇଜିଂର ଏମ୍‌ଡି ସଞ୍ଜୟ ନାରାୟଣ ସିଂ ଅତିଥିଙ୍କଠାରୁ ଆଚିଭର୍ସ ଆୱାର୍ଡ୍ସ ସମ୍ମାନ ଗ୍ରହଣ କରିଥିଲେ।

ସେହିଭଳି ବିଜ୍ଞାପନ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଓ ଉଲ୍ଲେଖନୀୟ ଅବଦାନ ସାଙ୍ଗକୁ ଗୁଣବତ୍ତା କାର୍ଯ୍ୟଶୈଳୀ ପାଇଁ ପଞ୍ଚଟାଭାକୁ ଏହି ସମ୍ମାନ ଦିଆଯାଇଛି। ଏପରିକି ବିଗତ ଦିନରେ ମଧ୍ୟ ସଂସ୍ଥାର ଗୁଣବତ୍ତା କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ମଧ୍ୟ ସିଂ ସମ୍ମାନିତ ହୋଇଥିଲେ।

# ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୧୨ (ଅଭୟ ଦାଶ)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ର ନୂତନ ଶାଖା ନିକଟରେ କଟକ ନିକଟସ୍ଥ ଗୋପାଳପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅର୍ଥ ବିଭାଗର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରାଙ୍କ ସମେତ ଶାଖା ପ୍ରବନ୍ଧକ ସୌମ୍ୟରଞ୍ଜନ ବିଦ୍ଧାଣି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏପରିକି ଏହା ବିଶେଷକରି ଗ୍ରାହକ ସେବାକୁ ଅଧିକ ସୁଗମ କରିବା ସହ ଋଣ ବିତରଣରେ ମଧ୍ୟ ଉନ୍ନତି ଆଣିବ ଏବଂ ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରଗୁଡିକ ପାଇଁ ଟର୍ନ ଆରାଉଣ୍ଡ ଟାଇମ୍ (ଟିଏଟି) ହ୍ରାସ କରିବ। ଏହାଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଅଧିକ ବୃଦ୍ଧି ପାଇବ। ସେହିଭଳି ବିଓଏମ୍ ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତି ଜାହିର କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଘୋଷଣା କରାଯାଇଛି। ସେହିପରି ଶାଖା ଏବଂ ଅନ୍ୟାନ୍ୟ ଚ୍ୟାନେଲଗୁଡିକର ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ମାଧ୍ୟମରେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାରେ ଏହା ବେଶ୍ ସହଯୋଗ କରିବ ବୋଲି ସେ କହିଛନ୍ତି।

# ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ନୀତା

ମୁମ୍ବାଇ, ୨୪।୧୨



ନୀତା ଏମ୍ ଅମ୍ବାନୀ

ରିଲାଏନ୍ସ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ଚେୟାରମ୍ୟାନ୍ ନୀତା ଏମ୍ ଅମ୍ବାନୀ ୨ ଦିନିଆ ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ବୋଲି ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ (ଆଇସିଏଚ୍) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୫ ଓ ୧୬ରେ ଆମେରିକାର ବୋଷ୍ଟନଠାରେ ହେବାକୁ ଥିବା ସମ୍ମାନଜନକ ହାର୍ଭାର୍ଡ ଇଣ୍ଡିଆ କନଫରେନ୍ସ (ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ ବା ଆଇସିଏଚ୍)ର ୨୨ତମ ଏଡିଶନରେ ନୀତା ଅମ୍ବାନୀ ଭାରତର ବିଶ୍ୱ ଶକ୍ତି ଏବଂ ସମ୍ଭାବନା ଉପରେ ନିଜର ମତ ରଖିବେ। ଏପରିକି ଚଳିତ ଥରର ବିଷୟ ବସ୍ତୁ (୨୦୨୫ର ଥିମ୍) 'ଭାରତରୁ ବିଶ୍ୱ ପର୍ଯ୍ୟନ୍ତ' ଶୀର୍ଷକ ରଖାଯାଇଛି।

ଏ ସମ୍ପର୍କରେ ସମ୍ମିଳନୀର ସହ-ଚେୟାରମ୍ୟାନ୍ ଆୟୁଷ ଶୁକ୍ଳା କହିଛନ୍ତି, ଏହି ମଞ୍ଚ ଭାରତର ବୈଷୟିକ ପ୍ରଗତି, ସାଂସ୍କୃତିକ ବିବିଧତା ଏବଂ ସାମୁଦାୟିକ ଦୃଷ୍ଟିକୋଣକୁ ବିଶ୍ୱସ୍ତରରେ ପ୍ରଦର୍ଶିତ କରିବାର ସୁଯୋଗ ପ୍ରଦାନ କରିଥାଏ। ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତ ଉପରେ ପର୍ଯ୍ୟବସିତ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ସବୁଠାରୁ ପ୍ରଭାବଶାଳୀ ସମ୍ମିଳନୀ ମଧ୍ୟରେ ହାର୍ଭାର୍ଡ ଇଣ୍ଡିଆ କନ୍‌ଫରେନ୍ସ ଅନ୍ୟତମ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହଭଳି ନୀତା ଅମ୍ବାନୀଙ୍କ ସହ ଫାୟାରସାଇଡ ବାର୍ତ୍ତାଳାପରେ ଭାରତ ବିଶ୍ୱସ୍ତରର ଭୂମିକା ଏବଂ ଦୃଷ୍ଟିକୋଣ ଉପରେ ମଧ୍ୟ ଆଲୋଚନା କରାଯିବ। ଏହା ସହ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ନେଇ ଏକ ପଲିସି ହ୍ୟାକାଥନ୍ ଏବଂ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ଏକ ଷ୍ଟାର୍ଟଅପ୍ ପିଚ୍‌ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ।

ସେହିପରି ନୀତା ତାଙ୍କ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ୮କୋଟିରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛନ୍ତି। ନିକଟରେ ନିଜର ସଫଳ ଉଦ୍ୟମ ବଳରେ ସେ ୪ ଦଶନ୍ଧି ପରେ ଭାରତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଅଧିବେଶନ ଆୟୋଜନ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଆବେଦନକୁ ମଜଭୁତ କରିଛନ୍ତି। ଏପରିକି ତାଙ୍କର ଏହି ସଫଳତା ଭାରତର ବିଶ୍ୱ ପ୍ରଭାବ ଏବଂ ନେତୃତ୍ୱ ସାମର୍ଥ୍ୟର ପ୍ରତୀକ ବୋଲି କୁହାଯାଉଛି।

ଆୟୋଜକଙ୍କ ସୂଚନା ଅନୁସାରେ ୮୦ରୁ ଅଧିକ ବକ୍ତା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ପ୍ରତିଷ୍ଠାତା ଡିନ୍ ପ୍ରମଥ ରାଜ ସିହ୍ନା, ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ଅନିଶ ଚୌହାନ, ଫ୍ୟାଶନ୍ ଡିଜାଇନର୍ ସାବ୍ୟାସାଚୀ ମୁଖାର୍ଜୀ ଏବଂ ଅଞ୍ଜଳି ବଂଶଲ ପ୍ରମୁଖ ସାମିଲ ରହିଛନ୍ତି।

# ଆଜି ସରିବ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋ

ଭୁବନେଶ୍ୱର, ୨୪।୧୨

ପ୍ରତି ବର୍ଷ ଭଳି ଚଳିତ ମଧ୍ୟ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋ-୨୦୨୪ ବୁଧବାର ଆନୁଷ୍ଠାନିକ ଭାବେ ଶେଷ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, କାମଧେନୁ ଖଦି ଉଲ ପାନିପଥ ପକ୍ଷରୁ ଆୟୋଜିତ ଏହି ମାସିକିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଶୁଭାରମ୍ଭ ୨୦୨୪ ନଭେମ୍ବର ୨୪ରୁ ଆରମ୍ଭ ହୋଇଥିଲା।

ଏପରିକି ବର୍ତ୍ତମାନର ପାଣିପାଗ ଓ ପରିବେଶ ଯୋଗୁ ମେଳାର ଅବଧି ପୂର୍ବରୁ ଦିନକ ପାଇଁ ହ୍ରାସ କରାଯାଇଥିଲାବେଳେ ବୁଧବାର ଏହି ମେଳା ଆନୁଷ୍ଠାନିକ ଭାବେ ଶେଷ ହେଉଛି। ସକାଳ ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଏହି ମେଳା ସର୍ବସାଧାରଣ ଓ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି।

ସେହିଭଳି ଏହି ମେଳାରେ ୧୭ ରାଜ୍ୟର ବୁଣାକାର ସଂଘ, ବ୍ୟବସାୟୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନର ଆକର୍ଷଣୀୟ ଷ୍ଟଲ୍ ସାଙ୍ଗକୁ ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଓ ପୋଷାକ ସମ୍ଭାର ଉପଲବ୍ଧ ରହିଛି। ଏପରିକି ଗ୍ରାହକଙ୍କ ପାଇଁ ଆୟୋଜକଙ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଓ ଅତିରିକ୍ତ ସୁବିଧା ସାଙ୍ଗକୁ ଲୋକପ୍ରିୟ ବ୍ରାଣ୍ଡର ଶାଢ଼ି, ପୋଷାକ, ଘରକରଣା ସାମଗ୍ରୀ ଓ ଆସବାବପତ୍ର ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ସେହିପରି ଓଡ଼ିଶା ସମେତ ପୁଡୁଚେରୀ, ତେଲଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ପଞ୍ଜାବ, ଆସାମ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ଉତ୍ତରପ୍ରଦେଶ, ହରିୟାଣା ଏବଂ ଜମ୍ମୁ-କଶ୍ମୀର ଭଳି ରାଜ୍ୟର ଲୋକପ୍ରିୟ ପୋଷାକ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ବୋଲି କାମଧେନୁ ଖଦି ଉଲ୍ ପାନିପଥର ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ସନ୍ତୋଷ ଟ୍ରଫି ଫୁଟବଲ**

ଭୁବନେଶ୍ୱର, ୨୪।୧୨ (ତପନ ସ୍ୱାଇଁ)

ହାଇଦ୍ରାବାଦର ଡେକାନ ଆରେନାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା-ମେଘାଳୟ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଗୋଆ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ ଡ୍ର ରହିବାପରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୬ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗକୁ ଭେଟିବ। ମଣିପୁର-ଦିଲ୍ଲୀ, କେରଳ-ଜମ୍ମୁ କଶ୍ମୀର ଓ ମେଘାଳୟ-ସର୍ଭିସେସ ମଧ୍ୟରେ ଅନ୍ୟ ୩ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

ଗତ ୧୫ ତାରିଖରେ ଦିଲ୍ଲୀ ନିକଟରୁ ୦-୨ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୋଆକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେବେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରି ଦଳ ତୃତୀୟ ମ୍ୟାଚରେ କେରଳଠାରୁ ୦-୨ ଗୋଲରେ ହାରି ଯାଇଥିଲା। ୪ର୍ଥ ମ୍ୟାଚକୁ ତାମିଲନାଡୁ ବିପକ୍ଷରେ ୧-୧ ଗୋଲରେ ଡ୍ର ରଖିଥିଲା। ୫ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୨ ପରାଜୟ ସହ ଓଡ଼ିଶା ଦଳ ୫ ପଏଣ୍ଟ ପାଇ ଗ୍ରୁପ୍ 'ବି' ଟେବୁଲର ୪ର୍ଥ ସ୍ଥାନରେ ରହିଛି। କେରଳ, ମେଘାଳୟ ଓ ଦିଲ୍ଲୀ ପ୍ରଥମ ୩ ସ୍ଥାନରେ ରହି କ୍ୱାର୍ଟର ଫାଇନାଲକୁ ପୂର୍ବରୁ ଯୋଗ୍ୟତା ଅର୍ଜନ କରି ସାରିଥିଲେ।

# ସେଣ୍ଟ୍ରାଲ ରେଲୱେ ବମ୍ବେ ଚାମ୍ପିୟନ

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ**

ଢେଙ୍କାନାଳ, ୨୪।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ସେଣ୍ଟ୍ରାଲ ରେଲୱେ ବମ୍ବେ ଦଳ କେଏସ୍ଇବି କେରଳକୁ ୩-୧ ଗୋଲରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି । ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଜୟୀ ସେଣ୍ଟ୍ରାଲ ରେଲୱେ ବମ୍ବେ ପକ୍ଷରୁ ସାହାବାଜ୍ ପଠାନ, କମଲେଶ ପି. ଓ ଅବଦୁଲ ସୁଫିଆନ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ କେଏସ୍ଇବି କେରଳ ପକ୍ଷରୁ ବିଘ୍ନେଶ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚକୁ ରେଫରୀ ସୁବ୍ରତ କୁମାର ପୁରୋହିତ, ପ୍ରଦୀପ୍ତ ନାୟକ, ଶଶିକାନ୍ତ ଦାଶିଆ ଓ ଅରୁଣ ନାୟକ ପରିଚାଳନା କରିଥିଲେ। ଅନିଲ ପ୍ରସାଦ ନନ୍ଦ ମ୍ୟାଚ କମିଶନର ରହିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାମ୍ପିୟନ ସେଣ୍ଟ୍ରାଲ ରେଲୱେ ଦଳକୁ ଚାମ୍ପିୟନ ଟ୍ରଫି ସହ ୧ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କୃତ କରିଥିଲେ । ସେହିପରି ରନରଅପ୍ କେଏସ୍ଇବି କେରଳ ଦଳକୁ ରନରଅପ୍ ଟ୍ରଫି ସହ ୬୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବରେ କେଏସ୍ଇବି କେରଳ ଦଳର ବିଘ୍ନେଶଙ୍କୁ ଇଂ ଅଶୋକ କୁମାର ଦାସ ପୁରସ୍କୃତ କରିଥିଲେ ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ସେଣ୍ଟ୍ରାଲ ରେଲୱେ ବମ୍ବେର ଅବଦୁଲ ସୋଫିଆନଙ୍କୁ ଡ. ବିଧାନ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଟ୍ରଫି ସହ ୫ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏମ୍ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ବିଶିଷ୍ଟ ଶିଳ୍ପପତି ବିଶ୍ୱଜିତ ପଟ୍ଟନାୟକ, ଜିଲା କ୍ରୀଡା ସଂଘ ଉପସଭାପତି ତଥା ଏସ୍ପି ଅଭିନବ ସୋନକର ପ୍ରମୁଖ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସଭାପତି ତଥା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଓଡିଶା ପୋଲିସର ପୂର୍ବତନ ରାଜ୍ୟ ଭଲିବଲ ଖେଳାଳି ଓ କୋଚ୍ ବାବୁଲି ସାହୁ, ପୂର୍ବତନ ରାଜ୍ୟ ଫୁଟବଲ ଖେଳାଳି ଅଭୟ କୁମାର ରାଉତଙ୍କୁ ଜିଲା କ୍ରୀଡା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥାଲା । ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠି ଓ ଅଭିଜିତ ମିଶ୍ର, ସରୋଜ କୁମାର ପାଠୀ, ସୁନୀଲ ପଣ୍ଡା, ପ୍ରତାପ ମହାନ୍ତି ଓ ବାବୁ ପାଢ଼ୀ, ସୁଶାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଚାମ୍ପିୟନ ସେଣ୍ଟ୍ରାଲ ରେଲୱେ ବମ୍ବେ ଦଳକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ରଫି ପ୍ରଦାନ କରୁଛନ୍ତି।


# ଭାରତ ସିରିଜ ବିଜୟୀ

**ଦିନିକିଆ ମହିଳା କ୍ରିକେଟ**

ଭଦୋଦରା, ୨୪।୧୨

ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ସିରିଜ ବିଜୟୀ ହୋଇଛି। ହର୍ଲିନ ଦେଓଲଙ୍କ ଶତକ ସହାୟତାରେ ଭାରତ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୧୧୫ ରନରେ ପରାସ୍ତ କରିଛି। ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୮ ରନ କରିଥିଲା। ଜବାବରେ ଅଧିନାୟିକା ହିଲି ମାଥ୍ୟୁସଙ୍କ ଶତକ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୪୬.୨ ଓଭରରେ ୨୪୩ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ମାଥ୍ୟୁସ ୧୦୯ ବଲ୍‌ରୁ ୧୦୬ (୧୩ ଚୌକା) ରନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଦିନିକିଆ ମ୍ୟାଚ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ୩୫୮ ରନକରି ଭାରତ ମହିଳା ଦିନିକିଆ କ୍ରିକେଟରେ ଏହାର ସର୍ବାଧିକ ସ୍କୋରର ସମକକ୍ଷ ହୋଇଛି। ୨୦୧୭ ମେ ୧୫ରେ ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରୁମରେ ଆୟର୍ଲାଣ୍ଡ ବିପକ୍ଷରେ ଭାରତ ୨ ଉଇକେଟ ହରାଇ ୩୫୮ ରନ କରିଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ କିନ୍ତୁ କୌଣସି ମହିଳା କ୍ରିକେଟ ଦଳପାଇଁ ଏହା ସର୍ବାଧିକ ସ୍କୋର। ମହିଳା ଦିନିକିଆରେ ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡ ନାମରେ ରହିଛି। ୨୦୧୮ ଜୁନ୍ ୮ରେ ଡବଲିନ୍‌ଠାରେ ଆୟର୍ଲାଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ଦଳ ୪ ଉଇକେଟ ହରାଇ ୪୯୧ ରନ କରିଥିଲା।

ଟସ୍‌ଜିତି ବ୍ୟାଟିଂ ନେଇଥିବା ଭାରତ ଓପନିଂ ଯୋଡ଼ିରେ ୧୧୦ ରନ ଯୋଗକରି ବଡ଼ ସ୍କୋର ପାଇଁ ଦୃଢ଼ ଭିତ୍ତି ପକାଇଥିଲା। ଉପ ଅଧିନାୟିକା ସ୍ମୃତି ମନ୍ଧାନା ୪୭ ବଲ୍‌ରୁ ୫୩ ରନକରି ରନ୍ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସ୍ମୃତି ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୨ ଛକା ମାରିଥିଲେ। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଖେଳୁଥିବା ପ୍ରତିକା ରାୱଲ ମଧ ଚମତ୍କାର ଖେଳି ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୮୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୧ ଛକା ସହାୟତାରେ ୭୬ ରନ କରିଥିଲେ। ପୂର୍ବ ମ୍ୟାଚରେ କରିଥିବା ୪୦ ରନ ତାଙ୍କର ସର୍ବାଧିକ ସ୍କୋର ଥିଲା। କ୍ୟାରିୟରର ୧୫ଶ ମ୍ୟାଚରେ ଶ୍ରେଷ୍ଠ ଇନିଂସ ଖେଳି ଜୀବନର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ ହର୍ଲିନ ଦେଓଲ। ସେ ୧୦୩ଟି ବଲ୍ ଖେଳି ୧୬ ଚୌକା ସହ ୧୧୫ ରନ କରିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୭୭। ଅଧିନାୟିକା ହରମନପ୍ରୀତ କୌର ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରି ୨୨ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ଜେମିମା ରୋଡ୍ରିଗ୍ସେଜଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଭାରତକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ରୋଡ୍ରିଗ୍ସେଜ ୩୬ ବଲ୍‌ରୁ ୫୨ (୬ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ରିଚା ଘୋଷ ୬ ବଲ୍‌ରୁ ୧୩ ଓ ଦୀପ୍ତି ଶର୍ମା ୪ ରନରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଡିଅଣ୍ଡ୍ରା ଡୋଟିନ, ଆଫି ଫ୍ଲେଚର, ଜାଇଦା ଜେମ୍ସ ଓ କ୍ୱିନା ଜୋସେଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ଅବସରରେ ହର୍ଲିନ ଦେଓଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୫୮/୫ (ହର୍ଲିନ ଦେଓଲ-୧୧୫, ପ୍ରତିକା ରାୱଲ-୭୬, ସ୍ମୃତି ମନ୍ଧାନା-୫୩, ଜେମିମା ରୋଡ୍ରିଗ୍ସେଜ-୫୨, ଡିଅଣ୍ଡ୍ରା ଡୋଟିନ-୧/୫୩, ଆଫି ଫ୍ଲେଚର-୧/୩୮, ଜାଇଦା ଜେମ୍ସ-୧/୫୭, କ୍ୱିନା ଜୋସେଫ-୧/୨୭)। ୱେଷ୍ଟଇଣ୍ଡିଜ ୪୬.୨ ଓଭରରେ ୨୪୩/ଅଲଆଉଟ (ହିଲି ମାଥ୍ୟୁସ-୧୦୬, ଶେମେନ କ୍ୟାମ୍ପବେଲ-୩୮, ପ୍ରିୟା ମିଶ୍ର-୩/୪୯, ଟିଟାସ ସିଧୁ-୨/୪୨, ଦୀପ୍ତି ଶର୍ମା-୨/୪୦, ପ୍ରତୀକା ରାୱଲ-୨/୩୭, ରେଣୁକା ସିଂ-୧/୪୧)।


# Classified Everyday
0674-2580101, 9692975378


MATRIMONIAL

**GROOM WANTED**

Wanted Doctor, Engineer, Officers groom for beatutiful Gopal girl, 24, 5'4", BPT. "SUNASANSAR", 9937512659. D-2382


REAL ESTATE

**SALE**

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Triplex, 10 years old, in Bomikhal, Bhubaneswar inside Gated Community at reasonable price. Call-8917520527. D-2374


**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call-9437631769.** D-2373

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2372

**Gharabari converted plots available near Hitech Square, Sundarpada, Bhubaneswar. For more details contact-7978874990, 9777554170.** D-2371

**BUSINESS**

Trusted Nanny, Nurse, Physiotherapist and Domestic Helper Services. Experienced Nannies/ Nurses for children, elderly/ patients. 24x7 support. Reliable, professional. Call: 6370871887. D-2383




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

**AFFIDAVIT**

By virtue of an affidavit sworn before the Executive Magistrate, Saintala dated 21.12.2024, I, Satyashila Majhi, resident of village At- Dangarmunda, P.O.- Kuanrgaon, P.S.- Saintala, Dist.- Balangir (Odisha), Pin - 767032 declare that I have changed my name from Jagita Bhoi to Satyashila Majhi. Henceforth, I shall be known as Satyashila Majhi for all purpose. Satyashila Majhi D-2378

By virtue of an affidavit sworn before Executive Magistrate, Bhubaneswar dated 24.12.2024, I Buridi Anji, Address: Old Station Bazar, Mochisahi, P.O.- Budhanagar, P.S.- Laxmisagar, Bhubaneswar - 751006 declared that I have changed my name from B Anji to Buridi Anji. Henceforth, I shall be known as Buridi Anji for all purposes. Buridi Anji D-2380

By virtue of an affidavit sworn before Executive Magistrate, Bhubaneswar dated 24.12.2024, I Buridi Anuradha, Address: Old Station Bazar, Mochisahi, P.O.- Budhanagar, P.S.- Laxmisagar, Bhubaneswar - 751006 declared that I have changed my name from Gurrala Anuradha to Buridi Anuradha. Henceforth, I shall be known as Buridi Anuradha for all purposes. Buridi Anuradha D-2381

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**COURT NOTICE**
**[U/o 5 Rule-20 CPC]**
**IN THE COURT OF JUDGE, FAMILY COURT, SAMBALPUR**
**C.M.C. Case No.36/2023**
Lilima Bag @ Behera ... ... Dh.R.
Vrs.
Kumar Behera ... ... Jd.R.
To Kumar Behera, S/o Mahimanta Behera, At- Sidhapur, P.O.- Sarsara, P.S. Town, Dist.- Boudh

Whereas it has proved to satisfaction of the Court that the respondent above named can not served in the ordinary way of service. Hence, this proclamation under Order 5 Rule 20 C.P.C. is hereby issued against him and should appear personally or through their counsel on dtd. 17th Jan. 2025 at 10.30 A.M. Take notice that in default of his appearance on the day before mentioned, the above said case will be heard and determined in his absence according to law.

Give under my hand and seal of the Court, this 18th day of December, 2024.
**Sd./- JUDGE**
D-2376

See Career Appointment on every Wednesday & Saturday

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ୱ ଡଃ ପ୍ରଫେସର ବୈଷ୍ଣବ ଚରଣ ସିଂହ**
ପିତା: ୱ ଦୀନବନ୍ଧୁ ସିଂହ
କଟରାମଲ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧.୦୨.୧୯୪୭
ତିରୋଧାନ: ୧୫.୧୨.୨୦୨୪
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ଆପଣ ଚାଲିଗଲେ । ଆପଣଙ୍କ ସ୍ମୃତି ଭୁଲିବାର ନୁହେଁ। ପ୍ରଭୁ ଆପଣଙ୍କ ଆତ୍ମାକୁ ଶାନ୍ତିରେ ରଖନ୍ତୁ, ତାଙ୍କ ଚରଣ ତଳେ ଅଶ୍ରୁଳ ପ୍ରାର୍ଥନା ।
**ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିଜନ**
ଧ-୭୬୪୦୨

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍**
N2-146, IRC Village, BBSR-15
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଦିନ ପରେ ଦିନ, ମାସ ପରେ ମାସ
ବିତିଯାଏ କେତେ ଯେ ବରଷା ଲୁଟିଗଲ ଦୂର
ଦିଗ୍‌ବଳୟ ତଳେ ଆମ୍ଭେ ହେଲୁ ଚିର ନିଃସ୍ୱ।।
ସଦ୍‌ଗତି କାମନା କରୁ ଅମର ଆତ୍ମାର
ଈଶ୍ୱରଙ୍କ ପାଖେ ନିତି ନିରନ୍ତର।
**ଶୋକସନ୍ତପ୍ତ:** ବାପା, ବୋଉ, ଇପ୍‌ସା, ଶ୍ରେୟା, ଈଶାନ ଓ ପରିବାରବର୍ଗ ।
ଧ-୨୩୬୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧରଣୀଧର ପଣ୍ଡା**
ଚଷାଖଣ୍ଡ, ମନ୍ତୋ, ଭଦ୍ରକ
ଆବିର୍ଭାବ- ୧୫।୧୨।୧୯୬୦
ତିରୋଧାନ- ୨୫।୧୨।୨୦୨୩
ଚାହୁଁ ଚାହୁଁ ଗୋଟେବର୍ଷ ଅତିବାହିତ ହୋଇଯାଉଛି। ତୁମର ସ୍ମୃତି ପ୍ରତି ମୁହୂର୍ତ୍ତରେ ଆମ ପାଇଁ ଜୀବନ୍ତ ହୋଇରହିଛି। ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ଆଦର୍ଶ, ଭଗବତ୍ ପ୍ରୀତି, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ହୃଦୟରେ ଅଭୁଲା ସ୍ମୃତି ହୋଇରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ପ୍ରଭୁ ଚୈତନ୍ୟଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ପତ୍ନୀ- ସୁରୁଚି, ଭାଇ- ତରଣୀ, ବୋହୂ- ନିର୍ଲିପ୍ତା, କନ୍ୟା- ପ୍ରିୟଙ୍କା, ପୁତ୍ର- ପ୍ରଥିତ, ପାର୍ଥ, ନାତି- କ୍ରିତିକ୍, ଜ୍ୱାଇଁ- ବାବୁଲୁ ଓ ସମସ୍ତ ପଣ୍ଡା ପରିବାରବର୍ଗ ।
ଧ-୨୩୮୪


**ଖେଳରତ୍ନ ପୁରସ୍କାର ବିବାଦ**

# ପ୍ରାର୍ଥୀ ପତ୍ରରେ ତ୍ରୁଟି ଥାଇପାରେ: ଭାକର

**ନୂଆଦିଲ୍ଲୀ, ୨୪।୧୨ (ପି.ଟି.):** ଜାତୀୟ କ୍ରୀଡ଼ା ପୁରସ୍କାର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ଆଶାୟୀମାନଙ୍କ ତାଲିକାରେ ପ୍ୟାରିସ ଅଲିମ୍ପିକ୍ସ ଡବଲ୍ସ ବ୍ରୋଞ୍ଜ ପଦକ ବିଜେତା ମନୁ ଭାକରଙ୍କ ନାମ ସ୍ଥାନ ପାଇ ନ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଦିନକ ପରେ ଦୋଷ ଘୋଡ଼ାଇବାକୁ ଯାଇ କ୍ରୀଡ଼ା ମନ୍ତ୍ରଣାଳୟ କହିଛି ପୁରସ୍କାର ବିଜେତାଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ନାହିଁ। ଏଣେ ସ୍ୱୟଂ ମନୁ ଭାକର ନିଜେ କହିଛନ୍ତି, ପ୍ରାର୍ଥୀପତ୍ର ଦାଖଲରେ କେଉଁ ତ୍ରୁଟି ରହିଥାଇପାରେ ଏପରି ପରି ଫର୍ମ ପୂରଣରେ ସେ ନିଜେ ମଧ କିଛି ଭୁଲ କରିଥାଇପାରିନ୍ତି। ତାଙ୍କ ନାମ କାହିଁକି ଆଶାୟୀ ଆଥଲେଟ ତାଲିକାରେ ସ୍ଥାନ ପାଇ ନ ଥିଲା ୨୨ବର୍ଷୀୟା ପିସ୍ତଲ ଶୁଟର ମନୁ ଭାକର ସୋସିଆଲ ମିଡିଆରେ ତାଙ୍କ ସଫେଇରେ ଏକଥା ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜଣେ ଆଥଲେଟ ହିସାବରେ ଦେଶ ପାଇଁ ଖେଳିବା ଏବଂ ଭଲ ପ୍ରଦର୍ଶନ କରିବା ହେଉଛି ତାଙ୍କର ପରମ କର୍ତ୍ତବ୍ୟ। ପ୍ରାର୍ଥୀ ପତ୍ରରେ ରହିଥିବା ତ୍ରୁଟିର ସଂଶୋଧନ ଚାଲିଥିବା ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରକାଶ କରିଛନ୍ତି।

# ଏନ୍‌ଆର୍‌ଆଇର ୩ ଉନ୍ନତ ଧାନ କିସମ


ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ କିସମ ବିମୋଚନ କାର୍ଯ୍ୟକ୍ରମରେ ୧୦୯ଟି ଜୈବ ସମ୍ବନ୍ଧିତ ଅଧିକ ଅମଳକ୍ଷମ, ଜଳବାୟୁ ପ୍ରତିରୋଧକ କିସମର ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ତାଲିକାରେ ରହିଛି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ତିନୋଟି ଧାନ କିସମ। ସେଗୁଡିକ ହେଲା – 'ସିଆର୍ ଧାନ ୧୦୮', 'ସିଆର୍ ଧାନ ୮୧୦' ଏବଂ ସିଆର୍ ଧାନ ୪୧୬'। ସୂଚନା ଅନୁସାରେ ସିଆର୍ ଧାନ ୧୦୮ ହେଉଛି ଓଡ଼ିଶା ଏବଂ ବିହାର ପାଇଁ ମରୁଡ଼ି ସହନଶୀଳ ଧାନ କିସମ। ସେହିପରି ସିଆର୍ ଧାନ ୮୧୦ (ଗାୟତ୍ରୀ ସବ୍-୧)




ହେଉଛି ଜଳମଗ୍ନ ସହନଶୀଳ କିସମ। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆସାମର ବନ୍ୟାପ୍ରବଣ ନିମ୍ନଭୂମି ଅଞ୍ଚଳ ପାଇଁ ଏହା ଉପଯୁକ୍ତ। ଅନ୍ୟପକ୍ଷରେ ସିଆର୍ ଧାନ ୪୧୬ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ଗୁଜରାଟର ଲବଣ ପ୍ରଭାବିତ ମୃତ୍ତିକା ପାଇଁ ଉପଯୁକ୍ତ।

# ଦେଶର ପ୍ରଥମ ଶସ୍ୟ ଏଟିଏମ୍

ଚଳିତ ବର୍ଷ ଭୁବନେଶ୍ୱରରେ ଏକ ଶସ୍ୟ ଏଟିଏମ୍ ଖୋଲାଯାଇଥିଲା। ଏହା ଆମ ଦେଶର ପ୍ରଥମ ଶସ୍ୟ ଏଟିଏମ୍। ଏଟିଏମ୍‌ରୁ ଟଙ୍କା ଉଠାଇଲା ଭଳି ଏଥିରୁ ଚାଉଳ ବାହାରୁଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀମାନେ ଚାହିଁଲେ ଉକ୍ତ ମେଶିନରୁ ଚାଉଳ ଉଠାଇପାରିବେ। ମଞ୍ଚେଶ୍ୱରସ୍ଥିତ ଚାଉଳ ଗୋଦାମଠାରେ ଏହାକୁ ସ୍ଥାପନ କରାଯାଇଛି। ଜଣେ ହିତାଧିକାରୀ ନିଜ କାର୍ଡ ନମ୍ବର ଏଥିରେ ଉଲ୍ଲେଖକରି ଅଥବା ଅଙ୍ଗୁଳି ସ୍କାନ୍ କରି ଚାଉଳ ଉଠାଇପାରିବେ। ଏହି ଏଟିଏମ୍‌ରୁ ନିର୍ଭୁଲ୍ ଭାବରେ ୫ ମିନିଟ୍‌ରେ ୫୦ କି.ଗ୍ରା. ଚାଉଳ ବାହାରିପାରିବ। ଏହି ଏଟିଏମ୍ ୨୪ ଘଣ୍ଟା କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।



# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ଗୋପାଳକଙ୍କ ପାଇଁ ଏକାଧିକ ଆର୍ଥିକ ସହାୟତା କାର୍ଯ୍ୟକ୍ରମର ଶୁଭାରମ୍ଭ।
ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଗାଈ, ମଇଁଷିଙ୍କ ବୀମାକରଣ ଲାଗି ୮୫ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଗୋପାଳନ ପାଇଁ ୫୦ ପ୍ରତିଶତ ରିହାତି ସହ ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ବ୍ୟବସ୍ଥା ହୋଇଛି। ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତି ଦରରେ ବାଛୁରୀ ଦାନା ଯୋଗାଣ ବ୍ୟବସ୍ଥା ରହିଛି। ଦୁଗ୍ଧ ଉତ୍ପାଦନ ଅଭାବୀ ସମୟରେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ



ଲିଟର ପ୍ରତି ଅତିରିକ୍ତ ୫ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଉଭୟ ଋତୁକାଳୀନ ଓ ସବୁଦିନିଆ ଘାସଚାଷ ପାଇଁ ବାର୍ଷିକ ୨ ଲକ୍ଷ ମିନିକିଟ୍ ବିନା ଦେୟରେ ବଣ୍ଟନ କରାଯାଉଛି। ଘାସଚାଷ ଉଦ୍ୟୋଗ ପାଇଁ ଏକର ପ୍ରତି ୩୫,୦୦୦ ଟଙ୍କା (୧ମ ବର୍ଷ ୧୫,୦୦୦ ଟଙ୍କା, ୨ୟ ବର୍ଷ ୧୨,୦୦୦ ଟଙ୍କା, ୩ୟ ବର୍ଷ ୮,୦୦୦ ଟଙ୍କା) ର ସହାୟତା ବ୍ୟବସ୍ଥା ରହିଛି।

# ଓଡ଼ିଶାର ପ୍ରଥମ ହାଇଜେନିକ୍ ଫିଶ୍ ମାର୍କେଟ



ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ ଅଧୀନ ବାହାର୍ଦ୍ଦା କୃଷି ଫାର୍ମଠାରେ ଓଡ଼ିଶାର ପ୍ରଥମ ଏବଂ ଭାରତର ଦ୍ୱିତୀୟ ହାଇଜେନିକ୍ ଫିଶ୍ ମାର୍କେଟର ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ଆମ ରାଜ୍ୟର ମାଛଚାଷୀମାନେ ଏଠାରେ ବିଭିନ୍ନ ପ୍ରକାର ମାଛ ଚାଷକରିପାରିବେ। ଏଥିପାଇଁ ୨୦ ଏକର ଜମିରେ ଏହି ଅତ୍ୟାଧୁନିକ ଫିଶ୍ ମାର୍କେଟ ସ୍ଥାପନ କରାଯିବ। ଏଥିପାଇଁ ୬୮.୨୫କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ମାର୍କେଟ କାର୍ଯ୍ୟକ୍ଷମ ହେଲେ ପ୍ରତିଦିନ ପ୍ରାୟ ୨୫,୦୦୦ ମେଟ୍ରିକ ଟନ୍ ମାଛ ଆମଦାନୀ ହେବ। ଏଠାରେ ୪୦ଟି ଘର, ୧୩୨ଟି ମଣ୍ଡି, କାର୍ଯ୍ୟାଳୟ,ପାର୍କିଂ, ସୋଲାର ପାୱାର, ବୋର୍‌ୱେଲ୍, ୱାଟର ସପ୍ଲାଏ ଆଦି ସୁବିଧା ସୁଯୋଗ ରହିବ।

## ଶେଷାର୍ଦ୍ଧରେ ଉପନୀତ ୨୦୨୪। ଚଳିତ ବର୍ଷ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

# ଦୃଷ୍ଟାନ୍ତ

# ନୂତନ ପ୍ରଜାତିର ଜିଆ

କୋରାପୁଟର ପୂର୍ବଘାଟ ପର୍ବତମାଳାରୁ ୨ଟି ନୂଆ ପ୍ରଜାତିର ଜିଆ ଚଳିତ ବର୍ଷ ଆବିଷ୍କୃତ ହୋଇଛି। କେରଳ କୋଟ୍ଟାୟମସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ସହଯୋଗରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ଗବେଷକ ମଗୋସ୍କୋଲେକ୍ସ ଜିଆର ୨ ନୂଆ ପ୍ରଜାତିକୁ ଠାବକରିଛନ୍ତି। ଏହି ନୂତନ ଭାବରେ ମିଳିଥିବା ଜିଆଦ୍ୱୟର ନାମ ରହିଛି– ମେଗାସ୍କୋଲେକ୍ସ ଜୟପୋରୋଘାଟିଏନ୍ସିସ ଏବଂ ମେଗାସ୍କୋଲେକ୍ସ କ୍ୱାଦରିପାପିଲାଟସ୍। ଗୋଟିଏ ପ୍ରଜାତି କୋରାପୁଟ ଜିଲା ଜୟପୁର ଘାଟି ଏବଂ ଅନ୍ୟଟି ରାଣୀ ଡୁଡୁମାରେ ହିଁ ଦେଖାଯାଇଛି। ଏହି ଆବିଷ୍କାର ସହ ମୋଟ ମେଗାସ୍କୋଲେକ୍ସ ପ୍ରଜାତି ଜିଆ ସଂଖ୍ୟା ୭୦କୁ ବୃଦ୍ଧି ପାଇଛି।



# ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନା

କୁକୁଡ଼ା, ବତକ, ଛେଳି ଓ ଘୁଷୁରି ପାଳନ ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି। ଘର ଅଗଣାରେ କୁକୁଡ଼ା ଓ ବତକ ପାଳନ ଲାଗି ୧୦୦ ପ୍ରତିଶତ ସହାୟତା ବ୍ୟବସ୍ଥା ରହିଛି। ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ଛେଳି/ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ୬୦ ପ୍ରତିଶତ ସହାୟତା ବ୍ୟବସ୍ଥା ରହିଛି। ଅଣ୍ଡାଦିଆ କୁକୁଡ଼ା (ବ୍ରଏଲର କୁକୁଡ଼ା କ୍ଷମତା ବିଶିଷ୍ଟ) ଓ ବତକ ଫାର୍ମ (୧୦୦୦ କ୍ଷମତା ବିଶିଷ୍ଟ) ପ୍ରତିଷ୍ଠା ପାଇଁ ୫୦ ରୁ ୬୦ ପ୍ରତିଶତ ସହାୟତା ବ୍ୟବସ୍ଥା କରାଯାଇଛି। କୁକୁଡ଼ା ଚିଆଁ ପାଳନ କେନ୍ଦ୍ର ଓ କୁକୁଡ଼ା ଦାନା କାରଖାନା ପାଇଁ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଛେଳି (୧୦+୧) ଓ ଘୁଷୁରି (୧୦+୧) ଫାର୍ମ ପ୍ରତିଷ୍ଠା ପାଇଁ ୫୦ ରୁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନା ଅଧୀନରେ ୪୭,୯୭୦ ଜଣ ହିତାଧିକାରୀ ଲାଭାନ୍ୱିତ ହୋଇପାରିଛନ୍ତି ଏବଂ ଶତାଧିକ ହିତାଧିକାରୀ କାର୍ଯ୍ୟାଦେଶ ପାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି।


# ଭ୍ରାମ୍ୟମାଣ ଚିକିତ୍ସା ସେବା

ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା (ଏମ୍‌ଭିୟୁ) ପ୍ରାଣୀଙ୍କ ଟିକାକାରଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହି ଏମ୍‌ଭିୟୁ ମାଧ୍ୟମରେ ୨୮ ଲକ୍ଷ ୩୨ ହଜାର ପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଛି ଏବଂ ୫୫ ଲକ୍ଷ ୧୦ ହଜାର ପ୍ରାଣୀଙ୍କୁ ପ୍ରତିଷେଧକ ଟିକାକରଣ କରାଯାଇଛି।



# ମାଣ୍ଡିଆ ଚାଷ ପାଇଁ କୋରାପୁଟ ପୁରସ୍କୃତ

ଆମ ରାଜ୍ୟରେ ଅଧିକ ମାଣ୍ଡିଆ ଉତ୍ପାଦନ ପାଇଁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟ ଜିଲାକୁ ପୁରସ୍କୃତ କରାଯାଇଛି। କାରଣ ମାଣ୍ଡିଆ ଉତ୍ପାଦନରେ ଏହି ଜିଲା ଏ ବର୍ଷ ଶୀର୍ଷ ସ୍ଥାନ ଅଧିକାର କରିଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କୋରାପୁଟରେ ୪ ଲକ୍ଷ୨୨ ହଜାର ୬୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଛି। ଏହା ମାଣ୍ଡିଆ ଚାଷୀଙ୍କ ପାଇଁ ବେଶ୍ ପ୍ରେରଣାଦାୟକ ସାଜିବ।



# ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା

ବୁଲା ଗୋରୁ, ବୁଲା କୁକୁର ଓ ଅସହାୟ ପ୍ରାଣୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରାଯାଇଛି। ପଞ୍ଜୀକୃତ ଗୋଶାଳାରେ ବୟସ୍କ ଗୋରୁ ପ୍ରତି ବାର୍ଷିକ ୨୦,୦୦୦ ଟଙ୍କା ହିସାବରେ ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ



ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି। ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ୨୦ରୁ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ରହିଛି। ଆନିମଲ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର – ୧୯୬୨) ମାଧ୍ୟମରେ ବୁଲା ଓ ଅସହାୟ ପ୍ରାଣୀଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଏବଂ ଟେଲି ଭେଟେରିନାରି ସର୍ଭିସ୍ (ଟୋଲ୍ ଫ୍ରି ନମ୍ବର – ୧୯୬୨ ଏବଂ ୧୫୫୩୩୩) ମାଧ୍ୟମରେ ପ୍ରାଣୀ ପାଳନ, ଚିକିତ୍ସା, ଟିକାକରଣ ଏବଂ ବିଭିନ୍ନ ଯୋଜନା ବିଷୟରେ ସବିଶେଷ ତଥ୍ୟ ଓ ପରାମର୍ଶ ପ୍ରଦାନ କରାଯାଉଛି।

# ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ବ୍ୟୟ ଅଟକଳ

ଚଳିତ ବର୍ଷ ୧୦ଟି ଜିଲା ସ୍ତରୀୟ ପ୍ରାଣୀ ଚିକିତ୍ସା ହସ୍ପିଟାଲ, ୭୦ଟି ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ ସହ ଅନ୍ୟାନ୍ୟ କୋଠା ନିର୍ମାଣ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଓ ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ, ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ,ହିମୀକୃତ ଶୁକ୍ରଭଣ୍ଡାର,ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜିଲା ପ୍ରଶିକ୍ଷଣ କକ୍ଷଇତ୍ୟାଦିର ପ୍ରଶାସନିକ ଭବନ ଏବଂ ୨୦ଟି ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୯୫କୋଟି ୯୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ପ୍ରଥମ ଥର ଲାଗି ଓଡ଼ିଶାରୁ ଡ୍ରାଗନ ଫଳ ରପ୍ତାନି

ପ୍ରଥମ ଥର ପାଇଁ ଓଡ଼ିଶାରୁ ବିଦେଶକୁ ଡ୍ରାଗନ ଫଳ ରପ୍ତାନି କରାଯାଇଛି। ବଲାଙ୍ଗୀର ଜିଲା ପାଟଣାଗଡ଼ରେ ଉତ୍ପାଦିତ ଏହି ଫଳଗୁଡିକୁ ଦୁବାଇ ପଠାଯାଇଛି। ପ୍ରଥମ ଥର ପାଇଁ ୪ କୁଇଣ୍ଟାଲ ଡ୍ରାଗନ ଫଳ ରପ୍ତାନି କରାଯାଇଛି। ଏହି ଚାଷ ସମ୍ପୂର୍ଣ୍ଣ ଭାବରେ ଜୈବିକ ଉପାୟରେ ହୋଇଛି। ଫଳରେ ଏହାର ପୌଷ୍ଟିକ ତତ୍ତ୍ୱ ଅନ୍ୟ ଫଳଗୁଡିକ ଅପେକ୍ଷା ଅଧିକ ଦିନ ସତେଜ ରହିବ।



# ଓୟୁଏଟି : ସ୍ମରଣୀୟ ବର୍ଷ

## ଓୟୁଏଟି କୁଳପତିଙ୍କୁ ଏମ୍.ଏସ୍.ସ୍ୱାମୀନାଥନ ସମ୍ମାନ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କୁ ଚଳିତ ବର୍ଷର ଏମ୍.ଏସ୍. ସ୍ୱାମୀନାଥନ ସମ୍ମାନରେ ସମ୍ମାନିତ କରାଯାଇଛି। ଏଗ୍ରି ଭିଜନ-୨୦୨୪ରେ ଆଇସିଏଆର୍‌ର ଉପନିର୍ଦ୍ଦେଶକ ଶସ୍ୟବିଜ୍ଞାନୀ ଡ. ଟି.ଆର୍. ଶର୍ମା କୁଳପତିଙ୍କୁ ସମ୍ମାନିତ କରିଥିଲେ।



## ଡାଲିଜାତୀୟ ଗୋଖାଦ୍ୟ ଫସଲ ବିହନ 'ପ୍ରଥମା' ଉନ୍ମୋଚିତ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକଶିତ ଡାଲିଜାତୀୟ ଗୋଖାଦ୍ୟ ସଫଳ ବିହନ 'ପ୍ରଥମା'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ଉନ୍ମୋଚନ କରିଛନ୍ତି। ଏହା ଦେଶର 'ପିଲିପେଶରା'ର ସର୍ବପ୍ରଥମ କିସମ। ଏଥିରେ ହେକ୍ଟର ପିଛା ହାରାହାରି ୧୫୭.୫ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଏବଂ ୧୮୨ କୁଇଣ୍ଟାଲ ମଞ୍ଜି ଅମଳ କ୍ଷମତା ରହିଛି।






## କୃଷି ଓ ଗବେଷଣା କ୍ଷେତ୍ରରେ ପ୍ରୟୋଗ ହେବ ଏଆଇ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ କୃଷି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ତଥା ରୋବୋଟିକ୍ସର ପ୍ରୟୋଗ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଉଭୟ ଅନୁଷ୍ଠାନର ଛାତ୍ରୀଛାତ୍ର ଏବଂ ବୈଜ୍ଞାନିକମାନେ ପରସ୍ପର ମଧ୍ୟରେ ଜ୍ଞାନକୌଶଳର ଆଦାନପ୍ରଦାନ କରିପାରିବେ।

## ରାଇମତିଙ୍କୁ ଡକ୍ଟରେଟ ସମ୍ମାନ

ମାଣ୍ଡିଆ ଚାଷର ସଂରକ୍ଷଣ ଲାଗି କୋରାପୁଟ କୁନ୍ଦ୍ରା ବ୍ଲକ୍ ନୂଆଗଡ଼ ଗାଁର ରାଇମତି ଘିଉରିଆଙ୍କୁ ସମ୍ମାନସୂଚକ 'ଡକ୍ଟରେଟ' ଉପାଧି ପ୍ରଦାନ କରାଯାଇଛି। ସେ ମାତ୍ର ସପ୍ତମ ଯାଏ ପାଠ ପଢ଼ିଛନ୍ତି। ହେଲେ ଚାଷ ପ୍ରତି ଅଧିକ ରୁଚି ରଖୁଥିବା ରାଇମତି ପ୍ରାୟ ୭୦ରୁ ଅଧିକ କିସମର ଧାନ ଏବଂ ୩୦ରୁ ଅଧିକ କିସମର ମାଣ୍ଡିଆ ସଂରକ୍ଷଣ କରିଛନ୍ତି। ଏହାବ୍ୟତୀତ ଚଳିତ ବର୍ଷ ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବ ପାଳନ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)କୁ ନବମ ସ୍ଥାନ ଦିଆଯାଇଛି।



# କିଟ୍‌ରେ ଆର୍ଚେରୀ, କ୍ରିକେଟ ଏଚ୍‌ପିସି




ଡିଆରବି ଓ ଦିଲ୍ଲୀ କ୍ୟାପିଟାଲ୍ସ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୪।୧୨ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆର୍ଚେରୀ ଓ କ୍ରିକେଟ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ହେବ। କିମ୍ବଦନ୍ତୀ ଆର୍ଚର ଡୋଲା ବାନାର୍ଜୀ (ପୂର୍ବତନ ବିଶ୍ୱ ଚାମ୍ପିୟନ ଏବଂ ଅର୍ଜୁନ ପୁରସ୍କାରପ୍ରାପ୍ତ) ଏବଂ ରାହୁଲ ବାନାର୍ଜୀ (ଅଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ)ଙ୍କ ଡିଆରବି ଫାଉଣ୍ଡେଶନ ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆର୍ଚେରୀ ଏଚ୍‌ପିସି କାର୍ଯ୍ୟ କରିବ। ସେହିପରି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ସହ ପାର୍ଟନରଶିପ୍‌ରେ କ୍ରିକେଟ ଏଚ୍‌ପିସି ହେବ। ଏଥିରେ ବିଶ୍ୱସ୍ତରୀୟ ଟ୍ରେନିଂ, କୋଚିଂ ସହିତ ପ୍ରତିଭା ସମ୍ପନ୍ନ ଆଥଲେଟ୍ ବିଶେଷ କରି ଓଡ଼ିଶାର ସ୍ଥାନୀୟ ପ୍ରତିଭାଙ୍କୁ ପ୍ରଶିକ୍ଷିତ କରିବା ଦିଗରେ କାର୍ଯ୍ୟ କରିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଯୁଗ୍ମ ସମ୍ପାଦକ (ସ୍ପୋର୍ଟ୍ସ) ବଲଜିତ ସିଂ ଶେଖୋଁ, ଡୋଲା ବାନାର୍ଜୀ, ରାହୁଲ ବାନାର୍ଜୀ ଓ ଦିଲ୍ଲୀ କ୍ୟାପିଟାଲ୍ସର ଅପରେଶନାଲ ନିର୍ଦ୍ଦେଶକ ପ୍ରତୀକ ପୁରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକଭାବେ ମଙ୍ଗଳବାର ଏହି ଦୁଇ ଏଚ୍‌ପିସି ସମ୍ପର୍କରେ ଘୋଷଣା କରାଯାଇଛି। କିଟ୍ ପରିସରରେ ଏକାଧିକ କ୍ରୀଡ଼ାର ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ କରାଇଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ ଡୋଲା ବାନାର୍ଜୀ। ଆର୍ଚେରୀ ଏଚ୍‌ପିସି ପାଇଁ ଡିଆରବି ଫାଉଣ୍ଡେଶନ ପକ୍ଷରୁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦିଆଯିବ ବୋଲି ରାହୁଲ ବାନାର୍ଜୀ ଆଶ୍ୱାସନା ଦେଇଥିଲେ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆର୍ଚେରୀ ଉଦ୍‌ଘାଟିତ

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ସର୍ବଭାରତୀୟ ଆର୍ଚେରୀ (ମହିଳା ଓ ପୁରୁଷ) ଏବଂ ଯୋଗାସନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଆଇୟୁ ସହଯୋଗରେ ଆର୍ଚେରୀ ପ୍ରତିଯୋଗିତା ୨୭ ଏବଂ ଯୋଗାସନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୭,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ୨ ଥର ଅଲିମ୍ପିକ୍ ହକି ମେଡାଲିଷ୍ଟ କ୍ୟାପଟେନ ସମରେଶ ସିଂ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, ଆୟୋଜକ କମିଟି ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫେବୃଆରୀ ୨୩ ଦୁବାଇରେ ଭାରତ-ପାକିସ୍ତାନ ଭେଟ

**ଦୁବାଇ, ୨୪।୧୨ (ପି.ଟି.)**

ଆସନ୍ତା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଭାରତ ଏହାର ଲିଗ୍ ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବ। ଭାରତ-ପାକିସ୍ତାନ ମ୍ୟାଚ ଫେବୃଆରୀ ୨୩ରେ ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ପ୍ରକାଶ କରାଯାଇଛି। ଭାରତ ଓ ପାକିସ୍ତାନ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ଏହି

## ଚାମ୍ପିୟନ୍ସ ଟ୍ରଫି କାର୍ଯ୍ୟସୂଚୀ ଘୋଷିତ

ଗ୍ରୁପ୍‌ରେ ରହିଥିବା ଅନ୍ୟ ଦୁଇ ଦଳ ହେଲେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ। ଗ୍ରୁପ୍ 'ବି'ରେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଆଫଗାନିସ୍ତାନ ଓ ଇଂଲଣ୍ଡ ରହିଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଫେବୃଆରୀ ୧୯ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫାଇନାଲ ମାର୍ଚ୍ଚ ୯ରେ ଲାହୋରର ଗଦାଫି ଷ୍ଟାଡିୟମରେ ଆୟୋଜିତ ହେବ। ମାତ୍ର ଭାରତ ଯଦି ଯୋଗ୍ୟତା ଅର୍ଜନ କରେ ତେବେ ସମ୍ପୃକ୍ତ ଥିବା ସେମିଫାଇନାଲ ଓ ଫାଇନାଲ ଦୁବାଇରେ ଅନୁଷ୍ଠିତ ହେବ।




୨ଟି ସେମିଫାଇନାଲ ଓ ଫାଇନାଲ ପାଇଁ ରିଜର୍ଭ ଦିବସ ରଖାଯାଇଛି। ପାକିସ୍ତାନକୁ ଭେଟିବା ପୂର୍ବରୁ ୨୦ ତାରିଖରେ ବାଂଲାଦେଶକୁ ଭେଟି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବ। ଗତବର୍ଷ ଅନୁଷ୍ଠିତ ଦିନିକିଆ ବିଶ୍ୱକପର ଶ୍ରେଷ୍ଠ ୮ ଦଳ ଚାମ୍ପିୟନ୍ସ ଟ୍ରଫିରେ ଖେଳିବେ।

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ଫେବୃଆରୀ ୧୯ | ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ | କରାଚୀ |
| **ଫେବୃଆରୀ ୨୦** | **ବାଂଲାଦେଶ ବନାମ ଭାରତ** | **ଦୁବାଇ** |
| ଫେବୃଆରୀ ୨୧ | ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | କରାଚୀ |
| ଫେବୃଆରୀ ୨୨ | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ଲାହୋର |
| **ଫେବୃଆରୀ ୨୩** | **ପାକିସ୍ତାନ ବନାମ ଭାରତ** | **ଦୁବାଇ** |
| ଫେବୃଆରୀ ୨୪ | ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ | ରାୱଲପିଣ୍ଡି |
| ଫେବୃଆରୀ ୨୫ | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ରାୱଲପିଣ୍ଡି |
| ଫେବୃଆରୀ ୨୬ | ଆଫଗାନିସ୍ତାନ ବନାମ ଇଂଲଣ୍ଡ | ଲାହୋର |
| ଫେବୃଆରୀ ୨୭ | ପାକିସ୍ତାନ ବନାମ ବାଂଲାଦେଶ | ରାୱଲପିଣ୍ଡି |
| ଫେବୃଆରୀ ୨୮ | ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ | ଲାହୋର |
| ମାର୍ଚ୍ଚ ୧ | ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ | କରାଚୀ |
| **ମାର୍ଚ୍ଚ ୨** | **ନ୍ୟୁଜିଲାଣ୍ଡ ବନାମ ଭାରତ** | **ଦୁବାଇ** |
| ମାର୍ଚ୍ଚ ୪ | ପ୍ରଥମ ସେମିଫାଇନାଲ | ଦୁବାଇ |
| ମାର୍ଚ୍ଚ ୫ | ଦ୍ୱିତୀୟ ସେମିଫାଇନାଲ | ଲାହୋର |
| ମାର୍ଚ୍ଚ ୯ | ଫାଇନାଲ | ଲାହୋର |

**(ବି.ଦ୍ର.: ଭାରତ ଯୋଗ୍ୟତା ଅର୍ଜନ କଲେ ପ୍ରଥମ ସେମିଫାଇନାଲ ଖେଳିବ। ପାକିସ୍ତାନ ଯଦି ଯୋଗ୍ୟତା ହାସଲ କରିବ ତେବେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ଭାରତ ଫାଇନାଲକୁ ଉନ୍ନୀତ ହେଲେ ମ୍ୟାଚ ଲାହୋର ପରିବର୍ତ୍ତେ ଦୁବାଇରେ ଅନୁଷ୍ଠିତ ହେବ)**












4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ